R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୪୯
ତିଥି : ତୃତୀୟା
୨୩ ନଭେମ୍ବର ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ
ସମୟ SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 49
23 November 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଚୀନ୍, ତୁର୍କୀ ନିର୍ମିତ ପିସ୍ତଲ ବେଆଇନ୍ ଭାବେ ଆସୁଛି ଭାରତ

ନୂଆଦିଲ୍ଲୀ, ୨୨ ।୧୧ : ଚୀନ୍ ଓ ତୁର୍କୀରେ ନିର୍ମାଣ ହେଉଥିବା ବେଆଇନ୍ ଅସ୍ତ୍ରଶସ୍ତ୍ର ଭାରତ ଆସୁଛି । ଅନ୍ତର୍ଜାତୀୟ ବେଆଇନ୍ ଅସ୍ତ୍ରଶସ୍ତ୍ର ଚାଲାଣ ର୍‍ୟାକେଟ୍‌କୁ ଆଜି ଦିଲ୍ଲୀ ପୋଲିସ ଠାବ କରିଛି । ଏହି ଚାଲଣର ପ୍ରମୁଖ ସିଣ୍ଡିକେଟ୍ ପାକିସ୍ତାନର ଇଣ୍ଟର ସର୍ଭିସ୍ ଇଣ୍ଟେଲିଜେନ୍ସି (ଆଇଏସ୍‌ଆଇ) ଦ୍ୱାରା କରାଯାଉଥିବା ସୂଚନା ମିଳିଛି । ପାକିସ୍ତାନରୁ ବେଆଇନ୍ ଭାବେ ଏହି ପିସ୍ତଲଗୁଡ଼ିକ ଡ୍ରୋନ୍ ସାହାଯ୍ୟରେ ଭାରତ ଆସୁଛି ।

ପୋଲିସ ଏହି ଘଟଣାରେ ଏହି ବେଆଇନ୍ ଅସ୍ତ୍ର ଚାଲାଣ ର୍‍ୟାକେଟର ୪ ଜଣଙ୍କୁ ଗିରଫ କରିଛି । ସେଥିମଧ୍ୟରେ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଥିବା ପଞ୍ଜାବର ମନ୍‌ଦୀପ, ଉତ୍ତରପ୍ରଦେଶର ରୋହନ ଓ ମୋନୁ । ପୋଲିସ ଏହି ଘଟଣାରେ ୧୦ ବିଦେଶୀ ପିସ୍ତଲ ଓ ୯୨ ଗୁଳି ଜବତ କରିଛି । ଏମାନଙ୍କ ନାମରେ ମାମଲା ରୁଜୁ ହୋଇଛି । ପୂର୍ବରୁ ଏହି ଗ୍ୟାଙ୍ଗ ନାମରେ ମଧ୍ୟ ହତ୍ୟା ସମେତ ଅନେକ ଅପରାଧିକ ମାମଲା ରହିଛି । ତଦନ୍ତରୁ ଜଣାପଡ଼ିଛି ଯେ ଡ୍ରୋନ୍ ସାହାଯ୍ୟରେ ଯୋଜନା କରାଯାଇ ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ବିଭିନ୍ନ ସ୍ଥାନକୁ ଅଣାଯାଉଛି । ଏହାକୁ କାର୍ବନ ପେପରରେ ଗୁଡାଯାଉଥିବାରୁ ସ୍କାନରରେ ଏହା ଜଣାପଡୁନାହିଁ । ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଯେଉଁ ସ୍ଥାନରେ ଏହି ଅସ୍ତ୍ରଶସ୍ତ୍ର ପଡୁଛି ସେଠୁ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ଓ ଏହାକୁ ଦିଲ୍ଲୀ ଅଣାଯାଉଛି । ଏହାକୁ ଦିଲ୍ଲୀ ଓ (୯ ପୃଷ୍ଠାରେ)


## ୩୭ ମାଓବାଦୀଙ୍କ ଆତ୍ମସମର୍ପଣ

ନୂଆଦିଲ୍ଲୀ, ୨୨ ।୧୧ : ତେଲେଙ୍ଗାନା ଡିଜିପିଙ୍କ ନିକଟରେ ୩ ଜଣ ସିସିଏମ୍ ନକ୍ସଲଙ୍କ ସହ ୩୭ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୩ ଜଣ ରାଜ୍ୟ କମିଟି ସଦସ୍ୟ ଅଛନ୍ତି । ତେଲେଙ୍ଗାନା ରାଜ୍ୟ କମିଟି ସଦସ୍ୟ କୋଏଡା ସାମ୍ବାୟା ଓରଫ ଆଜାଦ୍, ଆପ୍ପାସି ନାରାୟଣ ଓରଫ ରମେଶ ଓ ମୁଚାକି ସୋମଡା ଅଛନ୍ତି । ତେଲେଙ୍ଗାନା ସରକାର ପକ୍ଷରୁ ୨୦ ଲକ୍ଷ ଲେଖାଏଁ ପୁରସ୍କାର ଏମାନଙ୍କ ନାମରେ ଘୋଷଣା କରାଯାଇଥିଲା । ଏହାସହ ଗୋଟିଏ ଏକେ-୪୭ ରାଇଫଲ, ଦୁଇ ଏସ୍‌ଏଲ୍‌ଆର ବନ୍ଧୁକ, ଚାରି ୩୦୩ ରାଇଫଲ, ଗୋଟିଏ ଜି-୩ ରାଇଫଲ ସମେତ ୩୪୩ ଗୁଳି ପୋଲିସକୁ ହସ୍ତାନ୍ତର କରିଛନ୍ତି ।

ମୋଟ୍ ୩୭ ନକ୍ସଲ ଆତ୍ମ ସମର୍ପଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିଏମ୍ ନୁପେ ଗଙ୍ଗା, ମାଡବୀ ଶୁକା, କୁଜଙ୍ଗ କାମଲା, ପଡିୟମ୍ ଜଗା ପ୍ରମୁଖ ରହିଛନ୍ତି । ମୋଟ୍ ଏହି ୩୭ ନକ୍ସଲଙ୍କ ନାମରେ ୧ କୋଟି ୪୧ ଲକ୍ଷ ପୁରସ୍କାର ରାଶି ରହିଥିଲା । ଟପ୍ ମାଓନେତା ହିଡମାର ମୃତ୍ୟୁ ପରେ ନକ୍ସଲ ସଂଗଠନ ଦୋହଲି ଯାଇଛି । ଜଙ୍ଗଲରେ ରହିଯାଇଥିବା ଆଉକିଛି ନକ୍ସଲ ଏବେ ଆତ୍ମସମର୍ପଣ ପାଇଁ ତତ୍ପରତା ଦେଖାଉଛନ୍ତି । ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ପୋଲିସ ଆର୍ଥିକ ସହାୟତା ପ୍ରଦାନ କରିଛି । ଏକେ-୪୭ ରାଇଫଲ ଧରୁଥିବା ନକ୍ସଲଙ୍କୁ ଅଧିକ ୪ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଛି ।

# ବଳ ଗୋଟାଉଛି ବାତ୍ୟା 'ସେନୟାର'

ଭୁବନେଶ୍ୱର, ୨୨ ।୧୧ (ସବ୍ୟୁ): ଆଣ୍ଡାମାନ ସାଗରରେ ବଳ ଗୋଟାଉଛି ସମ୍ଭାବ୍ୟ ବାତ୍ୟା । ଶନିବାର ଲଘୁଚାପ ରୂପ ନେବା ପରେ ଆହୁରି ଶକ୍ତିଶାଳୀ ହୋଇ ଆଗକୁ ବଢ଼ିଛି । ତେବେ ବାତ୍ୟା ରୂପ ନେବା ପରେ ଏହାର ନାମ ସେନୟାର ରହିବ । ଏହା ଓଡ଼ିଶାରୁ ପଶ୍ଚିମବଙ୍ଗ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ତେବେ ଆସନ୍ତା ଦୁଧିଦିନ ପରେ ଏହାର ସଠିକ ଗତି, ତୀବ୍ରତା କହିହେବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି ।




- ପଶ୍ଚିମାଝଡ଼ ପ୍ରଭାବରେ ଉପରକୁ ଉଠୁଛି
- ଆନ୍ଧ୍ର, ଓଡିଶା, ପଶ୍ଚିମବଙ୍ଗ ଭିତରେ ପ୍ରବେଶ
- ୨୮ ରୁ ରାଜ୍ୟରେ ବର୍ଷା ଆରମ୍ଭ

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ଦକ୍ଷିଣ ଆଣ୍ଡାମାନସାଗରର ସଂଲଗ୍ନ ଅଞ୍ଚଳ ଓ ମାଲାକ୍କା ସନ୍ଧିରେ ଶନିବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୨୪ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଅବପାତରେ ପରିଣତ ହେବ । ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି ଜାରି ରଖି ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଆହୁରୀ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବାର ସମ୍ଭାବନା ଅଛି ।

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ମାଲାକ୍କା ସମୁଦ୍ର ସନ୍ଧି ଅଞ୍ଚଳରେ ଲଘୁଚାପ ରହିଛି । ଏହା ସହ ପଶ୍ଚିମ ଝଡ ବାୟୁମଣ୍ଡଳକୁ ପ୍ରଭାବିତ (୯ ପୃଷ୍ଠାରେ)

### ୨୭ରୁ କମିବ ରାତି ତାପମାତ୍ରା

ଭୁବନେଶ୍ୱର, ୨୨ ।୧୧ (ସବ୍ୟୁ): ଆସନ୍ତା ୨୭ ତାରିଖରୁ ଶୁଷ୍କ ଥଣ୍ଡା ଉତ୍ତରା ପବନ ରାଜ୍ୟକୁ ବୋହିବ । ଫଳରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା କମିବ । ଗତ ସପ୍ତାହ ପରି ଅନେକ ସ୍ଥାନରେ ରାତିର ପାରଦ ୧୫ ଡିଗ୍ରୀ ସେଲସିୟସରୁ କମିବା ସହିତ ଶୀତ ବଢ଼ିବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି, ରାଜ୍ୟରେ ଉପକୂଳ ଓ ସଂଲଗ୍ନ ବଙ୍ଗୋପସାଗରରେ ତାପମାତ୍ରା କମିବା ଯୋଗୁ ଗୋପାଳପୁରରୁ ଉତ୍ତର ଉପକୂଳ ସଂଲଗ୍ନ ବଙ୍ଗୋପସାଗରର ଜଳପଢନରେ ତାପମାତ୍ରା ୨୭ ଡିଗ୍ରୀରୁ କମିପାରେ । ଉପ-ଉଷ୍ଣମଣ୍ଡଳୀୟ ଗୁରୁଚାପ ବଳୟ ଓ ଉପର ବାୟୁମଣ୍ଡଳର ଜେଟ ସିଷ୍ଟମରେ ଘୂର୍ଣ୍ଣିବଳୟର ଅବସ୍ଥିତିର ପରିବର୍ତ୍ତନ ସହିତ ଓଡ଼ିଶା ଉପକୂଳକୁ ଶୁଷ୍କ ବାୟୁର ସମ୍ଭାବ୍ୟ ପ୍ରବାହ ଓ ଥଣ୍ଡା ବଢ଼ିବା ସମ୍ଭବତଃ କାରଣ ହୋଇପାରେ । ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବାକୁ ପ୍ରତିକୂଳ ରହିବ । ତେବେ ଲ୍ୟାଣ୍ଡଫଲର ଅନିର୍ଦ୍ଦିଷ୍ଟତା ୨୭ ବେଳକୁ ସ୍ପଷ୍ଟ ହୋଇପାରେ । ଗତ ସପ୍ତାହରେ ଦିଆଯାଇଥିବା କୃଷି ପରାମର୍ଶ ବର୍ତ୍ତମାନ ବି ଗ୍ରହଣୀୟ ବୋଲି ଶ୍ରୀ ପଶୁପାଳକ କହିଛନ୍ତି । (୯ ପୃଷ୍ଠାରେ)

T-104

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା. ୨୪.୧୧.୨୦୨୫ (ସୋମବାର) ଦିନ ୧୦:୩୦ ଘଟିକା ସମୟରେ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ । ଗତ ତା.୦୮.୦୯.୨୦୨୫ ରିଖ ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜିକରଣ କରିଥିଲେ, ଏହି ଶୁଣାଣୀ କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନେ ପୁନଃ ପଞ୍ଜିକରଣ କରିବା ଆବଶ୍ୟକତା ନାହିଁ । ସେପ୍ଟେମ୍ବର ୦୮ ତାରିଖ ପାଇଁ ପୂର୍ବରୁ ପଞ୍ଜିକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡକୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣୀ ସ୍ଥଳରେ ପହଞ୍ଚି ପାରିବେ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

## ଜି-୨୦ ସମ୍ମିଳନୀରେ ମୋଦୀଙ୍କ ୪ ପ୍ରସ୍ତାବ

# ବେଆଇନ ନିଶା ଚାଲାଣ ବିରୋଧରେ ସଚେତନତା ହେଉ

ନୂଆଦିଲ୍ଲୀ, ୨୨।୧୧ : ବିଶ୍ୱର ବିକାଶକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ । ଏଥିଲାଗି ସମନ୍ୱିତ ନିରନ୍ତର ମଡେଲ ପ୍ରସ୍ତୁତ କରାଯାଇ ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ତେବେ ନିଶାଦ୍ରବ୍ୟ ଓ ଆତଙ୍କୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ ବୋଲି ଦ.ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି-୨୦ ସମିଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତ ରଖିଛନ୍ତି । ପ୍ରଧାନମନ୍ତ୍ରୀ ଏହି ବୈଠକରେ ମୁଖ୍ୟତଃ ସ୍ୱାସ୍ଥ୍ୟସେବା, ପାରମ୍ପରିକ ଜ୍ଞାନ ଓ ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ବିଶ୍ୱସ୍ତରରେ ଅଭିଯାନ ଚଳାଇବାକୁ ପ୍ରସ୍ତାବ ଦେଇଛନ୍ତି ।



ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବାକୁ ଦ.ଆଫ୍ରିକାର ଜୋହାନ୍ସବର୍ଗରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ କରାଯାଇଥିଲା । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲୋବାନିଜଙ୍କ ସହ ମୋଦିଙ୍କ ସାକ୍ଷାତ ଆଲୋଚନା ହୋଇଛି । ଦୁଇ ନେତା ପ୍ରତିରକ୍ଷା ଓ ବାଣିଜ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଛନ୍ତି । ପ୍ରଥମଥର ଲାଗି ଜି-୨୦ ସମିଟ ଦ.ଆଫ୍ରିକାରେ ହୋଇଛି । ଏଥିରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, (୯ ପୃଷ୍ଠାରେ)

## ସନ୍ଦିଗ୍ଧ ବାଂଲାଦେଶୀ ସିକନ୍ଦର ଗିରଫ

ରଘୁନାଥପୁର, ୨୨ ।୧୧(ସବ୍ୟୁ) ଜଗତସିଂହପୁର ଥାନା ଅଧିନସ୍ଥ ତରିକୁନ୍ଦ ଫାଣ୍ଡି ଅନ୍ତର୍ଗତର ଜଇଶୋଳ ପଞ୍ଚାୟତର ବେରାମପୁର ଓ ବଙ୍ଗାଳିଖରଦାରେ ସଂଦିଗ୍ଧ ବାଂଲାଦେଶୀଙ୍କ ୧୦ବଖରା ଘର ଜିଲ୍ଲା ପ୍ରଶାସନ ପକ୍ଷରୁ ଭଙ୍ଗାଯିବା ପରେ ଏହାର ମୁଖ୍ୟ ଅଭିଯୁକ୍ତ ସିକୁ ଓରଫ ସିକନ୍ଦର ଆଲାମ ଓ ତାଙ୍କ ଭାଇ ମୋତିଲାଫ ଓରଫ ଟିକି ସହିତ କେତେକ ସଂଦିଗ୍ଧ ଫେରାର ହୋଇଯାଇଥିଲେ । ସଂଦିଗ୍ଧ ବାଂଲାଦେଶୀଙ୍କ ସହିତ ଲିଙ୍କଥିବା ସନ୍ଦେହ କରି ପୋଲିସ ସିକୁଙ୍କ ଧନିପୁରସ୍ଥିତ ବାସଭବନରେ ଗୁରୁବାର ଚଢ଼ାଉ କରି କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା । ଦୁଇ ଭାଇ ସିକୁ ଓ ଟିକିକୁ ଧରିବାପାଇଁ ଜଗତସିଂହପୁର ଜିଲ୍ଲା ଏସପିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୋଲିସ ଟିମ (୯ ପୃଷ୍ଠାରେ)

### ପୋଲିସ ଏସ୍‌ଆଇ ନିଯୁକ୍ତି ଘୋଟାଲା

## ଦୁଇଦିନରେ ୧୦ଙ୍କୁ ସିବିଆଇ ଜେରା

ଭୁବନେଶ୍ୱର, ୨୨ ।୧୧ (ସବ୍ୟୁ) : ପୋଲିସ ଏସ୍‌ଆଇ ନିଯୁକ୍ତି ଘୋଟାଲାର ସିବିଆଇ ତଦନ୍ତ କରୁଥିବାବେଳେ ୧୦ ଜଣଙ୍କୁ ଦୁଇଦିନରେ ଜେରା କରାଗଲାଣି । ସେମାନଙ୍କୁ ନୋଟିସ ଜାରି କରାଯାଇଥିଲା । ଶୁକ୍ରବାର ଦିନ ୪ ଜଣ ଏସ୍‌ଆଇ ପରୀକ୍ଷାର୍ଥୀ ସିବିଆଇରେ ହାଜର ହୋଇଥିଲେ । ସେମାନଙ୍କୁ ଦୀର୍ଘ ୮ ଘଣ୍ଟା ଜେରା କରାଯାଇଥିଲାବେଳେ ଶନିବାର ଆଉ ୬ ଜଣ ହାଜର ହୋଇଥିଲେ । ଶନିବାର ହାଜର ହୋଇଥିବା ୬ ଜଣଙ୍କୁ ଦୀର୍ଘ ସମୟ ମୁହାଁମୁହିଁ ଜେରା କରାଯାଇଥିଲା । (୯ ପୃଷ୍ଠାରେ)

# ଇସିଙ୍କୁ ଫେରାଦ ହେବ ବିଜେଡି

ଭୁବନେଶ୍ୱର, ୨୨ ।୧୧ (ସବ୍ୟୁ) : ନୂଆପଡା ବିଧାନସଭା ଉପନିର୍ବାଚନରେ ଅନିୟମିତତା ଅଭିଯୋଗକୁ ନେଇ ବିଜେଡି ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେବ । ୬୩


### ନୂଆପଡାରେ ୬୩ ବୁଥ୍‌ରେ ଅନିୟମିତତା ଅଭିଯୋଗ

### ସଂସଦ, ବିଧାନସଭାରେ ଉତ୍‌ଥାପନ ପ୍ରସଙ୍ଗ ନେଇ ଇନ୍‌ପୁଟ୍ ଲୋଡ଼ିଲେ ନବୀନ

ବୁଥ୍‌ରେ ଭୋଟ୍ ଅନିୟମିତତା ହୋଇଛି ବୋଲି ବିଜେଡି ଅଭିଯୋଗ ଆଣିବ । ଏ ସଂକ୍ରାନ୍ତିୟ ତଥ୍ୟ ସଂଗ୍ରହ କରାଯାଉଛି । (୯ ପୃଷ୍ଠାରେ)







## ଆଜି ଜନ୍ମଦିନ ନବକୃଷ୍ଣ ଚୌଧୁରୀ

ଓଡ଼ିଶାରେ ଗାନ୍ଧିବାଦୀ ଅନୁଚିନ୍ତନର ଚିନ୍ତା ଓ ଚେତନାକୁ ଜାଗରଣ କରିଥିବା ବିଶିଷ୍ଟ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କର ଆଜି ହେଉଛି ପବିତ୍ର ଜନ୍ମତିଥି । ୧୯୦୧ ମସିହା ୨୩ ନଭେମ୍ବରରେ ଏହି ମହାନ ଜନନେତାଙ୍କର ଜନ୍ମ ହୋଇଥିଲା । ନବକୃଷ୍ଣ ଚୌଧୁରୀଙ୍କର କେବଳ ବେଶଭୂଷା ନୁହେଁ ବରଂ ତାଙ୍କ ଜୀବନାଦର୍ଶ ଥିଲା ସମ୍ପୂର୍ଣ୍ଣ ରୂପେ ଅତ୍ୟନ୍ତ ସାଧାସିଧା ଓ ନିରାଡ଼ମ୍ବର । ସମାଜର ତଳସ୍ତରରେ ଜୀବନ ଜୀବିକାକୁ ନେଇ ଅହର୍ନିଶି ସଂଗ୍ରାମ କରୁଥିବା ଲୋକଙ୍କ ପାଇଁ ସେ ସର୍ବଦା କାମ କରୁଥିଲେ । ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ଜମିଦାରୀ ଉଚ୍ଛେଦ ଆଇନ ବଳରେ ଜମିଦାରୀ ପ୍ରଥାର ଅବସାନ କରିଥିଲେ । ସେ ହେଉଛନ୍ତି ପ୍ରଥମ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟର ଭାଷାକୁ ସରକାରୀ ଭାଷା କରିବାକୁ ଆଇନ ପ୍ରଣୟନ କରିଥିଲେ । କେବଳ ସେତିକି ନୁହେଁ ଛୋଟମୋଟର ମାମଲାକୁ କୋର୍ଟ କଚେରୀକୁ ନନେଇ ଗ୍ରାମ୍ୟସ୍ତରରେ ଗ୍ରାମସଭା ଦ୍ୱାରା ନିରପେକ୍ଷ ବ୍ୟକ୍ତିତ୍ୱମାନଙ୍କ ଦ୍ୱାରା ନ୍ୟାୟ ପ୍ରଦାନର ବ୍ୟବସ୍ଥା କରାଇଥିଲେ । ସେ ଏହାସହ ମହାଜନୀ ଋଣ ନେଇ କ୍ଷତିଗ୍ରସ୍ତ ଲୋକଙ୍କ ସୁରକ୍ଷା ପାଇଁ ସେ ବିଧିବଦ୍ଧ ଭାବେ ଆଇନ ପ୍ରଣୟନ କରିଥିଲେ । ଶାସନ ଓ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ କେବଳ କେନ୍ଦ୍ର ସରକାର ନୁହେଁ ଭାରତର ବିଭିନ୍ନ ରାଜ୍ୟ ସରକାରମାନେ ମଧ୍ୟ ତାହାର ଅନୁସରଣ କରିଥିଲେ । ତାଙ୍କ ସମୟରେ ରାଜ୍ୟରୁ ସମସ୍ତ ପ୍ରକାର ନିଶାର ମୂଳୋତ୍ପାଟନ କରିବା ପାଇଁ ବିଧିବଧ ଭାବେ ନିଶାନିବାରଣ ଆଇନ ପ୍ରଣୟନ କରିଥିଲେ । ଏହି ମହାନ ବ୍ୟକ୍ତିତ୍ୱଙ୍କର ୮୨ ବର୍ଷ ବୟସରେ ୧୯୮୪ ଜୁନ ୨୪ରେ ଦେହାନ୍ତ ହୋଇଥିଲା । ସବୁକିଛି କାମ ଶାସନ ଓ ପ୍ରଶାସନ ଉପରେ ଲଦି ନଦେଇ ବ୍ୟକ୍ତିଗତ ଭାବରେ ସେ ସରକାରୀ ଆଇନ ଓ ବିଧି ବ୍ୟବସ୍ଥାକୁ ନଜରରେ ରଖି ସୁପରିଚାଳନା କରୁଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଭିନ୍ନ ଗଣଆନ୍ଦୋଳନରେ ନିଜକୁ ସାମିଲ କରି ଅନେକ ଯୋଜନାର ଖସଡ଼ାକୁ ବେଶ୍ ପ୍ରଶଂସନୀୟ ଭାବରେ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲେ । ସାରା ଭାରତର ଜରୁରୀକାଳୀନ ପରିସ୍ଥିତି ବିରୋଧରେ ତତ୍କାଳୀନ ଓଡ଼ିଶାର ଜନଆନ୍ଦୋଳନର ନେତୃତ୍ୱର କର୍ଣ୍ଣଧାର ସେ ସାଜିଥିଲେ । ସମାଜର ତଳସ୍ତରର ଲୋକଙ୍କ ବିକାଶ ହେଲେ ସାମାଜିକ ବିଧିବ୍ୟବସ୍ଥା ସୁଦୃଢ଼ ହେବାସହ ଓଡ଼ିଶା ପ୍ରଗତି ପଥରେ ଆଗେଇ ପାରିବ ବୋଲି ସେ ବିଶ୍ୱାସ କରୁଥିଲେ ।

ଡ଼ଃ.ଅରୁନ୍ଧତୀ ଦେବୀ
ଦୂରଭାଷ : ୯୯୩୭୧୭୨୮୧୦

## ଶହେ ଟଙ୍କାରେ ୫ କୋଟିର କାର୍

ଆସାମର ଜଣେ ଯୁବକ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ତାଙ୍କ ଭଳି ଭାଗ୍ୟ ପାଇବାକୁ ସମସ୍ତେ ଆଶା କରୁଛନ୍ତି । ସୂଚନା ଅନୁସାରେ ସେ ୧୦୦ ଟଙ୍କାର ଏକ ଲଟ୍ରି ଟିକେଟ ବଦଳରେ ୫କୋଟିର କାର ଜିତିଛନ୍ତି । ସେ ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ହୋଇଥିବା ଏକ ଉତ୍ସବରେ ୧୦୦ ଟଙ୍କା ଦେଇ ଏକ ଲଟେରୀ ଟିକେଟ କିଣିଥିଲେ । ଯାହାର ବିଜେତା ଭାବେ ସେ ଲଗଜୁରୀ ଲାଣ୍ଡ ରୋଭର କାର ଜିତିଛନ୍ତି । ଏହି ଉତ୍ସବର ଇତିହାସରେ ଏହା ସବୁଠାରୁ ଦାମୀ ଲଟ୍ରି ଉଠିଛି, ପୂର୍ବରୁ କେହି କେବେ ଏଭଳି ଜିତି ନଥିଲେ । ଆସାମର ଏହି ହୋଲି ରାସ ମହୋତ୍ସବ ୧୯୨୮ରେ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରଭୁ କୃଷ୍ଣଙ୍କର ରାସଲୀଳାର ପ୍ରଦର୍ଶନ କରାଯାଇଥାଏ । ପାଖାପାଖି ୯୮ ବର୍ଷର ଏହି ଧାର୍ମିକ ଉତ୍ସବରେ ଲୋକମାନେ ଖୁବ ଆଗ୍ରହର ସହିତ ଯୋଗଦେଇଥାଆନ୍ତି ।




## ଇତିହାସ

୧୭୪୪– ବ୍ରିଟିଶ ପ୍ରଧାନମନ୍ତ୍ରୀ ଜନ୍ କାର୍ଟର ଇସ୍ତଫା ଦେଲେ ।
୧୮୯୦– ଇଟାଲୀରେ ସାଧାରଣ ନିର୍ବାଚନ ।
୧୯୨୬– ଆଧ୍ୟାତ୍ମିକ ଗୁରୁ ସାଇ ବାବାଙ୍କ ଜନ୍ମ ।
୧୯୩୦– ପ୍ରସିଦ୍ଧ ପାର୍ଶ୍ୱଗାୟିକା ଗୀତା ଦତ୍ତଙ୍କ ଜନ୍ମ ।
୧୯୩୭– ପ୍ରସିଦ୍ଧ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷଙ୍କ ପରଲୋକ ।
୧୯୮୩– ଭାରତରେ ପ୍ରଥମ ଥର ପାଇଁ ରାଷ୍ଟ୍ରମଣ୍ଡଳ ଶିଖର ସମ୍ମିଳନୀର ଆୟୋଜନ କରାଗଲା ।
୧୯୯୭– ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ନିରଦ ସି. ଚୌଧୁରୀ ଶହେତମ ଜନ୍ମଦିବସ ପାଳନ କଲେ ।
୨୦୦୨– ଜୀ–୨୦ ବୈଠକ ଦିଲ୍ଲୀରେ ଆରମ୍ଭ ହେଲା ।
୨୦୦୭– ଅଷ୍ଟ୍ରେଲିଆରେ ହୋଇଥିବା ନିର୍ବାଚନରେ ଲେବର୍ ପାର୍ଟିର ବିଜୟ ହେଲା ।
୨୦୦୯– ଫିଲିପିନ୍ସରେ ୩୨ ଜଣ ଗଣମାଧ୍ୟମ କର୍ମୀଙ୍କୁ ହତ୍ୟା ।

## ନିଆରା ବିବାହ ନିବେଦନ




ସମଗ୍ର ବିଶ୍ୱରେ ଲୋକମାନେ ଆଣ୍ଠୁରେ ବସି ନିଜନିଜର ଭାବି ପତ୍ନୀଙ୍କୁ ବିବାହ ପାଇଁ ପ୍ରପୋଜ କରନ୍ତି । ହେଲେ ଚୀନରେ ଏଭଳି ଏକ ଜନଜାତି ପ୍ରଜାତି ବାସ କରୁଛନ୍ତି ଯେଉଁମାନେ ଆଣ୍ଠୁରେ ବସି ନୁହେଁ ହାତକୁ କାମୁଡି ପ୍ରେମ ନିବେଦନ କରିଥାଆନ୍ତି । ହୈନାନ ପ୍ରାନ୍ତରେ ଥିବା ମିୟାଓ ଜନଜାତିର ପୁଅଝିଅମାନେ ଜଣେ ଅନ୍ୟଜଣଙ୍କର ହାତକୁ ଦାନ୍ତରେ କାମୁଡି ପ୍ରେମ ନିବେଦନ କରନ୍ତି । ଯାହାର କାମୁଡିବାର ସଙ୍କେତ ଯେତେ ଅଧିକ ସିଏ ଅନ୍ୟ ଜଣଙ୍କୁ ସେତେ ଅଧିକ ଭଲ ପାଇଥାଆନ୍ତି ବୋଲି ବିବେଚନା କରାଯାଇଥାଏ । ଏହି ପ୍ରଥାର ନାଁ ୟାଓ ଶୋ ଡିଂ କିଂ ବୋଲି ନାମ ଦିଆଯାଇଥାଏ, ଯାହାର ଅର୍ଥ ହାତକୁ କାଟି ନିଜ ପ୍ରେମ ଉପରେ ମୋହର ମାରିବା । ଏହି ପ୍ରଥାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଯଦି କାମୁଡିବା ସମୟରେ ରକ୍ତ ବାହାରେ ତେବେ ଏହାକୁ ହଁ ବୋଲି ଧରାଯାଇଥାଏ । ହେଲେ ଯଦି କାମୁଡା ହାଲୁକା ହୋଇଥାଏ ତେବେ ଏହାକୁ ନାଁ ବୋଲି ବିବେଚନା କରାଯାଇଥାଏ । ଏହାପରେ ସେଠାରେ ଏକ ଡେଟିଂ ଚିକେନ ନାମକ ଏକ ପ୍ରଥା ପାଳନ ହୋଇଥାଏ । ଯେଉଁଥିରେ ଝିଅର ପରିବାର ପୁଅ ଘର ପାଇଁ ଚିକେନ ରାନ୍ଧି ଥାଆନ୍ତି । ଯାହାକୁ ନିର୍ବନ୍ଧ ବୋଲି ଧରାଯାଇଥାଏ । ତେବେ ସୋସିଆଲ ମିଡିଆରେ କିଛି ଲୋକ ଏଭଳି ପ୍ରଥାକୁ ସମାଲୋଚନା କରୁଥିବା ଦେଖିବାକୁ ମିଳୁଛି ।

ଦୋକାନୀ – ମ୍ୟାଡାମ୍ ଆପଣ ସବୁଦିନ ଆସୁଛନ୍ତି, ସୁନା ଗହଣା ଦେଖୁଛନ୍ତି ହେଲେ କିଛି ନଉ ନାହାନ୍ତି ।
ଯୁବତୀ – ମୁଁ ସବୁଦିନ ନେଉଛି ହେଲେ ତୁମେ ଧ୍ୟାନ ଦେଉନ ।



ହାହାଃ..ହାହାଃ..

## ଅଣଦେଖା କରନ୍ତୁନି ଶରୀରର ସଙ୍କେତ



ଆମ ଶରୀରରେ ସୁସ୍ଥ ରହିବା ପାଇଁ ବିଭିନ୍ନ ପ୍ରକାରର ଭିଟାମିନ ଓ ମିନେରାଲ୍ସର ଆବଶ୍ୟକତା ପଡିଥାଏ । ଯାହା ଶରୀରର ଛୋଟବଡ ଆବଶ୍ୟକତାକୁ ପୂର୍ଣ୍ଣ କରିଥାଏ । ହେଲେ ଯେତେବେଳେ ଶରୀରକୁ ଜରୁରୀ ପୋଷକ ଖାଦ୍ୟରେ ନମିଳେ ତେବେ ଧୀରେଧୀରେ ଏହା ଆମକୁ ବିଭିନ୍ନ ସଙ୍କେତ ଜରିଆରେ ଏହା ଜଣାଇବାକୁ ଲାଗିଥାଏ । ଅନେକ ଏହି ସଙ୍କେତକୁ ଅଣଦେଖା କରନ୍ତି, ଯାହା ଗମ୍ଭୀର ରୋଗର କାରଣ ପାଲଟିଥାଏ । ତେବେ ଏହି ସମସ୍ତ ସଙ୍କେତକୁ ଚିହ୍ନି ସଠିକ୍ ପୋଷଣ ଶରୀରକୁ ଦେବାର ଆବଶ୍ୟକତା ରହିଛି । ଗୋଟିଏ ସୁସ୍ଥ ଶରୀରକୁ କାର୍ବୋହାଇଡ୍ରେଟ, ପ୍ରୋଟିନ, ହେଲ୍ଦି ଫ୍ୟାଟ୍ସ, ସମସ୍ତ ପ୍ରକାର ଭିଟାମିନ, ମିନେରାଲ୍ସର ଆବଶ୍ୟକ ହୋଇଥାଏ । ପ୍ରତିଟି ଅଙ୍ଗପାଇଁ ଭିନ୍ନଭିନ୍ନ ଭିଟାମିନ ରହିଥାଏ, ଯାହା ଏଗୁଡିକୁ ସୁସ୍ଥ ରଖିବା ସହିତ ମଜଭୁତ କରିଥାଏ । ତେବେ ଯଦି ଖାଦ୍ୟରେ ଏହି ସମସ୍ତ ସାମଗ୍ରୀର ଅଭାବ ପୂରଣ ନହୁଏ ତେବେ ଶରୀର ଏହାର ସଙ୍କେତ ଦେବାକୁ ଲାଗିଥାଏ । ଶରୀରରେ ପୋଷଣର ଅଭାବ ହେଲେ ଲଗାତାର ଥକ୍କା ଲାଗିବା, କେଶ ଝଡିବା, ନଖ ଦୁର୍ବଳ ହେବା, ଦାନ୍ତରେ ସମସ୍ୟା, ମୁଡ ସୁଇଂ, ଭୋକ ନଲାଗିବା, ଖଣ୍ଡିଆ ହେଲେ ଶୀଘ୍ର ଭଲହେବା, ପାଦରେ ଝିମଝିମ ଅନୁଭବ, ଗଣ୍ଠି ଦରଜ, ଆଖି ସମସ୍ୟା ଭଳି ଅନେକ ଲକ୍ଷଣ ଦେଖାଦେଇଥାଏ । ଯଦି ଏଭଳି କିଛି ଲକ୍ଷଣ ଦେଖୁଛନ୍ତି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ । ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ । କେବଳ ଖାଦ୍ୟ ନୁହେଁ ନିଜ ଲାଇଫ ଷ୍ଟାଇଲରେ ମଧ୍ୟ ପରିବର୍ତ୍ତନ ଆଣନ୍ତୁ ।



## ସୋସିଆଲ କୋଟ୍ସ



“ସଲମାନ ଓ ମୋ ଯୋଡି ସବୁବେଳେ ଖାସ । ବଜରଙ୍ଗୀ ଭାଇଜାନ ଫିଲ୍ମକୁ ୧୦ ବର୍ଷ ହେଲାଣି ଏବେ ମଧ୍ୟ ଦର୍ଶକଙ୍କ ଭଲପାଇବା ମିଳୁଛି ।

କବିର ଖାନ୍, ଫିଲ୍ମ ମେକର



“ଫ୍ୟାମିଲି ମ୍ୟାନ ୩ ମୋ ପାଇଁ ସବୁବେଳେ ଖାସ ରହିବ । ସେଟ୍‌ରେ ଅନେକ ମଜା ମସ୍ତିରେ ସୁଟିଂ ହୁଏ । ସମସ୍ତଙ୍କ ଠାରୁ କିଛି ନା କିଛି ଶିଖିବାକୁ ମିଳିଥାଏ ।

ପ୍ରିୟାମଣି, ଅଭିନେତ୍ରୀ

“ମୋତେ ମୋ ମିମ୍‌ସ ଖୁବ ଭଲ ଲାଗେ । ମୁଁ ସେଗୁଡିକ ଦେଖି ଖୁବ ଏଞ୍ଜୟ କରିଥାଏ । ଏହାକୁ ସବୁବେଳେ ମୁଁ ସକାରାତ୍ମକତାରେ ନିଏ ।

ଶାରିବ, ଅଭିନେତା





## ମନୋଜଙ୍କ ସହ ଅଭିନୟ କରି ଗର୍ବିତ

ନିକଟରେ ପପୁଲାର ୱେବସିରିଜ ଫ୍ୟାମିଲି ମ୍ୟାନ ୩ର ପ୍ରିମିଅର ହୋଇସାରିଛି । ଚଳିତ ସିଜିନରେ ଜଣେ ନୂଆ ଖଳନାୟକଙ୍କୁ ଦର୍ଶକ ଦେଖିବାକୁ ପାଇବେ । ହେଲେ ଲିଡ ରୋଲରେ ପୂର୍ବପରି ମନୋଜ ବାଜପେୟୀ ନଜର ଆସୁଛନ୍ତି । ତେବେ ଏହି ସିରିଜକୁ ନେଇ କଥାହୋଇଛନ୍ତି ଏଥିରେ ନଜର ଆସିଥିବା ନିମ୍ରିତ କୌର । ଏଥିରେ ନିମ୍ରିତଙ୍କୁ ମୀରା ଚରିତ୍ରରେ ଦେଖିବାକୁ ମିଳିବ । ସେହିଭଳି ଏହି ସିରିଜ ଅଭିନୟ କରିବା ତାଙ୍କପାଇ ଖୁବ ଭଲ ଅନୁଭୂତି ବୋଲି ସେ ପ୍ରକାଶ କରିଛନ୍ତି । ସୁଟିଂ ସେଟରେ ସେ ଖୁବ ମଜା କରିଥିବା ମତ ଦେଇଛନ୍ତି । ଅଭିନୟ ସମୟରେ ତାଙ୍କ ଉପରେ କୌଣସି ପ୍ରେସର ନଥିଲା କି ସେ ଏତେ ଅଭିଜ୍ଞ କଳାକାରଙ୍କ ସହିତ କାମ କରୁଛନ୍ତି । ମନୋଜ ବାଜପେୟୀଙ୍କ ସହିତ ସ୍କ୍ରିନ ସେୟାର କରିବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ମତ ଦେଇଛନ୍ତି । ସେହିଭଳି ନିଜ ଚରିତ୍ରକୁ କିଭଳି ସବୁବେଳେ ଭଲ କରିବେ ସେଥିପାଇଁ ସେ ପରିଶ୍ରମ କରନ୍ତି ବୋଲି ନିମ୍ରିତ ମତ ଦେଇଛନ୍ତି । ଯେ କୌଣସି ପ୍ରୋଜେକ୍ଟରେ କାମ କରିବା ଆଗରୁ ସେ କିଭଳି ଏହାକୁ ଖୁବ ଭଲ କରିବେ ସେନେଇ ନିଜକୁ ପ୍ରସ୍ତୁତ କରିଥାଆନ୍ତି ।

## ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନରେ ସମସ୍ତେ ବ୍ରତୀ ହୁଅନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ ସମାନ୍ତରାଳ ଭାବେ ପ୍ରଗତି ଓ ଆଧୁନିକତାକୁ ଆଦରି ନେଇ ସବୁ ବର୍ଗର ଲୋକମାନଙ୍କ ସାମଗ୍ରୀକ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧ ବୋଲି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢୋକ୍ତି ପ୍ରକାଶ କରିବା ସହିତ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ଦିଗରେ ସମସ୍ତେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ ।



୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଶନିବାର ପାଳିତ ଓଡିଶା ରାଜ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ବିଷୟବସ୍ତୁ ଯଥାର୍ଥରେ ଆମ ସ୍ୱପ୍ନ ଓ ସମ୍ଭାବନାକୁ ପ୍ରତିପାଦିତ କରିବା ସହିତ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ମାଧ୍ୟମରେ ସିଲିକନ୍ ସେମିକଣ୍ଡକଟର୍ ଚିପ୍ ଭଳି ସୂକ୍ଷ୍ମାତିସୂକ୍ଷ୍ମ ଅତ୍ୟାଧୁନିକ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାକୁ ନୂତନ ପରିଚୟ ପ୍ରଦାନ କରିବ । ଏହା ଅର୍ଥନୀତିକୁ ସୁଦୃଢ଼ କରିବ ଏବଂ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ । ନବୀକରଣୀୟ ବିଦ୍ୟୁତ ଶକ୍ତିର ଉତ୍ପାଦନ, ବ୍ୟାପକ ବୃକ୍ଷଚାରା ରୋପଣ ମାଧ୍ୟମରେ ପରିବେଶ ସନ୍ତୁଳନ ରକ୍ଷା ଏବଂ ପରବର୍ତ୍ତୀ ପିଢୀ ପାଇଁ ଏକ ସୁନ୍ଦର ପୃଥିବୀ ଛାଡିଯିବା ଅଭିମୁଖ୍ୟ ନେଇ ଆମ ନୀତି ଓ ଯୋଜନା ପ୍ରଣୟନ କରିବା ସହିତ ତା'ର କାର୍ଯ୍ୟାନ୍ୱୟନ ଆମର ପ୍ରାଥମିକତା ରହିଛି ।

ଉତ୍କର୍ଷ ଓଡ଼ିଶା, ମେକ ଇନ ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ଅଥବା ଓଡିଶାରେ ଉତ୍ପାଦିତ ଶ୍ରୀଅନ୍ନ ବିସ୍ତୃତ ଖାଦ୍ୟ ବିଶ୍ୱ ବଜାର ସୁବିଧା ଉପଲବ୍ଧ କରିବାକୁ ନିକଟ ଅତୀତରେ ଅନ୍ତର୍ଜାତୀୟ ମିଲେଟ କନଭେନସନ ଆୟୋଜନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି । ଏହି ଅବସରରେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ କରିଥିଲେ । ଏଥିସହିତ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ମତବିନିମୟ କରି ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡ଼ିଶାକୁ ଆତ୍ମନିର୍ଭର ଓଡ଼ିଶାରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଷଡଙ୍ଗୀ, ନିରଞ୍ଜନ ବିଶି, ସୁଜିତ କୁମାର, ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସମେତ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସାବିତ୍ରୀ ରଥ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ, ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂହଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ।

## ମାନବାଧିକାର କମିଶନରେ ହ୍ୟୁମାନ ସାଗରଙ୍କ ମୃତ୍ୟୁ ମାମଲା

ଭୁବନେଶ୍ୱର, (ସବ୍ୟୁ) : ଜାତୀୟ ମାନବାଧିକାର କମିଶନରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ମାମଲା । ଉତ୍କଳୀୟମ୍ ଫାଉଣ୍ଡେସନ ପକ୍ଷରୁ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି । ମୃତ୍ୟୁ ପଛର ଷଡ଼ଯନ୍ତ୍ରକାରୀ ଓ ତାଙ୍କ ମାଆଙ୍କୁ ଅଶାଳୀନ ବ୍ୟବହାର ସହ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ଗିରଫକୁ ନେଇ ତୁରନ୍ତ ମାମଲାର ବିଚାର ପାଇଁ ଫାଉଣ୍ଡେସନ ପକ୍ଷରୁ ଦାବି ହୋଇଛି ।

ଓଲିଉଡ୍‌ର ଚର୍ଚ୍ଚିତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ଆରୋପ ପ୍ରତ୍ୟାରୋପ ଲାଗି ରହିଛି । ମୃତ୍ୟୁ ନିଆଁ ଲିଭିଯାଇଥିବାବେଳେ ବିବାଦ ନିଆଁ ରାଜ୍ୟବ୍ୟାପୀ ଜଳିବାରେ ଲାଗିଛି । ହ୍ୟୁମାନଙ୍କ ମା ପୂର୍ବରୁ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ବ୍ୟବହାର କରାଯାଇଛି ଏବଂ ଜାଣିଶୁଣି ମାରିଦିଆଯାଇଛି । ଏହି ଘଟଣାକୁ ନେଇ ସାମାଜିକ ସଂଗଠନ ଉତ୍କଳୀୟମ ଫାଉଣ୍ଡେସନ ପକ୍ଷରୁ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛର ଷଡ଼ଯନ୍ତ୍ରକାରୀ ଓ ତାଙ୍କ ମା'ଙ୍କୁ ଅଶାଳୀନ ବ୍ୟବହାର ସହ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇ ମାମଲାର ଉପଯୁକ୍ତ ବିଚାର ପାଇଁ ଅନୁଷ୍ଠାନ ଦାବି କରିଛି । ପିଟିସନ ଆଧାରରେ ମାମଲା ରୁଜୁ ହୋଇଛି । ପିଟିସନ୍‌ରେ ଷଡ଼ଯନ୍ତ୍ର କରି ହ୍ୟୁମାନଙ୍କୁ ମାରିଦିଆଯାଇଛି ଓ ପୁଅର ମୃତ୍ୟୁକୁ ହତ୍ୟା ଅଭିଯୋଗ କରିଆସୁଥିବା ମା'ଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ ଏବଂ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି ।

କେବଳ ମାନବାଧିକାର କମିଶନ ନୁହେଁ, ଅଦାଲତରେ ମଧ୍ୟ ଉତ୍କଳୀୟମ୍ ଫାଉଣ୍ଡେସନ ଅଧ୍ୟକ୍ଷ ତଥା ଆଇନଜୀବୀ ରାଜୀବ ଲୋଚନ ପ୍ରଧାନଙ୍କ ପକ୍ଷରୁ ପିଟିସନ୍ ହୋଇଛି । ହ୍ୟୁମାନଙ୍କ ମୃତ୍ୟୁ ମାମଲାରେ ସଂଶ୍ଳିଷ୍ଟ ଦୋଷୀମାନଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ତାଙ୍କ କଷ୍ଟ ଅର୍ଜିତ ଆୟକୁ ପରିବାରକୁ ଦିଆଯାଉ । ଏଥିସହ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ତାଙ୍କ ପରିବାରକୁ ପ୍ରଦାନ କରାଯାଉ ବୋଲି ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଅଦାଲତରେ ଅଭିଯୋଗ କରିଛନ୍ତି ।

## ଅସ୍ତରଙ୍ଗ ମେରାଇନ ପୋଲିସ୍ ଷ୍ଟେସନ୍‌ରେ କୋଷ୍ଟାଲ୍ ସିକ୍ୟୁରିଟି କମ୍ୟୁନିଟି ପୋଲିସିଙ୍ଗ କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ): ପୁରୀ ପୁଲିସ୍ ପକ୍ଷରୁ ସମୁଦ୍ରତଟୀୟ ସୁରକ୍ଷାକୁ ସୁଦୃଢ଼ କରିବା, ଲୋକମାନଙ୍କ ସହ ପୁଲିସ୍ ସମ୍ପର୍କକୁ ବୃଦ୍ଧି କରିବା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କୋଷ୍ଟାଲ୍ ସିକ୍ୟୁରିଟି କମ୍ୟୁନିଟି ପୋଲିସିଙ୍ଗ କାର୍ଯ୍ୟକ୍ରମ ଶନିବାର ଦିନ ଅସ୍ତରଙ୍ଗ ମେରାଇନ ପୋଲିସ୍ ଷ୍ଟେସନ୍‌ରେ ଆୟୋଜିତ ହୋଇ ଯାଇଛି। କାର୍ଯ୍ୟକ୍ରମକୁ ପୁରୀ ଏସପି ପ୍ରତୀକ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରିଥିଲେ।କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା, ସମୁଦ୍ରତଟୀୟ ଅଞ୍ଚଳର ଲୋକଙ୍କୁ ସଚେତନ କରିବା, ବିପଦ ସମୟରେ ସ୍ଥାନୀୟଙ୍କ ସହଯୋଗ ବୃଦ୍ଧି କରିବା, ଯୁବ ସମାଜରେ ସ୍ପୋର୍ଟସ୍ ଓ ସାଂସ୍କୃତିକ ମନୋଭାବ ଗଢ଼ି ତୋଳିବା, ପୁଲିସ୍ ଓ ପବ୍ଲିକ୍ ସମ୍ପର୍କକୁ ଦୃଢ କରିବା। ପୋଲିସ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ଶୀତରୁ ରକ୍ଷା ପାଇଁ କମ୍ବଳ ବଣ୍ଟନ କରି କରା ଯାଇ ଥିଲା। ବିଭିନ୍ନ ସ୍କୁଲ୍ ଓ ଯୁବକ ଓ ଯୁବତୀଙ୍କୁ ସଙ୍ଗୀତ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଥିଲା। ଶତାଧିକ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଚିକିତ୍ସା, ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା। ଏହି ପ୍ରୟାସ ଦ୍ୱାରା ସମୁଦ୍ରତଟୀୟ ଅଞ୍ଚଳର ସମାଜକୁ ସଜାଗ, ସୁସ୍ଥ ଓ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା।

## ଶ୍ରୀଜଗନ୍ନାଥ ଓ ବଡଦେଉଳ, ୟୁଟ୍ୟୁବରେ ଲୋକାର୍ପିତ

ଭୁବନେଶ୍ୱର (ସବ୍ୟୁ): ଅଖିଳ କୋଟି ବ୍ରହ୍ମାଣ୍ଡର ମହାନାୟକ ନୀଳାଦ୍ରି ନାଥ ଆନନ୍ଦ କନ୍ଦ ସଚ୍ଚିଦାନନ୍ଦ କୋଟି ଓଡ଼ିଆର ପରିଚୟ କୋଟି କୈବଲ୍ୟ ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଭୟ ଚରଣ କମଳରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ଶ୍ରୀ ଜଗନ୍ନାଥ ଓ ବଡଦେଉଳ, ଗଜେନ୍ଦ୍ର ହାତୀ କୁ ଉଦ୍ଧାର, ରାଜ ରାଜେଶ୍ୱର ବେଶ ଓ ରାମାୟଣ କାହାଣୀ ୟୁ ଟ୍ୟୁବ ରେ ଲୋକାର୍ପିତ ହୋଇ ଯାଇଛି । ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ଼ ନାରାୟଣ ମହାପାତ୍ରଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମନ୍ଦିର ପୁରୋହିତ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପୁରୀ ଭକ୍ତ ସମାଜ ସମ୍ପାଦକ ଡ଼ ଶଶିକାନ୍ତ ରଥ, ଡ଼ ବଳରାମ ଦାସ ଓ ଅନ୍ୟ ମାନେ ଯୋଗ ଦେଇଥିଲେ ।

## ଅପହୃତା ନାବାଳିକା ଖୋର୍ଦ୍ଧାରୁ ଉଦ୍ଧାର ଘଟଣା, ଗଣବଳାତ୍କାର ସନ୍ଦେହ, ୬ଅଟକ

ଖୋର୍ଦ୍ଧା, (ସବ୍ୟୁ) : ବାଘମାରୀ ଥାନା ଅଂଚଳରୁ ନିଖୋଜ ନାବାଳିକା ଖୋର୍ଦ୍ଧା ମେଡିକାଲରୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟପର୍ଣ୍ଣ ରହିଛି। ପୋଲିସ ତାଙ୍କ ବୟାନ ରୋକର୍ଡ ସହ ଡାକ୍ତରୀ ମାଇନା କରିଛି। ତେବେ ଅପହୃତା ନାବାଳିକା ଗଣ ବଳତ୍କାର ଶୀକାର ହୋଇଥିବା ସନ୍ଦେହ କରାଯାଇଛି। ପୋଲିସ ମେଡିକାଲ ପରିସର ସମେତ ନିକଟରେ ଘରୋଇ ମେଡିକାଲ, ଦୋକାନ ରେ ଲାଗିଥିବା ସିସିଟିଭି ମଧ୍ୟ ଯାଂଚ କରିଛି। ଏହି ଘଟଣାରେ ସଂପୃକ୍ତି ସନ୍ଦେହ ରେ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ରେ କାର୍ଯ୍ୟରତ ଜଣେ ପୁରୁଷ ସିକ୍ୟୁରିଟି ଗାର୍ଡ, ମହିଳା ସିକ୍ୟୁରିଟି ଗାର୍ଡ ଓ ତାଙ୍କ ସ୍ୱାମୀ, ମେ ଆଇ ହେଲପ ୟୁ ଜଣେ କର୍ମଚାରୀ ସମେତ ଅନ୍ୟ ୨ଜଣ ମୋଟ ୬ଜଣଙ୍କୁ ପୋଲିସ ଅଟକ ରଖିଛି ପଚରାଉଚୁରା କରୁଛି।

ଏସପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି ଏବଂ ସଦର ଏସଡିପିଓ ନିହାର ରଞ୍ଜନ ପ୍ରଧାନ ପ୍ରମୁଖ ବାଘମାରୀ ଥାନାରେ ପହଂଚି ଘଟଣାର ତଦନ୍ତ କରିଥିଲେ। ଏସପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସପି ମହାନ୍ତି, ସଦର ଏସଡିପିଓ ପ୍ରଧାନଙ୍କ ନେତୃତ୍ୱରେ ସଦର, ଆଦର୍ଶ ଥାନା, ଶିଳ୍ପାଂଚଳ, ବାଘମାରୀ , ବେଗୁନିଆ ଥାନାଧିକାରୀ ଙ୍କ ସମେତ ସେସ୍ୱାଲ ସ୍କାର୍ଡ ଙ୍କୁ ନେଇ ଗଠିତ ଟିମ ଛାନଭିନ ଜାରି ରଖିଛି। ଏହି ଘଟଣାର ଛାନଭିନ ବେଳେ ମେଡିକାଲ ନିକଟରେ ସେକ୍ସ ରାକେଟ ଚାଲିଥିବା ପୋଲିସ ଜାଣିବାକୁ ପାଇଛି। ଏହି ରାକେଟ ପଛରେ କିଛି ସିକ୍ୟୁରିଟି କର୍ମଚାରୀ ଙ୍କ ସପୃକ୍ତି ରହିଥିବା ଚର୍ଚ୍ଚା ହେଉଛି। ପୋଲିସ ଉକ୍ତ ଅଂଚଳରେ ଭଡାଘର ଯାଂଚ କରିବା ସହ ଘର ମାଲିକଙ୍କୁ ମଧ୍ୟ ପଚରାଉଚୁରା କରିଛି।


ପରିବାର ଲୋକେ ଆଣିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ଖୋର୍ଦ୍ଧାର ଏକ କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛି। ଗତ ୧୮ ତାରିଖ ସେ ସବୁଦିନ ପରି କଲେଜ ବାହାରିଥିଲା। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନଫେରିବାରୁ ପରିବାର ଲୋକେ ଚାରିଆଡେ ଖୋଜି ନିରାଶ ହେବା ପରେ ୧୯ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଦିନ ଝିଅ କଲେଜକୁ ଯିବା ପାଇଁ ବସକୁ ଅପେକ୍ଷା କରିଥିବା ବେଳେ ୪ଜଣ ତାଙ୍କୁ କାରରେ ଯୋରଜବରଦସ୍ତ ନେଇ ଯାଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଶୁକ୍ରବାର ସକାଳ ସମୟରେ ମେଡିକାଲ ପରିସରରେ ସଂପୃକ୍ତ ନାବାଳା ମୁମୂର୍ଷ ଅବସ୍ଥାରେ ଚିକିତ୍ସା ପାଇଁ ଭର୍ତି ହୋଇଥିଲେ। ପରେ ଖବରପାଇ ଆଦର୍ଶ ଥାନା ପୋଲିସ ପହଂଚିଥିଲା। ଆଦର୍ଶ ଥାନା ଠାରୁ ଖବରପାଇ ପରିବାର ଲୋକେ ଏବଂ ବାଘମାରୀ ପୋଲିସ ମଧ୍ୟ ପହଂଚିଥିଲା। ସେଠାରେ ପୁଣି ଥରେ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ପୋଲିସ ତାଙ୍କୁ ମେଡିକାଲକୁ ଆଣିଥିଲା। ସନ୍ଧ୍ୟାରେ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ସଦର ଏସଡିପିଓ ନିହାର ରଞ୍ଜନ ପ୍ରଧାନ କହିଛନ୍ତି। ଏହି ଘଟଣାରେ ମେଡିକାଲ ର କୌଣସି କର୍ମଚାରୀଙ୍କର ଯଦି ସମ୍ପୃକ୍ତି ଆସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏନେଇ ତାଙ୍କ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯିବ ବୋଲି ମେଡିକାଲ ଅଧିକ୍ଷକ ଡା. ଶ୍ୟାମାପ୍ରସନ୍ନ ମିତ୍ର ସୂଚନା ଦେଇଛନ୍ତି।

## ଓଡିଶାର ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଉଛନ୍ତି ଏଏମ୍/ଏନ୍ଏସ୍ ଇଣ୍ଡିଆର କର୍ମଚାରୀ

ଭୁବନେଶ୍ୱର, (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ନିଜ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଓଡ଼ିଶାରେ ଯୁବ ଚିନ୍ତାଧାରାକୁ ପ୍ରେରିତ କରିବା ପାଇଁ ଏକ କର୍ମଚାରୀ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ବିକାଶ ପ୍ରତି




ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି। ଏହି ପଦକ୍ଷେପ ଶିକ୍ଷଣୀୟ, ସୃଜନଶୀଳତା ଏବଂ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ଓ କାର୍ଯ୍ୟକଳାପ ମାଧ୍ୟମରେ କର୍ମଚାରୀ ଏବଂ ୨୦୦ରୁ ଅଧିକ ପିଲାଙ୍କୁ ଏକତ୍ରିତ କରିଥିଲା । ପାରାଦ୍ୱୀପରେ ନିମିଡିହିସ୍ଥିତ ଶ୍ରୀ ଲୋକନାଥ ଶିକ୍ଷାଶ୍ରମରେ ୫୪ ଜଣ ଛାତ୍ରଛାତ୍ରୀ ଓ ସେଠାକାର କର୍ମଚାରୀ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆ କର୍ମଚାରୀ ମିଳିତ ଭାବେ କେକ୍ କାଟିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହାପରେ ଏଏମ୍/ଏନ୍ଏସ୍ ଇଣ୍ଡିଆ କର୍ମଚାରୀ ଏବଂ ପିଲାମାନେ ସୃଜନଶୀଳତା ଏବଂ ଦଳଗତ ମନୋଭାବର ନିଦର୍ଶନସ୍ୱରୂପ ନୋଟବୁକ୍ ପ୍ରସ୍ତୁତି କରିଥିଲେ। ଶେଷରେ ଶିକ୍ଷାଶ୍ରମ ପିଲାମାନଙ୍କ ଦ୍ୱାରା ଏକ ପ୍ରଭାବୀ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ମୁଖ୍ୟ ସିଏଚ୍ ହରିପ୍ରସାଦ, ଏଏମ୍/ଏନ୍ଏସ୍ ଇଣ୍ଡିଆର ଫାଇନାନ୍ସ ଏବଂ ଆକାଉଣ୍ଟସ୍ ମୁଖ୍ୟ ସଞ୍ଜୀବ ସିଂହ, ଏଏମ୍/ଏନ୍ଏସ୍ ପୋର୍ଟସ୍‌ର ଫାଇନାନ୍ସ ବିଭାଗ ମୁଖ୍ୟ ପ୍ରଶାନ୍ତ ବେହେରା ଏବଂ ଶ୍ରୀ ଲୋକନାଥ ଶିକ୍ଷାଶ୍ରମର ସଚିବ ପ୍ରଦୀପ୍ତ କୁମାର ଭୂୟାଁ ଉପସ୍ଥିତ ଥିଲେ । ଏଏମ୍/ଏନ୍ଏସ୍ ଇଣ୍ଡିଆ ଠାକୁରାଣୀ ଖଣିରେ କର୍ମଚାରୀମାନେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ବିଜ୍ଞାନ ମଡେଲ୍ ପ୍ରସ୍ତୁତି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ସେମାନେ ଚୁମ୍ବକୀୟ ଲେଭିଟେସନ୍, ୱିଣ୍ଡମିଲ୍, ନ୍ୟୁଟନ୍ସ କଲର୍ ଡିସ୍କ, ଇଲେକ୍ଟ୍ରୋମ୍ୟାଗ୍ନେଟ୍ ଓ କଣ୍ଡକ୍ଟର ଏବଂ ଇନସୁଲେଟର ଉପରେ ୮୨ ଟି ବ୍ୟବହାରିକ ଷ୍ଟେମ୍ ମଡେଲ୍ ପ୍ରସ୍ତୁତ କରିଥିଲେ । ଠାକୁରାଣୀ ଖଣିର ଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ଶାହା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ବ୍ୟତୀତ, କମ୍ପାନୀର ପାରାଦ୍ୱୀପ ଏବଂ ବଡ଼ବିଲ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କମ୍ପାନୀର ମାନବ ସମ୍ବଳ ବିଭାଗ ଦ୍ୱାରା ଚିତ୍ରାଙ୍କନ, ନୃତ୍ୟ ଏବଂ ସଙ୍ଗୀତ ପ୍ରତିଯୋଗିତା ସହିତ ଆକର୍ଷଣୀୟ ଖେଳ ଆୟୋଜନ କରାଯାଇଥିଲା । ଏହିପରି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତକାରୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଏହାର କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ଏକ ସକାରାତ୍ମକ, ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ପାଇଁ ଏଏମ୍/ଏନଏସ୍ ଇଣ୍ଡିଆର ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।



## ରାଜ୍ୟସ୍ତରୀୟ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି
# ଶହୀଦ ଲକ୍ଷ୍ମଣ ନାଏକ ଥିଲେ ଦେଶବତ୍ସଳ ସଂଗ୍ରାମୀ

ଭୁବନେଶ୍ୱର, (ସବ୍ୟୁ): ଶହୀଦ ଲକ୍ଷ୍ମଣ ନାଏକଙ୍କ ନିର୍ଭୀକତା, ତ୍ୟାଗ ଓ ଜାତିପ୍ରୀତିର ପଟାନ୍ତର ନାହିଁ । ଓଡ଼ିଶାର ତେନ୍ତୁଲିଗୁମାରେ ଜନ୍ମିତ ଏହି ମହାନାୟକ ଜଣେ ବିଚକ୍ଷଣ ଆଦିବାସୀ ନେତା ଥିଲେ ଯିଏକି ଅତ୍ୟାଚାରୀ ବ୍ରିଟିଶ ଶାସନ



ବିରୁଦ୍ଧରେ ଏବଂ ନିଜ ସମ୍ପ୍ରଦାୟର ଅଧିକାର ପାଇଁ ସଂଗ୍ରାମ କରିଥିଲେ । ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଭାବରେ ସହିଦ ଲକ୍ଷ୍ମଣ ନାୟକ ଅବିସ୍ମରଣୀୟ ରହିବେ ବୋଲି ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତପ୍ରଦାନ କରି ମହାନ ସଂଗ୍ରାମୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ନିବେଦନ କରିଛନ୍ତି ।

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଭାରତର ସ୍ୱାଧୀନତା ସଂଗ୍ରାମର ଚିତ୍ର ଓ ଚରିତ୍ର ଅଧ୍ୟୟନ ଓ ଅନୁଶୀଳନ କଲାବେଳେ ଆଦିବାସୀମାନଙ୍କର ମହାନ୍ ଅବଦାନକୁ ଅସ୍ୱୀକାର କରିପାରିବା ନାହିଁ । ୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଯେତେବେଳେ ଅସହଯୋଗ ଡାକରା ଦେଲେ, ସେତେବେଳେ ଲକ୍ଷ୍ମଣ ନାଏକଙ୍କ ଆହ୍ୱାନକ୍ରମେ କୋୟା ଓ ବଣ୍ଡା ଆଦିବାସୀମାନେ ଲୁଚିଛପି ବ୍ରିଟିଶମାନଙ୍କ ଉପରେ ସଶସ୍ତ୍ର ଆକ୍ରମଣ କରିଥିଲେ । ତାଙ୍କରି ଉଦ୍ୟମ ଫଳରେ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ବହ୍ନି ଜଳି ଉଠିଥିଲା ।

ବିଶିଷ୍ଟ ଶିକ୍ଷାବିତ୍ ଏବଂ ସ୍ତମ୍ଭକାର ଡ. ବାସନ୍ତୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ଦେଶମାତୃକାର ରକ୍ଷା ପାଇଁ ବୀର ଲକ୍ଷ୍ମଣଙ୍କୁ ଏ ଜାତି ଚିରକାଳ ମନେ ରଖିବ ବୋଲି ଡ଼. ମହାନ୍ତି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢ଼ାଲି ଯୋଗଦେଇ କହିଲେ ଯେ ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାଏକଙ୍କ ଭୂମିକା ଓଡ଼ିଶାର ଜନଜାତିଙ୍କ ସ୍ୱାଭିମାନକୁ ରୁଦ୍ଧିମନ୍ତ କରିଛି । ସମାରୋହରେ ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ (କ୍ଷେତ୍ର ) ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ତଥା ସହିଦ ଲକ୍ଷ୍ମଣ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ ପରେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରା ଯାଇଥିଲା । ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ଉପ ସଭାପତି ଇଂ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ଜିଲ୍ଲା ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜାଲିଆତି
# ମୃତ ବ୍ୟକ୍ତିଙ୍କ ନାମରେ ନକଲି ବ୍ୟକ୍ତି ବିକିଛନ୍ତି ଜମି, ଥାନାରେ ଏତଲା

ପୁରୀ, (ସବ୍ୟୁ): ଜମି କିଣା ବିକାରେ ପୁରୀ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବ୍ୟାପକ ଜାଲିଆତି ଓ ଚଞ୍ଚକତା ହୋଇଛି। ୧୯୮୪ ମସିହାରୁ ମୃତ୍ୟୁ ବରଣ କରି ଥିବା ଜଣେ ବ୍ୟକ୍ତି ପୁର୍ନବାର ୨୦୨୪ ମସିହାରେ ଏକ ବହୁ ମୂଲ୍ୟବାନ ଭୂସମ୍ପତ୍ତିକୁ ପୁରୀ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବିକ୍ରୟ ପତ୍ର ସଂପାଦନ କରି ଥିବା ଟାଉନ ଥାନା ରେ ଅଭିଯୋଗ ହୋଇଛି। ଯାହା ସହରରେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ଜାଲିଆତି ଓ ବେଆଇନ କାର୍ଯ୍ୟରେ ଜମି କିଣି ଥିବା କଳିକାଦେବୀ ସାହିର ଜଣେ ମହିଳା ତାଙ୍କ ସ୍ୱାମୀ, ମୋହରିର, କନିଷ୍ଠ ମୋହରିର ତଥା ସହଯୋଗୀ ଓ ତତ୍କାଳୀନ ସବ ରେଜିଷ୍ଟ୍ରାର ସଂଶ୍ଳିଷ୍ଟ ଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ଦୋଳମଣ୍ଡପ ସାହିର ବିଜୟ ଲକ୍ଷ୍ମୀ ମିଶ୍ର ନାମ୍ନୀ ଜଣେ ମହିଳା। ସେ ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ କକେଇ ଫକିର ଉପାଧ୍ୟାୟ ଅବିବାହିତ ଥିଲେ।

ଫକିରଙ୍କ ନାମରେ ପୁରୀ ସଦର ତହସିଲ ଅଧିନ କାଶୀହରିପୁର ମୌଜାରେ ଏକ ବହୁ ମୂଲ୍ୟବାନ ଭୂସମ୍ପତ୍ତି ରହିଛି। ତାଙ୍କର କକେଇ ଫକିର ୧୯୮୪ ମସିହାରୁ ମୃତ୍ୟୁ ବରଣ କରିଛନ୍ତି। ବୀଜୟଲକ୍ଷ୍ମୀ ଆଜକୁ ୪୦ ବର୍ଷ ହେବ ଉକ୍ତ ଜମିର ଖଜଣା ପାଉତି ସରକାରଙ୍କ ନିକଟରେ ପୈଇଠ କରି ଆସୁଛନ୍ତି। ତେବେ ଇତି ମଧ୍ୟରେ ତାଙ୍କ ଅଗୋଚରରେ ପୁରୀ ଟାଉନ ଥାନା ଅନ୍ତର୍ଗତ କାଳିକାଦେବୀ ସାହି ଦକ୍ଷିଣକାଳି ମନ୍ଦିର ଲେନରେ ରହୁଥିବା ସବିତା ସାହୁ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ଜଣେ ନକଲି ବ୍ୟକ୍ତିକୁ ଫକିର ବୋଲି ପରିଚୟ ଦେଇ ତାରିଖରେ ସବରେଜିଷ୍ଟ୍ରାରଙ୍କ ନିକଟରେ ଛିଡ଼ା କରାଇ ଉକ୍ତ ଜମିକୁ ୨୦୨୪ ମସିହା ମେ ମାସ ୨୯ ତାରିଖରେ ନିଜ ନାମରେ କ୍ରୟ ଦଲିଲ ସଂପାଦନ କରି ଛନ୍ତି। ଉକ୍ତ ନକଲି ଫକିରଙ୍କୁ ସବିତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ସାହୁ ଜାଣିଛନ୍ତି ବୋଲି ଚିହ୍ନଟ କରିଛନ୍ତି। କେବଳ ସେତିକି ନୁହେଁ ନକଲି ଫକିରଙ୍କ ନାମରେ ଡୁପ୍ଲିକେଟ ଆଧାର କାର୍ଡ ମଧ୍ୟ ପ୍ରସ୍ତୁତ କରା ଯାଇଛି। ଏହି ସମସ୍ତ ବେଆଇନ କାର୍ଯ୍ୟକୁ ପୁରୀ ମଙ୍ଗଳାଘାଟ ରୋଡ, ଖୁରୁଣ୍ଟି ମଠ ଲେନ୍ରେ ରହୁଥିବା ଏବଂ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ମୋହରିର ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ ବେହେରା ଓରଫ ଟୁଟୁ ସହଯୋଗ କରି କରିଛନ୍ତି। ସବିତାଙ୍କ ସପକ୍ଷରେ ପ୍ରସ୍ତୁତ ହୋଇ ଥିବା କ୍ରୟ ଦଲିଲ କୁ ପ୍ରଦୀପ ପ୍ରସ୍ତୁତ କରିଛନ୍ତି।

ପ୍ରଦୀପଙ୍କ ସହଯୋଗି ଗୋପୀନାଥ ପରିଡା ସହଯୋଗ କରିବା ସହ ଦଲିଲରେ ସାକ୍ଷୀ ରୂପେ ଦସ୍ତଖତ କରି ଛନ୍ତି। ଅପରପକ୍ଷରେ ତତ୍କାଳୀନ ସବ ରେଜିଷ୍ଟ୍ରାର ନକଲି ଫକିରଙ୍କ ଆଧାର କାର୍ଡକୁ ଠିକ୍ ଭାବେ ତର୍ଜମା ଓ ଛାନ ଭିନ ନ କରି ଦଲିଲ ପଞ୍ଜିକରଣକୁ ଅନୁମୋଦିତ କରି ଛନ୍ତି। ତାଙ୍କର କାର୍ଯ୍ୟ ପୁରା ସନ୍ଦେହ ଜନକ ବୋଲି ବିଜୟ ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଏନେଇ ବିଜୟଲକ୍ଷ୍ମୀ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଦୋଷୀଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଶନିବାର ଦିନ ବିଜୟ ଲକ୍ଷ୍ମୀ ପୁରୀ ଟାଉନ ଥାନାରେ ସବିତା ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ, ମୋହରିର ପ୍ରଦୀପ, ସହଯୋଗୀ ଗୋପୀନାଥ, ତତ୍କାଳୀନ ସବ ରେଜିଷ୍ଟ୍ରାର ଅଂଶୁମାନ ସାହୁ ଓ ଜାଲିଆତି କାଗଜ ପତ୍ର ପ୍ରସ୍ତୁତିରେ ସହଯୋଗ କରି ଥିବା ଅନ୍ୟ କେତେକ କର୍ମଚାରୀଙ୍କ ନାମରେ ଥାନାରେ ଏତଲା ଦାଏର କରି ଛନ୍ତି।

## କିମ୍ସ ଜାତୀୟ ସମ୍ମିଳନୀ ୨୦୨୫
# ଡା ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ 'ହିରୋ' ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): କିମ୍ସ ଜାତୀୟ କନକ୍ଲେଭର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଚିକିତ୍ସା, ଜନସ୍ୱାସ୍ଥ୍ୟ, ଜୈବଚିକିତ୍ସା ନବସର୍ଜନା, ସ୍ୱାସ୍ଥ୍ୟସେବା ନୀତି ଏବଂ ଚିକିତ୍ସା ଶିକ୍ଷା ଆଦି କ୍ଷେତ୍ରରୁ ଭାରତର ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଓ ବିଶେଷଜ୍ଞ ଯୋଗ ହୋଇଥିଲେ । ଚଳିତବର୍ଷ ସମ୍ମିଳନୀର ବିଷୟବସ୍ତୁ ଥିଲା- 'ନିଉଅର ହରିଜନ୍ସ, ନିଉଅର କନ୍ସେପ୍ଟସ, ନିଉଅର୍ ଇନୋଭେସନ୍ସ' । ଏହି କାର୍ଯ୍ୟକ୍ରମରେ ୫ଶହରୁ ଊର୍ଦ୍ଧ୍ୱ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବାର ଅନ୍ୟାନ୍ୟ କ୍ଷେତ୍ରର ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଯୋଗ ଦେଇଥିଲେ । ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା, ଗବେଷଣା ଲବ୍ଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ, ସ୍ଥାନୀୟ ସମ୍ବଳ ଏବଂ କମ୍ ଖର୍ଚ୍ଚରେ କିପରି ଗବେଷଣା କରାଯାଇପାରିବ, ସାଧାରଣ ଲୋକଙ୍କୁ କମ୍ ଖର୍ଚ୍ଚରେ ସୁବିଧାରେ



ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦେବା ବିଷୟରେ ବିଶେଷଜ୍ଞମାନେ ସେମାନଙ୍କ ମତ ପ୍ରଦାନ କରିଥିଲେ । ଏହା ବ୍ୟତୀତ ଚିକିତ୍ସା କ୍ଷେତ୍ରରେ ନବସର୍ଜନା, କୋଷୀୟ ବିଜ୍ଞାନ ଏବଂ କ୍ଲିନିକାଲ୍ ବିଜ୍ଞାନକୁ ଗବେଷଣା ମାଧ୍ୟମରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ଦିଗରେ ଏକତ୍ରିତ ହୋଇପାରିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା ଶିବାନନ୍ଦ ମହାନ୍ତିଙ୍କୁ କିମ୍ସ ପକ୍ଷରୁ ପ୍ରଥମ 'ହେଲ୍ଥ ଏମ୍ପାୱାରମେଣ୍ଟ ଇନ୍ ରୁରାଲ୍ ଓଡ଼ିଶା' (ହିରୋ) ପୁରସ୍କାର ପ୍ରଦାନ କରାଯାଇଥିଲା । ଡା ମହାନ୍ତିଙ୍କ ନିରନ୍ତର କ୍ଷେତ୍ର ସମ୍ପର୍କ, ଜନକେନ୍ଦ୍ରିତ ହସ୍ତକ୍ଷେପ ଓ ଦୀର୍ଘକାଳୀନ ପ୍ରତିବଦ୍ଧତା ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସହାୟକ ହୋଇପାରିଛି ।

ଏହି କାର୍ଯ୍ୟକ୍ରମରେ ଆ ଇ ସି ଏ ମ୍ ଆ ର ର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା ରାଜୀବ ବାହାଲ, ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତିକରଣ ଓ ଗବେଷଣା ଜନିତ କ୍ଲିନିକାଲ୍ ଅଭ୍ୟାସର ଭବିଷ୍ୟତ ଉପରେ ମତ ରଖିଥିଲେ । କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, କିମ୍ସ ମୁଖ୍ୟତଃ ଗରିବ ଲୋକଙ୍କ ସେବା ପାଇଁ କାମ କରୁଛି । ଓଡ଼ିଶାର ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସ ତାର ପ୍ରୟାସ ଜାରି ରଖିଛି ବୋଲି ଶ୍ରୀ ସାମନ୍ତ କହିଥିଲେ । ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ଚିକିତ୍ସା ଗବେଷଣା କିମ୍ସ ମିଶନର କେନ୍ଦ୍ରବିନ୍ଦୁ ବୋଲି କହିଥିଲେ । ଗବେଷଣା ଲବ୍ଧ ଜ୍ଞାନ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ତାହା ଆମର ଦାୟିତ୍ୱ । କେବଳ ଚିକିତ୍ସା କରିବା ନୁହେଁ ବରଂ ଏହି ଜ୍ଞାନକୁ ଉପଯୋଗ କରି ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରାଯାଇପାରିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ମହାନିର୍ଦ୍ଦେଶକ ଡା ଅଜିତ ମହାନ୍ତି, କିମ୍ସ ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

## ଯୁବ ରେଡକ୍ରସ୍‌ର ଜିଲ୍ଲାସ୍ତରୀୟ ଶିକ୍ଷା ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଣ୍ଡିତଗାଁରେ ୨୨ ନଭେମ୍ବର ୨୦୨୫ ତାରିଖରେ ଯୁବ ରେଡକ୍ରସ୍‌ର ଜିଲ୍ଲାସ୍ତରୀୟ ଶିକ୍ଷା ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସଂଯୁକ୍ତ ଶିକ୍ଷା ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ରେଡକ୍ରସ୍‌ର ଗୁରୁତ୍ୱକୁ ସ୍ୱୟଂସେବକମାନଙ୍କୁ ଉଦ୍‌ବୋଧନ କରିଥିଲେ। ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ମିଲିମିତା ପାଢ଼ୀ ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବ ରେଡକ୍ରସ୍‌ର ପତାକା ଉତ୍ତୋଳନ କରି ଶପଥ ଗ୍ରହଣ କରାଯାଇଥିଲା। ସ୍ୱାଗତ ସଂଗୀତ ଓ ସ୍ୱାଗତ ଓଡ଼ିଶୀ ନୃତ୍ୟ ଭଲ୍ୟୁଣ୍ଟର୍‌ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ରେଡ଼କ୍ରସ୍ ସଚିବ ତିନିଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମର ଗୁରୁତ୍ୱ ତଥା ଏହାର ସଫଳତା କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଂଜାମ ଜିଲ୍ଲାର ୪୦ ମହାବିଦ୍ୟାଳୟର ସ୍ୱୟଂସେବକ ଓ କାଉନ୍‌ସିଲର ଯୋଗ ଦେଇଥିଲେ।

# କାଶିଆ ମାଇନ୍ସକୁ କଳିଙ୍ଗ ଏକ୍ସିଲେନ୍ସ ସେଫ୍ଟି ଆୱାର୍ଡ

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟିଲର କାଶିଆ ମାଇନ୍ସକୁ କଳିଙ୍ଗ ଏକ୍ସିଲେନ୍ସ ଆୱାର୍ଡରେ ସମ୍ମାନିତ କରାଯାଇଛି। ୨୦୨୪ରେ ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ଅବଦାନ ପାଇଁ ପ୍ଲାଟିନମ ବର୍ଗରେ ଏହି ସମ୍ମାନ ମିଳିଛି। ଆଇକ୍ୟୁଇଏମଏସ ପକ୍ଷରୁ ଆୟୋଜିତ ଷୋଡ଼ଶ ଜାତୀୟ ନିରାପତ୍ତା ସମ୍ମେଳନ-୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବହୁ ବିଶିଷ୍ଟ





ବ୍ୟକ୍ତି ଉପସ୍ଥିତ ଥିଲେ। ପୁରସ୍କାର ଗ୍ରହଣ କରିବା ଅବସରରେ ଜିନ୍ଦଲ ଷ୍ଟିଲ- ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ର ଏହି ସମ୍ମାନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, "ସମସ୍ତ ନିରାପତ୍ତା ନିୟମର କଠୋର ଅନୁପାଳନ ଜିନ୍ଦଲ ଷ୍ଟିଲର ଅଭିନ୍ନ କର୍ମସଂସ୍କୃତି। ଏକ ସୁରକ୍ଷିତ ଓ ନିରାପଦ କାର୍ଯ୍ୟକ୍ଷେତ୍ରକୁ ସୁନିଶ୍ଚିତ କରିବା ସହିତ ନିରାପତ୍ତାର ଉଚ୍ଚମାନକକୁ ବଜାୟ ରଖିବା ପାଇଁ ଜିନ୍ଦଲ ଷ୍ଟିଲ ସର୍ବଦା ପ୍ରତିଶ୍ରୁତିବଦ୍ଧ।

## ଗୋ ଆମେଚର ଜାତୀୟ କ୍ରୀଡା ଅବସରରେ ସାହିତ୍ୟ ଉତ୍ସବ ଅନୁଷ୍ଠିତ

ପୁରୀ, (ସବ୍ୟୁ) : ଗୋ ଆମେଚର ଜାତୀୟ କ୍ରୀଡା ଅବସରରେ ସମତା ସାହିତ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଏକ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସାହିତ୍ୟ ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଅଭିମନ୍ୟୁ ଭୂୟାଁ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ପ୍ରଭାସିନୀ ମିଶ୍ର, ବିପିନ ଦଳାଇ, ମାନସୀ ରଥ ପ୍ରମୁଖ ମଂଚାସୀନ ଥିଲେ । ସମିତିର ସଭାପତି ପ୍ରତିଭା ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଆୟୋଜିତ ଉତ୍ସବରେ କ୍ରୀଡା ସହିତ ସାହିତ୍ୟର ସମ୍ପର୍କ ନିଶ୍ଚିତ ଅଛି ବୋଲି ମଂଚାସୀନ ଅତିଥିମାନେ ଆଲୋଚନା କରିଥିଲେ । ସାହିତ୍ୟ ହେଉଛି ସମାଜର ଦର୍ପଣ କ୍ଷ ସାହିତ୍ୟିକ ମାନେ ତାଙ୍କର ଲେଖନୀ ମୁନରେ ସୁସଜିତ କରିଥାନ୍ତି ସାହିତ୍ୟର ଅକ୍ଷର ଗୁଡିକୁ କ୍ଷ ଆମେ ଯାହାକୁ ଜଡ଼ ବୋଲି କହୁଥାଉ କବି ତାକୁ ପ୍ରାଣ ସଂଚାର କରନ୍ତି କ୍ଷ ଏହାହିଁ କବିତା । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧିବକ୍ତା ସର୍ବାଣୀ ଦାସ । ପୌର୍ଣ୍ଣମାସୀ ଦେବୀ, ସୌମ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ସ୍ୱରଚିତ କବିତାମାନ ପାଠ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମିତିର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ।



ଭୁବନେଶ୍ୱରରେ ସରଳାଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ଉତ୍ସବରେ ସ୍ୱାମୀ ଜଗନ୍ନାଥାନନ୍ଦ, ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ସରଳାଦେବୀଙ୍କ ନାତୁଣୀ ନିବେଦିତା ମହାନ୍ତି ଓ ଅନ୍ୟମାନେ ।

# ବର୍ଷବ୍ୟାପୀ ପାଳନ କରାଯିବ ଜାନକୀ ବଲ୍ଲଭଙ୍କ ଜନ୍ମ ଶତବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶା ଗଠନର ପ୍ରକୃତ ବିନ୍ଧାଣୀ ପ୍ରଜ୍ଞାପୁରୁଷ ଡଃ. ଜାନକୀ ବଲ୍ଲଭପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ବର୍ଷବ୍ୟାପୀ ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି କମିଟି ବୈଠକ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ପୂର୍ବ ପ୍ରଶାସକ ନୀଳମାଧବ ମହାନ୍ତି, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀମୟ କର, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ପ୍ରମୁଖ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶତବାର୍ଷିକ କମିଟିର ମୁଖ୍ୟ ସଂଯୋଜକ ଡଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ନିରଞ୍ଜନ ପଟ୍ଟନାୟକ ଜାନକୀ ବଲ୍ଲଭଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ କରାଯାଇଥିବା ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ତାଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଆସନ୍ତା ଜାନୁଆରି ୩, ୨୦୨୬ଠାରୁ ଜାନୁଆରି ୩, ୨୦୨୭ ପର୍ଯ୍ୟନ୍ତ ଏକ ବର୍ଷ ବ୍ୟାପୀ ପାଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିବାକୁ ଉପସ୍ଥିତ ଅତିଥିମାନଙ୍କୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମର ଏକ ମାର୍ଗଦର୍ଶିକାର ଭିଡିଓ ଚିତ୍ର ଯୁବନେତା ଅଭିଷେକ ମହାନନ୍ଦ ଉପସ୍ଥାପନ କରିଥିଲେ ।

ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର,





ପୂର୍ବତନ ସାଂସଦ ଭୂପିନ୍ଦର ସିଂହ, ଡ. ବିମଳେନ୍ଦୁ ମହାନ୍ତି, ପୂର୍ବତନ ପ୍ରଶାସକ ରବିନାରାୟଣ ସେନାପତି, ଡ. ହରେକୃଷ୍ଣ ଶତପଥୀ ପ୍ରମୁଖ ସ୍ୱର୍ଗତ ଜାନକୀବଲ୍ଲଭଙ୍କ ସମସ୍ତ ରଚନାକୁ ଏକ ଗ୍ରନ୍ଥ ଆକାରରେ ପ୍ରକାଶ କରି ଓଡ଼ିଶାର ସମସ୍ତ ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ରଖି ଥିଲେ । ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାହିତ୍ୟିକ ଦାଶ ବେନହୁର, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ, ବିଜେଡି ବିଧାୟକ ଗଣେଶ୍ୱର ବେହେରା, ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ, ସ୍ୱସ୍ତି ଅଧ୍ୟକ୍ଷ,ଜେକେ ମହାନ୍ତି ତାଙ୍କ ପ୍ରସ୍ତାବରେ ତାଙ୍କ ସମୟରେ ପ୍ରତିଷ୍ଠିତ କଳିଙ୍ଗ ଷ୍ଟାଡିୟମ୍‌କୁ ତାଙ୍କ ନାମରେ ନାମିତ କରିବା ସହିତ ଷ୍ଟାଡିୟମ୍ ପରିସରରେ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ । ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ଡିଜି ଅମୀୟ ଭୂଷଣ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଭାରତର ରାଜଧାନୀ ଦିଲ୍ଲୀଠାରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଶରତ ଚନ୍ଦ୍ର ଭଦ୍ର, ପୂର୍ବତନ ବିଚାରପତି ମନୋରଂଜନ ମହାନ୍ତି, ବିଜୟଲକ୍ଷ୍ମୀ ସାହୁ, ସାହିତ୍ୟିକ ଗୌରହରି ଦାସ, ଅସିତ ମହାନ୍ତି, ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ପିଲାଙ୍କ ଜାଣିବା ପାଇଁ ଶହେ ପୃଷ୍ଠାର ଏକ ପୁସ୍ତକ ପ୍ରକାଶ କରି ରାଜ୍ୟ ର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଥିଲେ । ରାଜନେତା ପ୍ରସାଦ ହରିଚନ୍ଦନ, ପୂର୍ବତନ ଏଜି ଅଶୋକ ପରିଜା, ଆଡ଼ଭୋକେଟ ଧରଣୀଧର ନାୟକ,ଶକ୍ତି ଦାସ, ବିଜୟ ଦାସ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଜାନକୀ ବଲ୍ଲଭ ଚେୟାର୍ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସାମ୍ବାଦିକ ରବି ଦାସ, ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ, ପ୍ରଦୋଷ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିପରି ମହମ୍ମଦ ମୁକିମ୍, ଡ. ଗୋବିନ୍ଦ ଭୂୟାଁ, ପୂର୍ବତନ ଜିଲ୍ଲା ଜଜ ରତିକାନ୍ତ ମହାପାତ୍ର, ସରୋଜ କାନ୍ତ ସିଂହ, ମହମ୍ମଦ ସକିଲ୍, ଇଂ ପ୍ରଭାକର ସ୍ୱାଇଁ, ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ବାବାଜୀ ପଟ୍ଟନାୟକ, ବିଜୟାନନ୍ଦ ସିଂହ, ଶିଶିର କୁମାର ନାୟକ ପ୍ରମୁଖ ସ୍ୱର୍ଗତ ଜାନକୀ ବଲ୍ଲଭଙ୍କ କର୍ମକ୍ଷେତ୍ର କଟକ ସହରରେ ଉତ୍ସବକୁ ବ୍ୟାପକଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ ।

ଶେଷରେ ପଦ୍ମାକର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ନବଜ୍ୟୋତି ପଟ୍ଟନାୟକ, ସଂଜୟ ପଟ୍ଟନାୟକ, ବିଶ୍ୱଜିତ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ(କନିଷ୍ଠ), ରଜନୀ କୁମାର ମହାନ୍ତି, ସାମ୍ବାଦିକ ରାଜେଶ ନାୟକ,ଆଲୋକ ମହାନ୍ତି,ସୁବ୍ରତ ମହାପାତ୍ର, ଦୀପକ ମହାପାତ୍ର, ଯୋଗୀନାଥ ବାହୁବଳେନ୍ଦ୍ର, ଅଜୟ ମହାପାତ୍ର, ମିହିର ଆଚାର୍ଯ୍ୟ, ଅଜୟ ସାମଲ, ବରୁନ ରାଜ ପ୍ରମୁଖ ପରିଚାଳନା କରିଥିଲେ ।ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ରେ ଆବାହକ ନିରଞ୍ଜନ ପଟ୍ଟନାୟକ ବର୍ଷ ବ୍ୟାପି ହେବାକୁ ଥିବା କାର୍ଯ୍ୟକ୍ରମ ର ବିସ୍ତୃତ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀ ରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍, ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ଭୂପିନ୍ଦର ସିଂ, ପ୍ରଫେସର ହରେକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ବିକାଶ କର୍ମଶାଳା

ଜଟଣୀ, (ସବ୍ୟୁ): ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଇନୋଭେଶନ, ଡିଜାଇନ ଏବଂ ଉଦ୍ୟମିତା ବିଷୟରେ ଦୁଇ ଦିନିଆ କ୍ଷମତା ବିକାଶ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଏଆଇସିଟି ଓ ମିନିଷ୍ଟ୍ରି ଅଫ୍ ଏଡ୍ୟୁକେଶନ୍‌ର ଇନୋଭେଶନ ସେଲ୍ ଦ୍ୱାରା ମିଳିତ ଭାବେ ଆୟୋଜିତ ହୋଇଥିଲା, ଯାହାକୁ ୱାଧୱାନୀ ଫାଉଣ୍ଡେସନ୍ ର ସହଯୋଗରେ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଇସିଇ ବିଭାଗ ଦ୍ୱାରା ସମନ୍ୱୟ କରାଯାଇଥିଲା। ରାଜ୍ୟ ସ୍ତରର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଦୀପକ ରାୟ ଓ ସନମାନିତ ଅତିଥି ଭାବେ ଯୋଗେଶ ୱାଧୱାନ ଉପସ୍ଥିତ ଥିଲେ । ଏଆଇସିଟିର ମେମ୍ବର ସେକ୍ରେଟାରି ପ୍ରଫେସର ଶ୍ୟାମା ରଥ ଅଂଶଗ୍ରାହୀଙ୍କୁ ସମ୍ବୋଧିତ କରି ଦେଶବ୍ୟାପୀ ଭାବେ ଇନୋଭେଶନ-ଚାଳିତ କ୍ଷମତା ବିକାଶ ପ୍ରଚେଷ୍ଟାକୁ ଦୋହରାଇଥିଲେ ।

ପ୍ରଫେସର ମୁକ୍ତିକାନ୍ତ ମିଶ୍ର ଅଧ୍ୟକ୍ଷ ସେଞ୍ଚୁରିଅନ୍, ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଉପକୁଳପତି, ଏବଂ ପ୍ରଫେସର ଅଜୟ କୁମାର ନାୟକ (ପ୍ରୋ ୱାଇସ୍ ଚାନ୍ସେଲର) ନବୀନ ଶିକ୍ଷା ନୀତି ଅନୁସାରେ ଶିକ୍ଷାରେ ଇନୋଭେଶନ, ଡିଜାଇନ ଥିଙ୍କିଂ ଓ ଉଦ୍ୟମିତାକୁ ଏକୀକୃତ କରିବାର ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ। ମୋଟ ୭୦ ଜଣ ଅଂଶଗ୍ରାହୀ ଏହି କାର୍ଯ୍ୟଶାଳାରେ ଯୋଗ ଦେଇଥିଲେ, ଯେଉଁଥିରେ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଡିଷ୍ଟ୍ରିକ୍ଟ ପ୍ଲାନିଂ କୋଓର୍ଡିନେଟର ଓ ପ୍ରତିନିଧିମାନେ ଅନ୍ତର୍ଭୁକ୍ତ ଥିଲେ।ୱାଧୱାନୀ ଫାଉଣ୍ଡେସନ୍‌ର ଦୁଇଜଣ ବିଶେଷଜ୍ଞ ସେଖ ୱାସିମ୍ ଏବଂ ମିସ୍ ପୁରବୀ ପୁର୍ଣ୍ଣାଶା ମିଶ୍ର ଟେକ୍ନିକାଲ୍ ସେସନ୍‌ଗୁଡିକ ନେତୃତ୍ୱ କରିଥିଲେ। ସେମାନଙ୍କ ଇଣ୍ଟରାକ୍ଟିଭ୍ ସେସନ୍‌ଗୁଡିକ ଇନୋଭେଶନ କ୍ଷମତା ବିକାଶ, ଡିଜାଇନ ଥିଙ୍କିଂ ପ୍ରଣାଳୀ, ଏବଂ ଶିକ୍ଷା ବ୍ୟବସ୍ଥାରେ ଉଦ୍ୟମୀ ମନୋଭାବ ଉନ୍ନୟନ ବିଷୟରେ ଗଭୀର ଅବଧାରଣ ଯୋଗାଇଥିଲା। କାର୍ଯ୍ୟକ୍ରମଟି ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଏସପିଓସି ଓ ଇସିଇ ବିଭାଗ ମୁଖ୍ୟ ଡ଼. ହରିଶ୍ ଚନ୍ଦ୍ର ମହାନ୍ତଙ୍କ ଦ୍ୱାରା ଦକ୍ଷତାର ସହ ପରିଚାଳନା କରାଯାଇଥିଲା ।

# ମଧୁବନ ମିନି ଷ୍ଟାଡିୟମର ହେବ ଉନ୍ନତିକରଣ



ବାରିପଦା, (ସବ୍ୟୁ): ବାରିପଦା ପୋରପାଳିକା ଅନ୍ତର୍ଗତ ମଧୁବନ ସ୍ଥିତ ମିନି ଷ୍ଟାଡିୟମର ଉନ୍ନତିକରଣ କାର୍ଯ୍ୟ ହେବାକୁ ଯାଉଛି। ଏନେଇ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ମିନି ଷ୍ଟାଡିୟମ ପରିସର ଅନୁଧ୍ୟାନ କରିଛନ୍ତି। ଉକ୍ତ ମିନି ଷ୍ଟାଡିୟମ ବାରିପଦା ପୋରପାଳିକାର ଏକ ପ୍ରମୁଖ ଷ୍ଟାଡିୟମ ଅଟେ। ଯେଉଁ ଠାରେ କି ନିୟମିତ ଭାବେ ଖେଳାଳି ମାନେ କ୍ରୀଡା ଅଭ୍ୟାସ କରିଥାନ୍ତି। ଏଥି ସହିତ ମହିଳା ଓ ପୁରୁଷ ମାନଙ୍କ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ପାଇଁ ନିର୍ଭରକରନ୍ତି। ବର୍ତ୍ତମାନ ମିନି ଷ୍ଟାଡିୟମ ପରିସରରେ ଅନେକ ସମସ୍ୟା ଥିବା ବେଳେ ଏହାର ସମାଧାନ ନେଇ ମିଳିତ ଭାବେ ଅନୁଧ୍ୟାନ କରି ସମୀକ୍ଷା କରିଛନ୍ତି। ମିନି ଷ୍ଟାଡିୟମ ପରିସରରେ ବର୍ଷା ଦିନରେ ବର୍ଷା ପାଣି ଜମି ରହୁଥିବା ବେଳେ ଏହାର ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା କରିବା, ପଡ଼ିଆରେ ମାଟି ପକାଇ ଲେଭଲିଂ କରିବା, ମହିଳା ଓ ପୁରୁଷ ଶୌଚଳୟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଚତୁପାର୍ଶରେ ଲାଇଟ ଲଗାଇ ଆଲୋକିକରଣ ବ୍ୟବସ୍ଥା, ପାଚେରୀର ମରାମତି କରିବା, ନୂତନ କ୍ରିକେଟ ପିଚ ନିର୍ମାଣ କରିବା ଏବଂ ଗ୍ୟାଲେରୀର ଉନ୍ନତି କରଣ କରିବା ଆଦି କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ଯାଞ୍ଚ କରି ଡିପିଆର ପ୍ରସ୍ତୁତ କରିବାକୁ ପୋର ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉନ୍ନତିକରଣ କାର୍ଯ୍ୟ ବାବଦରେ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ପାଇଁ ବାରିପଦା ବିଧାୟକ ଶ୍ରୀ ସୋରେନ ପ୍ରତିଶ୍ରୁତି ଦେଇଛନ୍ତି। ପରିଦର୍ଶନ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ୱାର୍ଡ କାଉନସିଲର ପ୍ରଶାନ୍ତ କୁମାର ବେହେରା, ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ବାରିପଦା କ୍ରିକେଟ ଏକାଡେମୀ ସଭାପତି ବିକ୍ରମ କେଶରୀ ଜେନା ଏବଂ କ୍ରିକେଟ ଓ ଫୁଟବଲ ଖେଳାଳି ମାନେ ଉପସ୍ଥିତ ରହି ବିଭିନ୍ନ ଉପାଦେୟ ମୂଳକ ଆଲୋଚନା କରି ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ମତପ୍ରକାଶ କରିଛନ୍ତି।

# ନାବାଳକ ଛାତ୍ରଙ୍କୁ ହତ୍ୟା ଉଦ୍ୟମ : ଜେଜେବିରେ ୪ ନାବାଳକ

ବ୍ରହ୍ମପୁର, (ସବ୍ୟୁ): ଏକ ସରକାରୀ ସ୍କୁଲରେ ୯' ମ ଶ୍ରେଣୀର ପଢୁଥିବା ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ ହୋଇଛି। ବୈଦ୍ୟନାଥପୁର ଥାନାରେ ଏନେଇ ଆହତ ଛାତ୍ରଙ୍କ ମା' ଅଭିଯୋଗ କରିଛନ୍ତି। ପୋଲିସ ୫୮୨/୨୫ ରେ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ କରି ୪ଜଣ ନାବାଳକଙ୍କୁ ଧରିଛି। ପୋଲିସ ସେମାନଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ହୋଇଥିବା ଲୁହା ର ପଞ୍ଚ ଜବତ କରିଛି। ଶନିବାର ଉକ୍ତ ନାବାଳକମାନଙ୍କୁ ଜୁଭେନଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଛି। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ ଯେ ଅଭିଯୋଗକାରୀଙ୍କ ୧୫ ବର୍ଷର ପୁଅ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ପଢ଼ନ୍ତି। ଗତ ୨୦ ତାରିଖ ଅପରାହ୍ଣରେ ଉକ୍ତ ଛାତ୍ର ଜଣଙ୍କ ସ୍କୁଲରୁ ଘରକୁ ଫେରୁଥିଲେ। ସାନ୍ଧ୍ୟ ପ୍ରାୟ ୫ଟା' ବେଳେ ରାସ୍ତାରେ ଉକ୍ତ ୪ନାବାଳକ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ତାଙ୍କୁ ଗାଡ଼ିରେ ବସାଇ ନେଇ ଏମକେସିଜି ମେଡିକାଲ ନିକଟରେ ଥିବା ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ରାସ୍ତାରେ ଓହ୍ଲାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୩ଜଣ ନାବାଳକ ଛି ହୋଇଥିଲେ। କୌଣସି ବିଷୟ କୁ ନେଇ ତାଙ୍କ ସହ ସେମାନେ ଯୁକ୍ତି କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ୪ଜଣ ନାବାଳକ ମିଶି ସେମାନେ ହାତରେ ଧରିଥିବା ଲୁହର ପଞ୍ଚ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ। ଯାହାଫଳରେ ନାବାଳକଙ୍କ ମୁଣ୍ଡ ଫାଟି ଯାଇଥିଲା। ଖବର ପାଇ ତାଙ୍କ ମା'ସେଠାରେ ପହଞ୍ଚି ପୁଅକୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରିଥିଲେ। ପରେ ସେ ଉକ୍ତ ଥାନାକୁ ଯାଇ ଘଟଣାକୁ ନେଇ ଅଭିଯୋଗ କରିଥିଲେ।

# ସ୍ଥାଣୁ ବନବିଭାଗ : ସରକାରୀ ଗୋଚର ଦଣ୍ଡାରୁ କଟା ଚାଲିଛି ମୂଲ୍ୟବାନ ଗଛ



କୁଆଁପାଳ ,(ସବ୍ୟୁ) : ମାହାଙ୍ଗା ତହସିଲ ଅଂଚଳରେ ବଢି ଚାଲିଛି ବେଆଇନ ଗଛ କଟା । ବନ ବିଭାଗ ପାଲଟିଛି ସ୍ଥାଣୁ । ସରକାରୀ ଜମିରୁ ଗଛ ଲୁଟି ନେଉଛନ୍ତି କାଠ ମାଫିଆ । କେବଳ ଜବତ କାଠକୁ ସାଗ ମାଛ ଦରରେ ନିଲାମ କରି ହାତବାନ୍ଧି ବସୁଛି ତହସିଲ ପ୍ରଶାସନ । ଗଛ ଲୁଟିଆଙ୍କ ବିରୁଦ୍ଧରେ ହେଉନି ଆଖିଦୃଷ୍ଟିଆ ଆଇନଗତ କାର୍ଯ୍ୟାନୁଷ୍ଠାନ । ଯାହା ଫଳରେ କାଠ ମାଫିଆମାନେ ସକ୍ରୀୟ ହୋଇ ସରକାରୀ ଜମିରେ ଥିବା ବୃକ୍ଷକୁ ଟାର୍ଗେଟ କରି ଲୁଟୁଛନ୍ତି ମୂଲ୍ୟବାନ କାଠ । ସୂଚନା ଅନୁଯାୟୀ ତାହାପଡା ପଂଚାୟତର ବିଭିନ୍ନ ଗ୍ରାମର ସରକାରୀ ଜମିରୁ ବେଆଇନ ଭାବେ ବଡ ବଡ ଗଛ କଟା ଯାଉଥିବାବେଳେ ପ୍ରଶାସନର ଅଣଦେଖା ହେତୁ ଗଛ ଏବେ ପଦା ହେବାକୁ ବସିଲାଣି । ଏହି ବୃକ୍ଷରେ ତାରାରୋପଣ ଅପେକ୍ଷା ବୃକ୍ଷ ଲୁଟ ଦ୍ରୁତ ଗତିରେ ବଢି ଚାଲିଥିବାବେଳେ ଏହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ବିଫଳ ହେଉଥିବା ଦେଖିବାକୁ ମିଳିଛି । ବୃକ୍ଷ କଟା ହେବା ପୂର୍ବରୁ ପ୍ରଶାସନ ନିକଟରେ ଖବର ନଥିବା ବେଳେ ବୃକ୍ଷ କଟା ଯିବା ପରେ ଏହାକୁ ପ୍ରଶାସନ ଲୋକ ଦେଖାଣିଆ ଭାବେ ଜବତ କରିବା ଘଟଣା ସରକାରୀ କଳର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି । ଏକ ମାସ ମଧ୍ୟରେ କୁହୁଣ୍ଡା ପଂଚାୟତ କଲ୍ୟାଣପୁର ବିଦ୍ୟାଳୟ ସମ୍ମୁଖରୁ ବଡ ଚାକୁଣ୍ଡା ଗଛର ଗଣ୍ଡି କଟା ଯାଇଥିବାବେଳେ ପୁର୍ନବାର ସେହି ପଂଚାୟତର କୁମଡାହାଟ ମଧ୍ୟରେ ଥିବା ୨ଟି ବଡ ବଡ ମାହାଳ ଓ ଶିମିଳି ଗଛକୁ କଟା ଯାଇଥିବା ଦେଖିବାକୁ ମିଳିଥିଲା । ସେହପିରି ଚାହାପଡା ପଂଚାୟତ ବରଦିଆ ସେଠୀ ସାହିରେ ଥିବା ୩ଟି ଚାକୁଣ୍ଡା ଗଛ କଟାଯାଇଥିଲା । ତହସିଲଦାର ସୁଭାଶିଷ ପାଲଟାଙ୍କ ନିର୍ଦ୍ଦେଶ କ୍ରମେ ଗୌଡପଡା ରାଜସ୍ୱ ନିରୀକ୍ଷକ ମଳୟ କୁମାର ବେହେରା ଘଟଣା ସ୍ଥଳରେ ପହଂଚି କଟା ଯାଇଥିବା ୩୦ ହଜାରରୁ ଉର୍ଦ୍ଧ ମୁଲ୍ୟର ୨୦ରୁ କାଠ ଗଣ୍ଡି ଜବତ କରିଥିବା ଜଣାଯାଇଛି । ତେବେ ସରକାରୀ ବୃକ୍ଷର ରକ୍ଷଣାବେକ୍ଷଣ ଓ ଜଗାରଖା ପାଇଁ ମାହାଙ୍ଗା ବ୍ଳକର ମାହାଙ୍ଗା ଠାରେ ବନବିଭାଗ ପକ୍ଷରୁ ଏକ ବିଟ ହାଉସ ସ୍ଥାପନ କରାଯାଇଛି । ହେଲେ ଏହି ବିଟ ହାଉସର ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନ ହେବା ଦ୍ୱାରା ବାରମ୍ବାର ଛୁଟି ଦିନ ଆଦିରେ ସରକାରୀ ଜମିରୁ କାଠମାଫିଆମାନେ ଗଛ ଲୁଟ କରୁଛନ୍ତି । ପ୍ରଶାସନ ପକ୍ଷରୁ କାଠମାଫିଆଙ୍କ ବିରୁଦ୍ଧରେ ଆଖିଦୃଶିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏବେ ଧିରେ ଧିରେ ବଡ ବଡ ଗଛ ବିଲୁପ୍ତ ହେବାକୁ ବସିଲାଣି । ତୁରନ୍ତ କଟକ ଜିଲ୍ଲାପାଳ ଓ ଜିଲ୍ଲା ବନ୍ୟାଂଚଳ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବତ ମାନେ ଦାବୀ କରିଛନ୍ତି ।

# ନିଶା ନିବାରଣ କେନ୍ଦ୍ରରେ ଯୁବକ ମୃତ : ହତ୍ୟା ମାମଲା ରୁଜୁ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଲପୁର ରେ ଥିବ ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକ ମିଳନ ନାୟକଙ୍କ ସନ୍ଦେହଜନକ ମତ୍ୟୁ ଘଟିଛି। ହତ୍ୟା କରାଯାଇଥିବା ନେଇ ତାଙ୍କ ମା'ସାଇବାଣୀ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି।ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି। ଘଟଣାରୁ ପ୍ରକାଶ ଯେ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀ ନାୟକଙ୍କ ପୁଅ ମିଳନ ନାୟକ ଅତ୍ୟାଧିକ ନିଶାପାନ କରୁଥିଲେ। ସେ କିପରି ନିଶା ଠାରୁ ଦୁରେଇଯିବେ ସେ ନେଇ ପରିବାର ଲୋକ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟିଥିଲେ। ସେ ମହିଳାଙ୍କୁ କହିଥିଲେ ଯେ ,ମିଳନଙ୍କୁ ଆମ କେନ୍ଦ୍ରରେ ଭର୍ତ୍ତି କଲେ ତାହାର ନିଶା ଅଭ୍ୟାସ ଆମେ ଦୁରେଇ ଦେବୁ । ତାଙ୍କରି କଥାରେ ବିଶ୍ୱାସ କରି ପରିବାର ଲୋକ ଗତ ୧୬ ତାରିଖରେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପୁଅର ସ୍ୱାସ୍ଥ୍ୟବସ୍ଥା ଠିକଠାକ ଥିଲା। ଶୁକ୍ରବାର ବିଳମ୍ବିତ ରାତ୍ର ପ୍ରାୟ ସାଢ଼େ ଦୁଇଟା ରେ ଉକ୍ତ କେନ୍ଦ୍ରର ପରିଚାଳକ ଫୋନ କରି ତାଙ୍କୁ ଏମକେସିଜି ମେଡିକାଲ ଆସିବାକୁ କହିଥିଲେ। ମିଳନ ଅସୁସ୍ଥ ହେବାରୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ମେଡିକାଲରେ ପହଞ୍ଚି ଦେଖିବା ବେଳେ ପୁଅ ମରିପଡିଥିବା ଦେଖିବାକୁ ପାଇଥିଲୁ। ମିଳନର ହାତ , ଗୋଡ଼ ରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ଉକ୍ତ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ମାନେ ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ଗତ ଦୁଇ ମାସ ତଳେ ସଦର ଥାନା ଅନ୍ତର୍ଗତ ଲାଠୀରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ।

## ନିଖୋଜ ଯୁବକର ମୃତଦେହ ଉଦ୍ଧାର

ଭଂଜନଗର ,(ସବ୍ୟୁ): ଗତ ତିନିଦିନ ଧରି ନିଖୋଜ ଥିବା ଯୁବକର ମୃତଦେହକୁ ଶନିବାର ଅପରାହ୍ଣରେ ଉଦ୍ଧାର କରାଯାଇଛି । ଗାଙ୍ଗପୁର ଥାନା ଅନ୍ତର୍ଗତ କେ. ନୂଆଁଗଡ ଗାଁ ନିକଟରେ ନଜରକୁ ଆସିଛି ଏଭଳି ଘଟଣା । ମୃତ ଯୁବକ ଜଣକ ସେହି ଗାଁର କୈଳାସ ସେଠୀଙ୍କ ପୁଅ ରାଜେଶ ସେଠୀ (୨୪) ବୋଲି ଥାନା ସୂତ୍ରରୁ ଜଣାପଡିଛି । ମିଳିଥିବା ସୂଚନା ପ୍ରକାରେ ଗତ ତିନିଦିନ ପୂର୍ବରୁ ନିକଟସ୍ଥ ଗାଁକୁ ରାତିରେ ନାଚ ଦେଖିବାକୁ ଯାଇଥିବା ଜଣାଯାଇଛି । ସେହି ରାତିରୁ ରାଜେଶ ଘରକୁ ଫେରିନଥିଲେ । ପରିବାର ଲୋକେ ଖୋଜାଖୋଜି କରିବା ପରେ ବି କୌଣସି ସନ୍ଧାନ ମିଳିନଥିଲା । ଶନିବାର ଅପରାହ୍ଣରେ ତାଙ୍କର ମୃତଦେହ, ଗାଁ ଶେଷ ମୁଣ୍ଡରେ ଥିବା ଏକ ବିଲମାଳରେ ପଡିଥିବା ଦେଖିବାକୁ ମିଳିଥିଲା । ପରିବାର ଲୋକେ ଏସଂକ୍ରାନ୍ତରେ ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ, ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଚଳାଇଛି । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ, ପୋଲିସର ତଦନ୍ତ ପରେ ଘଟଣାର କାରଣ ଜଣାପଡିବ ବୋଲି କୁହାଯାଇଛି ।

## ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମଦିନରେ ଯୁବ ଦିବସ ଭାବେ ପାଳିତ

ବାରିପଦା, (ସବ୍ୟୁ): ଶ୍ରୀ ସତ୍ୟସାଇ ସେବା ସଂଗଠନର ବାରିପଦା ସମିତି ତରଫରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପଞ୍ଚଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ୧୦୦ ତମ ଜନ୍ମଦିନର ତୃତୀୟ ଦିବସକୁ ଯୁବ ଦିବସ ଭାବେ ପାଳନ କରାଯାଇଅଛି। ସଂଧ୍ୟା ୬ଟାରେ ଜ୍ୟୋତି ଆବାହନ, ବେଦପାଠ ପରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପୂର୍ବତନ ବାଳବିକାଶ ଛାତ୍ର ସାଇକୃଷ୍ଣ ଜେନା, ଓଏସ,ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ବାଲେଶ୍ୱର ନିଜ ବକ୍ତବ୍ୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ, ସେବା ମନୋବୃତ୍ତି କିପରି ଜଣକୁ ଜୀବନରେ ଉନ୍ନତି କରିବା ସହ ଭଗବାନଙ୍କର ପ୍ରିୟଭାଜନ କରେ ତାହା ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମଙ୍ଗଳ ଆରତୀ ଏବଂ ତାପରେ ସମସ୍ତେ ପ୍ରସାଦ ସେବନ କରି ପ୍ରତ୍ୟାବର୍ତ୍ତନ କରିଥିଲେ। ଭଗବାନଙ୍କର ପ୍ରତ୍ୟକ୍ଷ ଦିବ୍ୟ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପର୍ଣ୍ଣ ହୋଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ଛତ୍ରପୁର (ସବ୍ୟୁ): ସ୍ଥାନୀୟ ଛତ୍ରପୁର କ୍ରୀଡାଙ୍ଗନ ଠାରେ ସରସତୀ ଶିଶୁ ବିଦ୍ୟାମନ୍ଦିର ଛତ୍ରପୁରର ୩୦ ତମ ବାର୍ଷିକ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଅଛି । ଏହାକୁ ମୁଖ୍ୟଅତିଥି ରୁପେ ଛତ୍ରପୁର ଚେୟାରମେନ ଶ୍ରୀମତି ସର୍ମିଷ୍ଠା ପ୍ରଧାନ, ସମାଜସେବୀ ଚନ୍ଦ୍ରଶେଖର ରେଡ୍ଡୀ, ଗୋପାଳପୁର ଇଗ୍ନ ମୁଖ୍ୟ 1 ଦେବଦତ୍ତ ମିଶ୍ର, ସମାଜସେବୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ସଂକୁଳ ପ୍ରମୁଖ ଡ ଜେ କୁର୍ମା ରାଓ ଯୋଗ ଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ ।ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର



ନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦେଇଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲାବେଳେ ଉପସଭାପତି ଶ୍ରୀମତି ଗୀତା ପାଢୀ, ସଦସ୍ୟ ରାମପ୍ରକାଶ ପଟ୍ଟନାୟକ, ସୁନିତା ସେଠୀ ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ ।। ଉକ୍ତ କ୍ରୀଡାରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୪୦ଜଣ ଶିଶୁ ବିଭିନ୍ନ ପ୍ରକାର ଖେଳରେ ଭାଗ ନେଇଥିଲା ବେଳେ ୮ ଜଣ ଶିଶୁ ଚମ୍ପିୟାନ ହୋଇଥିଲେ।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ



ବୁଗୁଡା,(ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ କ୍ରୀଡା ସମାରୋହ ଉଦଘାଟିତହୋଇଯାଇଛି । ଉକ୍ତ ତ୍ରିଦିବସୀୟ ବାର୍ଷିକ କ୍ରୀଡା ସମାରୋହର ଉଦଘାଟନୀ ଉତ୍ସବ ଅବସରରେ କ୍ରୀଡା ଜ୍ୟୋତି ପ୍ରତିଯୋଗୀଙ୍କ ଦ୍ୱାରା ବଳଦେବ ମନ୍ଦିରୁ ଅଣାଯାଇ କ୍ରୀଡା ସ୍ଥଳରେ ପହଞ୍ଚିଥିଲା । ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୁଗୁଡା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ପିପୁଲ୍ସ କଲେଜ ପିଇଟି କ୍ରିଷ୍ଣାରାଓ ପାତ୍ର ଓ ସମ୍ମାନିତ ଅତିଥି ଭାବେ ଏସଏମସି ସମ୍ପାଦକ ବିଶ୍ୱ ମୋହନ ମିଶ୍ର ଯୋଗ ଦେଇ ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ । କ୍ରୀଡା ପ୍ରତିଯୋଗିତା କାଳରେ ସଦଭାବନା ରକ୍ଷା ନିମନ୍ତେ ଗତବର୍ଷର ଚମ୍ପିଆନ ପ୍ରଜ୍ଞା କୁମାରୀ ଗୌଡଙ୍କ ନେତୃତ୍ୱରେ ପ୍ରତିଯୋଗୀଙ୍କ ସାମୁହିକ ଶପଥ ପାଠ ପରେ ଶିଶୁ ବାଟିକା, କନିଷ୍ଠ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗର ପ୍ରତିଯୋଗୀମାନଙ୍କ ମଧ୍ୟରେ ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ , ଗୁଳା ଫିଙ୍ଗା, ଥାଳିଆ ଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷାନୁଷ୍ଠାନର ସମସ୍ତ ଗୁରୁଜୀ ଓ ଗୁରୁମା କ୍ରୀଡା ପ୍ରତିଯୋଗିତାଗୁଡିକୁ ପରିଚାଳନା ସହ ମୂଲ୍ୟାଙ୍କନ ପୂର୍ବକ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲା ବେଳେ ସମାରୋପ ଉତ୍ସବରେ ସେମାନଙ୍କୁ ପୁରସ୍କୃତ କରାଯିବା ନେଇ ପ୍ରକାଶ ପାଇଛି। ପ୍ରଧାନାଚାର୍ଯ୍ୟ ଆଟଲ ଲିଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଗୁରୁମା ହରପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମପୁର ମହାନଗର ମହୋତ୍ସବ, ଲୋଗୋ ଉନ୍ମୋଚିତ



ବ୍ରହ୍ମପୁର,(ସବ୍ୟୁ): ଜାନୁଆରୀ ୯ ତାରିଖରୁ ୧୮ ତାରିଖ ଦୀର୍ଘ ୧୦ ଦିନ ବ୍ୟାପୀ ସ୍ଥାନୀୟ ଟାଉନ ହଲ ରୋଡ ସ୍ଥିତ ସେଣ୍ଟ ଷ୍ଟିଫେନ ଚର୍ଚ୍ଚ ପଡିଆ ଠାରେ ଆୟୋଜିତ ହେବ ୧୩ ତମ ବ୍ରହ୍ମପୁର ମହାନଗର ମହୋତ୍ସବ। ଏହି ଅବସରରେ ଶନିବାର ଦିନ ଷ୍ଟେସନ ରୋଡ ସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷ ପରିସରରେ ଏକ ପ୍ରସ୍ତୁତି ବୈଠକ ସହ ଲୋଗୋ ଉନ୍ମୋଚନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇ ଲୋଗୋ ଉନ୍ମୋଚନ କରିବା ସହ ଏହି ମହୋତ୍ସବକୁ ଐତିହାସିକ ମହୋତ୍ସବ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ରଖିଥିଲେ। ସେହିପରି ଅନ୍ୟତମ ଅତିଥି ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି କହିଛନ୍ତି ଏଠାରେ କଳା ଓ ସଂସ୍କୃତିର କାର୍ଯ୍ୟକ୍ରମ ସହ ସାହିତ୍ୟ ଚର୍ଚ୍ଚା ହେଉଥିବାରୁ ନିଶ୍ଚିତ ଭାବେ ସମସ୍ତ ବର୍ଗର ଜନସାଧାରଣଙ୍କ ଦାରା ଏହା ଆଦୃତ ହୋଇପାରିବ। ଅନ୍ୟ ଅତିଥିଙ୍କ ମଧ୍ୟରେ ୟୁନିୟନ କ୍ଲବ ସଭାପତି ଭି.ସନ୍ତୋଷ କୁମାର, ସମ୍ପାଦକ ପାର୍ଥ ପାଢ଼ୀ, ପ୍ରେସ କ୍ଲବ ବ୍ରହ୍ମପୁର ସଭାପତି ଅଶୋକ କୁମାର ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ସହରରେ ଗତ ୧୨ ବର୍ଷ ଧରି ଅନୁଷ୍ଠିତ ହେଉଥିବା ମହାନଗର ମହୋତ୍ସବ ଗଞ୍ଜାମ ଜିଲ୍ଲାର କଳା, ସଂସ୍କୃତି ଓ ସାହିତ୍ୟର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚଳିତ ବର୍ଷ ଏହି ମହୋତ୍ସବ ଆୟୋଜନରେ ବହୁ ଗଣ ସଂଗଠନ ଏଥିରେ ସାମିଲ ହେଉଛନ୍ତି। ଏହି ମହୋତ୍ସବ ଏକ ନିଆରା ସାଦର ମହୋତ୍ସବ ହେବ। ଏଥିରେ ଗଂଜାମ ଜିଲ୍ଲା ତଥା ଦକ୍ଷିଣ ଓଡ଼ିଶାର ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଯୋଗାଇ ବିଶ ଦରବାରରେ ପହଞ୍ଚାଇବାକୁ ଉଦ୍ୟମ ହେବ। ମହୋତ୍ସବ କମିଟି ସଭାପତି ଗୋପାଳ ପଟ୍ଟନାୟକଙ୍କ ଅଧକ୍ଷତା ଏବଂ ସମ୍ପାଦକ ନାରାୟଣ ମହାକୁଡଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ କବି,ସାହିତ୍ୟିକ ତଥା ଶିକ୍ଷାବିତ୍ ମିହିର ରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସାହିତ୍ୟ ଆଲୋଚନା ଚକ୍ର ଆୟୋଜିତ ହେବ। ଏହି ସାହିତ୍ୟ ମହାକୁମ୍ଭରେ ରାଜ୍ୟର ୧ ହଜାରରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ସାମିଲ ହେବେ। ସେହିପରି ୧୦୦ରୁ ଉର୍ଦ୍ଧ୍ୱ ଆଲୋଚକ ମଧ ଯୋଗ ଦେଇ ସାହିତ୍ୟ ସହ ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋଚନା କରିବେ। ମୋଟ ୧୦ ଦିନର କାର୍ଯ୍ୟକ୍ରମରେ ୧୦୦ ପୁସ୍ତକ ଉନ୍ମୋଚନ ହେବ। ଅନ୍ୟପଟେ ଏହି ମୋହୋତ୍ସବ କେବଳ କଳା ଓ କଳାକାରଙ୍କୁ ନୁହେଁ, ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ବ୍ୟବସାୟୀଙ୍କୁ ବି ବିକ୍ରିବଟାର ସୁଯୋଗ ଦେବ। ବିଭିନ୍ନ ବିଭାଗ ତଥା ବ୍ୟବସାୟିକ ପ୍ରତିଷ୍ଠାନର ୧ ଶହରୁ ଉର୍ଦ୍ଧ୍ୱ ଷ୍ଟଲ, ଯେଉଁଥିରେ ହସ୍ତତନ୍ତ, କୁଟୀର ଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରିର ବ୍ୟବସ୍ଥା କରାଯାଇଛି। ମହୋତ୍ସବର ସୁପରିଚାଳନା ସକାଶେ ଜିଲ୍ଲା ପ୍ରଶାସନ, ଆରକ୍ଷୀ ବିଭାଗ, ଦମକଳ ବାହିନୀ, ବିଦ୍ୟୁ ବିଭାଗ, ଜନ ସାସ୍ଥ୍ୟ ବିଭାଗ, ସାସ୍ଥ୍ୟ ବିଭାଗ ତଥା ବ୍ରହ୍ମପୁର ମହାନଗର ନିଗମର ସାହାର୍ଯ୍ୟ ସହଯୋଗ ଲୋଡା ଯାଇଥିବା କମିଟିର ଆବାହକ ଇଂ ଉମା ଚରଣ ପାଣିଗ୍ରହୀ ସୂଚନା ଦେଇଛନ୍ତି।

# ଫାର୍ମାସିଷ୍ଟ ଓଡିଶା ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ

ବାରିପଦା, (ସବ୍ୟୁ) : ଓଡିଶା ଫାର୍ମାସୀ ସେବା ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ତରଫରୁ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ଉଦଯାପିତ ହୋଇଯାଇଅଛି। ଏହି ଉପଲକ୍ଷେ ଏକ ରାଲିକୁ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ଦାଶ ଏବଂ ମୟୂରଭଞ୍ଜ ମେଡିକାଲ ଏକାଡେମିର ଅଧ୍ୟକ୍ଷ ଅଶୋକ କୁମାର ଦ୍ୱାରି ପତାକା ଦେଖାଇ ଉଦଘାଟନ କରିଥିଲେ । ଓମ ସାଇ ଇନ ଇନଷ୍ଟିଚ୍ୟୁଟ ଅଫ ପାରାମେଡିକାଲ ସାଇନ୍ସ ସୀମାନ୍ତ , ଇନମ ଇନଷ୍ଟିଚ୍ୟୁଟ ଅଫ ଫାର୍ମାସିଉଟିକାଲ ଏଣ୍ଡ ସାଇନ୍ସ , ମୟୂରଭଞ୍ଜ ମେଡିକାଲ ଏକାଡେମିର ଛାତ୍ର ଛାତ୍ରୀ ଏବଂ ମୟୂରଭଞ୍ଜ ଫାର୍ମାସୀ ଅଫିସର ସଂଘର ମିଳିତ ଆନୁକୁଲ୍ୟରେ ଏକ ରାଲି ସହର ପରିକ୍ରମା କରିଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସଂଘ ସଭାପତି ଚିନ୍ମୟ କୁମାର ସିହ୍ନାଙ୍କ ସଭାପତିତ୍ୱରେ ଏକ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ କିଶୋର କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇ ଥିଲେ । ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲ ର ଅଧ୍ୟକ୍ଷ ଡା ରୀତାଞ୍ଜଳୀ ବେହେରା , ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ଦାଶ, ଡିପିଏମ ଅନୀଲ କୁମାର ମହାନ୍ତି , ମୟୁରଭଞ୍ଜ ମେଡିକାଲ ଏକାଡେମୀର ଅଧକ୍ଷ ଅଶୋକ କୁମାର ଦ୍ୱାରି , ଡ୍ରଗ୍ସ ନିୟନ୍ତ୍ରକ ଦିବ୍ୟରଞ୍ଜନ ନାଏକ , ହସ୍ପିଟାଲ ମେନେଜର ଶ୍ରୀରାମ ମହାନ୍ତି ଉପସଭାପତି ସଂଜୀବ ସାହୁ ଯୁଗ୍ମ ସମ୍ପାଦକ ବିକାଶ ପାତ୍ର କୋଷାଧ୍ୟକ୍ଷ ଶୁଶାନ୍ତ ବାଗ , ସିନିୟର ଫାର୍ମାସିଷ୍ଟ , ଅଜିତ କୁମାର ବେହେରା , ଅତିଥୀ ଭାବେ ଯୋଗଦେଇ ଥିଲେ । ଫାର୍ମାସିଇଷ୍ଟ ଓଡିଶା ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ ବୋଲି ଉଲ୍ଲେଖ କରି ଅତିଥୀ ମାନେ ଏହି କ୍ଷେତ୍ରରେ ଅଧିକ ଫାର୍ମାସୀ ଅଫିସର ମାନେ ନିଯୁକ୍ତି ସହିତ ମୂଳ ଦରମା ୯୩୦୦ ଗ୍ରେଡ ପେ ୪୨୦୦ ବୃଦ୍ଧି ପାଇଁ ଦାବୀ କରିଥିଲେ । ଚଳିତ ବର୍ଷର ଫାର୍ମାସିଷ୍ଟ ଟିକାକରଣ ର ପ୍ରବକ୍ତା ବିଷୟରେ ଆଲୋଚନା କରି ମତବ୍ୟକ୍ତ ପ୍ରକାଶ କରିଥିଲେ । ରୂପନାରାୟଣ ପ୍ରତିହାରୀ ଏବଂ ସର୍ୱର୍ଣ୍ଣଲକ୍ଷ୍ମୀ ରାଉତ ଅତିଥୀ ପରିଚୟ ଦେଇଥିବାବେଳେ ଫାର୍ମାସୀ ଅଫିସର ତପନ କଳିଆ, ମାନିକଲାଲ ଘୋଷ ସୀମା ସେଠୀ , ଦେବାଶିଷ ନାୟକ, ରଶ୍ମିରଞ୍ଜନ ଦାଶ , ରୁପେନ୍ଦ୍ର ନାଥ ସିଂ, ଖଗେନ୍ଦ୍ର ପାତ୍ର, ବନଲତା ବାରିକ ,ରୁପାଲି ଭଦ୍ର ସ୍ମିତା ପରିଡା ,ଅନିଲ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକକ୍ରୀଡା

ବେତନଟୀ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ବେତନଟୀ ଦେବବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ୨୪ତମ ବାର୍ଷିକକ୍ରୀଡା ଶୁକ୍ରବାର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଲକ୍ଷ୍ମୀଧର ଧର ବାରିକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ବାର୍ଷିକକ୍ରୀଡାର ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରାୟତ୍ତ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ବେତନଟୀ ଶାଖା ପ୍ରବନ୍ଧକ ପଙ୍କଜିନୀ ସେଠୀ ଯୋଗଦେଇ ଛାତ୍ରାବସ୍ଥା ତଥା ମଣିଷ ଜୀବନରେ କ୍ରୀଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଆବଶ୍ୟକତା ବାବଦରେ ସମ୍ୟକ ବକ୍ତବ୍ୟ ରଖିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଧାନଗୁରୁଜୀ ଲକ୍ଷ୍ମୀଧର ବାରିକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ସମାଜସେବୀ ପ୍ରକାଶ ବେହେରା, କୋଷାଧ୍ୟକ୍ଷ ସୁଶେନଚନ୍ଦ୍ର ମହାନ୍ତ ଏବଂ ସମ୍ପାଦକ ଶାନ୍ତନୁ ପଣ୍ଡା ପ୍ରମୁଖ ଅତିଗଣ ଯୋଗଦେଇଥିଲେ । ୪୬ଟି ବିଭାଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରି କୃତୀତ୍ୱ ହାସଲ କରିଥିବା ବିଭିନ୍ନ ଶ୍ରେଣୀର ୧୯୫ ଜଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ମେଡାଲ ଡାଲ ଏବଂ ସାର୍ଟିଫିକେଟ ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ । ପରିଚାଳନାରେ ସ୍କୁଲର ସମସ୍ତ ଗୁରୁଜୀ/ଗୁରୁମା ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।

## ବ୍ରହ୍ମପୁର ମଣ୍ଡଳ କାରାଗାରରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର,(ସବ୍ୟୁ): ଶନିବାର ଦିନ ବ୍ରହ୍ମପୁର ସ୍ଥିତ ମଣ୍ଡଳ କାରାଗାର ରେ ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୬ତମ ଜୟନ୍ତୀ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଯୋଗଦେଇଥିଲେ । ଅନ୍ୟତମ ଅତିଥି ବ୍ରହ୍ମପୁର ମହାନଗର ନିଗମ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ,ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ,ମଣ୍ଡଳ କାରାଗାର ବରିଷ୍ଠ ଅଧିକ୍ଷକ ଧୀରେନ୍ଦ୍ର ନାଥ ବାରିକ, ଜେଲର ଲକ୍ଷ୍ମୀକାନ୍ତ ଧଙ୍ଗଡା ମାଝି ଉପସ୍ଥିତ ରହିଥିଲେ । ସମସ୍ତ ଅତିଥି ପ୍ରଥମେ ମଣ୍ଡଳ କାରାଗାର ଭିତରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିରରେ



ଯେଉଁଠି ସେ ବନ୍ଦୀ ଥିଲେ ସେଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତାପରେ ମଣ୍ଡଳ କାରାଗାର ବାହାରେ ଯେଉଁଠି ସହିଦ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯାଇଥିଲା ସେହିଠାରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ସମସ୍ତ ସାମ୍ବାଦିକ, ନେତୃବୃନ୍ଦ ,ମଣ୍ଡଳ କାରାଗାର ର ସମସ୍ତ କର୍ମଚାରୀ , ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୁଆଖେଳରୁ ହତ୍ୟାକାଣ୍ଡ : ୫ ଆସାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଭଞ୍ଜନଗର,(ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ଏଡିଜେ ଶେଖ ମହମ୍ମଦ କଏସ ଶନିବାର ଏକ ହତ୍ୟା ମାମଲାର ବିଚାରଣ କରି ୨୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ୫ ଆସାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବେ ଅଭିଯୁକ୍ତ। ଦଣ୍ଡିତ ଅଭିଯୁକ୍ତମାନେ ହେଲେ ଜଗନ୍ନାଥପ୍ରସାଦ ଜଳିସାହିର ବସନ୍ତ ସେଠୀ, ଦିଲ୍ଲୀପ ସେଠୀ, ଅଭିମନ୍ୟୁ ସେଠୀ, ଶ୍ୱେତ ସେଠୀ ଓ ସନ୍ତୋଷ ସାମଲ। ଖବର ନେବାରେ ବସନ୍ତ ସେଠୀର ବାରମ୍ବାର ଦେହ ଖରାପ ହେବାରୁ ତାଙ୍କୁ ପବନା ସେଠୀର ପରିବାର ଲୋକେ ଗୁଣିଆ କରିଥିବା ସନ୍ଦେହ କରିଥିଲା। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳଲାଗିରହିଥିବା ବେଳେ ଗତ ୨୦୧୯ ନଭେମ୍ବରେ ୧୧ ତାରିଖ ରାତି ୮ ଟାରେ ବସନ୍ତ ଓ ପବନା ସମେତ ଅନ୍ୟମାନେ ଜୁଆ ଖେଳୁଥିଲା। ଏହି ସମୟରେ ବସନ୍ତ ଓ ପବନା ମଧ୍ୟରେ ଖେଳକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହାପରେ ବସନ୍ତ ଘରୁ ଛୁରି ଆଣି ପବନାଙ୍କ ଘରକୁ ଯାଇଥିଲେ। ସେଠୀ ପୁଣି ବସନ୍ତ ଓ ପବନା ମଧ୍ୟରେ ଯୁକ୍ତିତର୍କ ହେଇ ବସନ୍ତ ପବନାକୁ ଛୁରିରେ ତାଙ୍କ ଘର ନିକଟରେ ଆକ୍ରମଣ କରିଥିଲେ। ଏହି ସମୟରେ ଦିଲ୍ଲୀପ ସେଠୀ ଓ ସନ୍ତୋଷ ସାମଲ ପବନାର ହାତ ଦୁଇଟିକୁ ଧରିଥିଲେ। ପବନାର ଚିତ୍କାର ଶୁଣି ତାଙ୍କ ବାପା ମା'ଘଟଣାସ୍ଥଳକୁ ଦୌଡ ଆସୁଥିଲେ। କିନ୍ତୁ ବାଟରେ ଅଭିମନ୍ୟୁ ସେଠୀ ଓ ଶ୍ୱେତ ସେଠୀ ପବନାଙ୍କ ବାପା ମା'ଙ୍କୁ ଅଟକାଇ ଦେଇଥିଲେ। ଏହି ସମୟରେ ପବନାଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପବନାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଚିକିତ୍ସା ପାଇଁ ନେବା ସମୟରେ ବାଟରେ ମୃତ୍ୟୁବରଣ କରିଥିଲେ। ଏନେଇ ସେ ସମୟରେ ପବନାଙ୍କ ମା' ସେବତୀ ସେଠୀ ଜଗନ୍ନାଥପ୍ରସାଦ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ମାମଲାରେ ବସନ୍ତ ଘଟଣାଠୁ ଜେଲ୍ରେ ଥିବା ବେଳେ ଅନ୍ୟମାନେ ଜାମିନରେ ଥିଲେ। ଆଜି ଦଣ୍ଡ ପରେ ସମସ୍ତ ଅଭିଯୁକ୍ତଙ୍କୁ ଭଞ୍ଜନଗର ଜେଲକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ପୁର୍ବରୁ ଏମ ତାଜ ଆଦେନୀ ମୋକଦ୍ଦମା ଲଢୁଥିଲେ। ତାଙ୍କର ବିୟୋଗ ପରେ ସରକାରଙ୍କ ପକ୍ଷରୁ ଡ. ସୁଶାନ୍ତ ତ୍ରିପାଠୀ ମୋକଦ୍ଦମା ପରିଚାଳନା କରୁଥିଲେ। ତାଙ୍କୁ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଦାସ ଏବଂ ଓମ ପ୍ରକାଶ ପ୍ରଧାନ ସହଯୋଗ କରୁଥିଲେ

# ୫-ଇ କେୟାର ଆପ କରିବ ସରକାରୀ ଡାକ୍ତରଖାନାରେ ଧାଡି ବାନ୍ଧିବା ଯନ୍ତ୍ରଣାରୁ ମୁକ୍ତି

ବାରିପଦା, (ସବ୍ୟୁ) : ଜନସାଧାରଣଙ୍କୁ ସରକାରୀ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ବର୍ହିବିଭାଗ ଟିକଟ କରିବା ପାଇଁ ଲମ୍ବା ଧାଡିରେ ଘଣ୍ଟା ଘଣ୍ଟା ଛିଡା ହେବାକୁ ପଡୁଛି. ଫଳରେ ସମୟ ମୁତାବକ ରୋଗୀ ମାନେ ଚିକିତ୍ସା ପାଇବାରେ ହଇରାଣ ହେଉଛନ୍ତି। ମାତ୍ର ଏବେ ଡାକ୍ତରଖାନାରେ ଧାଡି ବାନ୍ଧିବା ଯନ୍ତ୍ରଣାରୁ ମୁକ୍ତି ମିଳିବ। ଏଥିପାଇଁ ୫-ଇ କେୟାର ଏପ ପ୍ଲେଷ୍ଟରରୁ ଡାଉନଲୋଡ଼ କରି ଯେ କୌଣସି ସରକାରୀ ଡାକ୍ତରଖାନାର ବର୍ହିବିଭାଗ ଟୋକେନ ଘରେ ବସି ଅନଲାଇନରେ ପାଇ ପାରିବେ ଏବଂ ଆୟୁଷ୍ମାନ ଭାରତ କାର୍ଡ ଗ୍ରହଣ କରୁଥିବା ସମସ୍ତ ସରକାରୀ ଓ ଘରେଇ ହସ୍ପିଟାଲ ବିଷୟରେ ମଧ ସୂଚନା ପାଇ ପାରିବେ। ସେହିପରି ଏହି ଆପ ମାଧମରେ ଔଷଧର ହୋମ ଡେଲିଭରି, ଏଆଇ ମାଧମରେ ଡାକ୍ତର




ପରାମର୍ଶ ଭଳି ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ ଜନସାଧାରଣଙ୍କୁ ମିଳିପାରିବ ବୋଲି ଆଜି ୫-ଇ କେୟାର ର ସିଇଓ ସୁଦର୍ଶନ ପରିଡା ବାରିପଦା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

### ହିନ୍ଦୋଳ ସବଟ୍ରେଜେରୀରୁ ୬୮ଲକ୍ଷ ୮୫ ହଜାର ହଡପ ଘଟଣା

# ୪ବର୍ଷ ପରେ ବରିଷ୍ଠ କିରାଣୀଙ୍କୁ ଧରିଲା ଭିଜିଲାନ୍ସ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସବଟ୍ରେଜେରୀ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ମନୋରଞ୍ଜନ ସାହୁ ହିନ୍ଦୋଳରୁ ନିଲମ୍ବିତ ହୋଇଥିବା ବେଳେ ଭୁବନ ସବ୍ ଟ୍ରେଜେରୀ ହାଜର ହେଉଥିଲେ । ହିନ୍ଦୋଳ ସବ୍ ଟ୍ରେଜରୀରୁ ପେନସନଭୋଗୀ ମାନଙ୍କର ଫାମିଲ ପେନସନକୁ ହଡପ ରକରିଥିବାର ଅଭିଂଯୋଗ ହୋଇଥିଲା। ବିନା କାରଣରେ ସେ ପ୍ରାୟ ୬୮ଲକ୍ଷ ୮୫ ହଜାର ୪୯୭ ଟଙ୍କା ହଡ଼ପ କରିଥିଲେ। ଏହାକୁ ନେଇ ତାଙ୍କ ନାମରେ ପୋଲିସ ମାମଲା ରୁଜୁ କରିବା ସହିତ ତାଙ୍କୁ



ନିଲମ୍ବନ କରାଯାଇଥିଲା। ଏହି ଘଟଣା ପରେ ହିନ୍ଦୋଳ ସବ ଟ୍ରେଜରୀ ଅଫିସର ୨୦୨୩ ଅଗଷ୍ଟ ୫ ତାରିଖରେ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ । ସେହି ସମୟରୁ ସେ ଫେରାର ଥିଲେ। ଏହିମାମଲାଟି ଭିଜିଲାନ୍ସ ନିକଟରେ ୩୨/୨୦୨୪ରେ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ଭିଜିଲାନ୍ସ ତାଙ୍କ ଗତିବିଧି ଉପରେନଜର ରଖିଥିବା ବେଳେ ଗତ କାଲି ରାତି ୧୦ଟା ସମୟରେ ମନୋରଞ୍ଜନ କଟକ ଯାଉଥିବା ବେଳେ ସଦର ଥାନା ସମ୍ମୁଖରୁ ଭିଜିଲାନ୍ସ ଟିମ୍ ଗିରଫ କରିଥିଲା । ଗିରଫ ପରେ ଅଭିଯୁକ୍ତକୁ ସ୍ୱାସ୍ଥ୍ୟ ପରିକ୍ଷା କରିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଉଛି ।ଏହି ମାମଲାକୁ ନେଇ ଢେଙ୍କାନାଳ ଭିଜିଲାନ୍ସ ଡିଏସପି ଅନସୂୟା ସେନାପତି କହିଛନ୍ତି ଯେ,ହିନ୍ଦୋଳ ସବଟ୍ରେଜେରୀରୁ ଟଙ୍କାହଡପ ଘଟଣାରେ ସେ ଫେରାର ହୋଇଯାଇଥିଲେ। ତାଙ୍କୁ ଗତକାଲି ଗିରଫ କରାଯାଇଥିବାର ଜଣାପଡିଛି। ଏହି ଘଟଣାକୁ ନେଇ ଗିରଫ ହୋଇଥିବା କିରାଣୀ ତାଙ୍କର ଦୋଷ ସ୍ୱିକାର କରିବା ସହିତ ମାନସିକ ଚାପରେ ପଡିକରିଥିବାର ପ୍ରକାଶ କରିଛନ୍ତି। ମନୋରଞ୍ଜନଙ୍କ ଘର ସଦରଥାନା ସାଇଁବିରି ଗ୍ରାମରେ ବୋଲି ଜଣାପଡିଛି।

# ନିତିଦିନ ୩୦ ଟ୍ରିପ୍ ଚୋରା ବାଲି ଚାଲାଣ, ଦୁଇ ଟ୍ରକ୍ ଜବତ

ଗୋଡ଼ିବନ୍ଧ,(ସବ୍ୟୁ) : ଅନୁଗୁଳ ଜିଲ୍ଲା ସମଲ ଥାନା ଦେଇ ପ୍ରତ୍ୟେକ ଦିନ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ବସୁଲେଇରୁ ୧୫ଟି ଟ୍ରକରେ ୩୦ଟ୍ରିପ ଚୋରା ବାଲି ଚାଲାଣ ବର୍ଷେ ହେବ ହେଉଥିଲା । ଖଣି ଉପନିର୍ଦେଶକ ଓ ଉପରିସ୍ଥ ପୋଲିସ ଅଧିକାରୀଙ୍କୁ ଚୋରା ବାଲି ମାଫିଆଙ୍କ ନାମ ତାଲିକା ଦେବାପରେ ଶୁକ୍ରବାର ରାତି ୧୧ଟା ସମୟରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ତାଲିକା ଦେଇଥିବା ବ୍ୟକ୍ତିଙ୍କୁ ବିଭିନ୍ନ ଧମକ ପୂର୍ଣ୍ଣ ଫୋନ୍ କଲ ଆସୁଛି । ପ୍ରାୟ ବର୍ଷେ ହେବ ରାତି ୧୧ରୁ ସକାଳ ୪ଟା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଏହି ୧୫ଟି ଟ୍ରକରେ ବସୁଲେଇରୁ ସମଲ ବାର୍ମ୍ କେନାଲ ରାସ୍ତାରେ ବାଲି ଚୋରା ଚାଲାଣ ହେଉଥିଲା । ବସୁଲେଇରୁ ଭାୟା ମଣିକମରା, ଜକା, ତୁମୁଗୋଳା, ଡଙ୍ଗରବେଡା, କୁଲେଇ ହନୁମାନ ମୂର୍ତ୍ତି ଛକ ଠାରୁ ସମଲ ଥାନା



ଦେଇ ଚାଲାଣ ହେବା ଖବର ବଜାରରେ ଆଲୋଚନା ପରେ ଅନୁସନ୍ଧାନ ଓ ପ୍ରତ୍ୟକ୍ଷ ଦର୍ଷୀଙ୍କ କହିବା ଅନୁଯାୟୀ ସମଲ ଥାନାର ଏସଆଇ ଓ ସ୍ଥାନୀୟ ଦଲାଲ ସହାୟତାରେ ବସୁଲେଇ ଗ୍ରାମର ୧୪ଜଣ ବ୍ୟକ୍ତି ୧୫ଟି ଟ୍ରକରେ ବାଲି ଚୋରା ଚାଲାଣ କରୁଥିବା ଜଣାପଡ଼ିଥିଲା । ଗତକାଲି ତାଳଚେର ଖଣି ଉପନିର୍ଦେଶକ ଚଢ଼ାଉ ସମୟରେ ଓଡ଼ି୯ଏ- ୮୭୬୦ ଓ ଓଡ଼ି୧୪ବି - ୫୨୨୦ ଟ୍ରକକୁ ଧରି ସମଲ ଥାନାରେ ଜିମା ଦେଇଥିଲେ । ଅନ୍ୟ ଟ୍ରକ୍ ଗୁଡ଼ିକ ଚଢ଼ାଉ ଖବର ପାଇ ବାମପାର୍ଶ୍ୱ କେନାଲ ରାସ୍ତାରେ ଅନଲୋଡ କରି ଫେରାର ହେବାରେ ସଫଳ ହେଇଥିଲେ । ତେବେ ଖଣି ଉପ ନିର୍ଦ୍ଦେଶକ ଚୋରା ବାଲି ଚାଲାଣ ହେବାର ବର୍ଷକ ପରେ ଚଢ଼ାଉ କରି ମାତ୍ର ଦୁଇଟି ଗାଡ଼ି ଧରିବାରେ ସଫଳତା କି ବିଫଳତା ବୋଲି ଆଲୋଚନା ହେଉଛି ।

### ୪ଟି ଶ୍ରମ କୋଡ ବାତିଲ ଦାବିରେ

# ଏଆଇୟୁଟିୟୁସି ପକ୍ଷରୁ ପ୍ରତିବାଦ ସଭା

କଣିହାଁ, (ସବ୍ୟୁ) : ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ ଦାବିରେ ଏଆଇୟୁଟିୟୁସି ପକ୍ଷରୁ ଏକ ପ୍ରତିବାଦ ସଭା କରଯାଇଥିଲାଛ ଏହୀ ପରୀପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ଏନଟିପିସି ବାଇପାସ ଛକ ଠାରେ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ପକ୍ଷରୁ ପ୍ରତିବାଦ ସଭାରେ କର୍ମକର୍ତା ସାମିଲ ହୋଇ ପ୍ରତିବାଦ କରିଥିଲେ। ସଂଗଠନର ଜିଲ୍ଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ରାଜ୍ୟ ସମ୍ପାଦକ ଜୟସେନ ମେହେର, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ଯୁଗ୍ମସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ଅଭୟ କୁମାର ନାଏକ, ନରେଶ ପ୍ରଧାନ,ନିଳାମ୍ବର ତିରିଆ ପ୍ରମୁଖ କେନ୍ଦ୍ର ବିଜେପି ସରକାରଙ୍କ ପକ୍ଷରୁ କରାଯାଇଥିବା ନୂତନ ଶ୍ରମକୋଡ ଏକ ଅଗଣତାନ୍ତ୍ରିକ ନିଷ୍ପତ୍ତି ହୋଇଥିବାରୁ ତାର ଦୃଢ ନିନ୍ଦା କରିଥିଲେ। ଶ୍ରମିକ-କର୍ମଚାରୀଙ୍କୁ ମନ ଇଚ୍ଛା ଛଟେଇ କରିବା, ପିଏଫ୍ ଓ ଇଏସଆଇସି ସୁବିଧାରୁ ଶ୍ରମିକ କର୍ମଚାରୀମାନଙ୍କୁ ବଞ୍ଚିତ କରିବା ପାଇଁ ମାଲିକମାନଙ୍କୁ ଏହି ଶ୍ରମ କୋଡ ମାଧମରେ ସରକାର ସୁଯୋଗ ଦେଇଛନ୍ତି। ଆହୁରୀ ମଧ୍ୟ ଶ୍ରମ କୋଡରେ ଶ୍ରମ ନିରୀକ୍ଷକଙ୍କ କାରଖାନା ପ୍ରଦର୍ଶନକୁ ବିଭିନ୍ନ ଆଳରେ ବାରଣ କରାଯାଇଛି, ଶ୍ରମିକ କର୍ମଚାରୀମାନଙ୍କ ଧର୍ମଘଟ କରିବାର ଅଧିକାରକୁ ହରଣ କରାଯାଇଛି। ଏହି ଶ୍ରମ କୋଡ୍ ମାଧମରେ ବହୁ ଶ୍ରମିକ କର୍ମଚାରୀ ମାରଣ ନୀତି ଲାଗୁ କରି ଶ୍ରମିକ କର୍ମଚାରୀମାନଙ୍କୁ ଆଧୁନିକ କ୍ରୀତଦାସରେ ପରିଣତ କରିବାର ଯୋଜନା କରାଯାଇଛି। ୨୦୨୦ ମସିହା ଠାରୁ ଦେଶର ଶ୍ରମିକ କର୍ମଚାରୀମାନେ ମଜୁରୀ କୋଡ୍, ଶିଳ୍ପ ସମ୍ପର୍କ କୋଡ୍, ସାମାଜିକ ସୁରକ୍ଷା କୋଡ୍ ଏବଂ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଅବସ୍ଥା କୋଡ୍ କୁ ଲଗାତାର ବିରୋଧ କରି ଆସୁଥିଲେ ମଧ୍ୟ ମାଲିକମାନଙ୍କ ସ୍ୱାର୍ଥରେ ଏହି ୪ଟି ଶ୍ରମ କୋଡ୍‌କୁ କେନ୍ଦ୍ର ବିଜେପି ସରକାର ଲାଗୁ କରିଛନ୍ତି। ଶ୍ରମିକ କର୍ମଚାରୀ ସ୍ୱାର୍ଥ ବିରୋଧୀ ଏହି ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ଶକ୍ତିଶାଳୀ ଐକ୍ୟବଦ୍ଧ ମିଳିତ ଶ୍ରମିକ-କର୍ମଚାରୀ ଆନ୍ଦୋଳନ ସଂଗଠିତ କରିବା ନିମନ୍ତେ ବକ୍ତାମାନେ ଆହ୍ୱାନ ଦେଇଥିଲେଛଏହି ପ୍ରତିବାଦ ସଭାରେ ଏନ୍.ଟି.ପି.ସି କଣିହାଁର ଶତାଧିକ ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକ ଅଂଶଗ୍ରହଣ କରିଥିଲେ।

## ଅବକାରୀ ଚଢଉ, ୩ ଗିରଫ

ଠାକୁରଗଡ , (ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଞ୍ଚଳରେ ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବରେ ଶନିବାର ଦିନ ଚଢଉ କରି ଚୋରାରେ ମଦ ବ୍ୟବସାୟ କରୁଥିବା ୩ ଜଣଙ୍କୁ ଗିରଫ କରିବା ସହ ବାଇକ ଓ ବିଦେଶୀ , ଦେଶୀ ମଦ ଜବତ କରିଛି । ହଣ୍ଡପା ଥାନା ଅଞ୍ଚଳରେ ନରେନ୍ଦ୍ର ସ୍ୱାଇଁଙ୍କ ଢାବା ଉପରେ ଚଦଉ କରି ୮ ଲିଟର ବିଦେଶୀ ଜବତ କରାଯାଇଛି । ଏଥିସହ ତାଙ୍କୁ ଗିରଫ କରଯାଇଛି । ସେହିପରି ଇଛାପୂର ଗ୍ରାମର ନକୁଳ ମାଝୀ ଙ୍କ ଠାରୁ ୮ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ତାଙ୍କ ବାଇକ (ଓଡି ୧୯ ଏମ ୧୦୮୫ ) କୁ ଜବତ କରାଯାଇଛି । ନୁନୁକାପସି ଧର୍ମେନ୍ଦ୍ର ସାହୁଙ୍କ ଘରୁ ୭ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିବା ଆଠମଲ୍ଲିକ ଅବକାରୀ ବିଭାଗ ନିରିକ୍ଷକ ପବିତ୍ର ମୋହନ ମାଝୀ ସୂଚନା ଦେଇଛନ୍ତି ।

### ନାଇଟ୍ କୋଚ ଦୁର୍ଘଟଣାଗ୍ରସ୍ତ

# ଅଳ୍ପକେ ବର୍ତ୍ତିଲେ ୫୦ ଯାତ୍ରୀ, ୨ ଗୁରୁତର

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ କାମାକ୍ଷାନଗର-ଢେଙ୍କାନାଳ ରାସ୍ତାର ବ୍ରାହ୍ମଣୀ ବ୍ରିଜ ନିକଟସ୍ଥ ଗେଙ୍ଗୁଟିଆ କନକ ଦୁର୍ଗା ମନ୍ଦିର ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ବସରେ ଥିବା ୫୦ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଥିବାବେଳେ ଦୁଇ ଜଣ ଆହତହୋଇ ଚିକିତ୍ସିତ ହେଉଛନ୍ତି। ସଞ୍ଜୁକ୍ତା ନାମକ ଏକ ଯାତ୍ରୀ ବାହୀ ନାଇଟ କୋଚ ବସ ୫୦ ଜଣ ଯାତ୍ରୀଙ୍କୁ ନେଇ ରାଉଲକେଲାରୁ ଭୁବନେଶ୍ୱର ଆସୁଥିଲା। ବସଟି ଢେଙ୍କାନାଳ - କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ କନକ ଦୁର୍ଗା ମନ୍ଦିର ପାଖରେ ଭାରସାମ୍ୟ ହରାଇ ଭୋର୍ ୪ଟା ସମୟରେ ଏହି ଦୁର୍ଘଟଣା ଘଟିଛି।ବସଟି ରାସ୍ତାପାର୍ଶ୍ୱରେ ଥିବା ଗଛରେ ପିଟିହୋଇଥିଲା। ଫଳରେ ବସରେ ଥିବା ୫୦ଜଣ ଯାତ୍ରୀ ଅଳ୍ପକେ ରକ୍ଷାପାଇଯାଇଥିବା ବେଳେ ବସର ହେଲପର ଓ ଜଣେ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି।ଦୁଇଜଣଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ପୋଲିସ ଘଟଣା ସ୍ଥଳରେପହଞ୍ଚି ତଦନ୍ତ କରିଥିବାର ଜଣାପଡିଛି।

## ବାର୍ଷିକ କ୍ରୀଡା ପ୍ରତିଯୋଗୀତା

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରିଡା ପ୍ରତିଯୋଗୀତା ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି କ୍ରିଡାକୁ ଦୀପକ କୁମାର ସାହୁ ଉଦଘାଟନ କରିଥିଲେ । ଏଥିରେ ଦୌଡ , ପୁଚି , ମିଉଜିକ ଚ୍ୟାୟାର , ଭଳି ଅନେକ କ୍ରିଡା ଅନୁଷ୍ଠିତ ହୋଇଥିଲା । ଶନିବାର ଦିନ ଏହି କ୍ରିଡା ଉଦଜାପନୀ ହୋଇଥିଲା । ଏଥିରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ କୋଦଣ୍ଡ ଧର ପ୍ରଧାନ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଜାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସିଆରସିସି ପ୍ରତାପ ଚନ୍ଦ୍ର ନାୟକ , ବିଦ୍ୟାଳୟ ସଭାପତି ବିରେନ୍ଦ୍ର କୁମାର ସାହୁ , ପ୍ରମୁଖ ଯୋଗ ଦେଇଥିଲେ । ଏହି କ୍ରିଡା କୁ ମିଳିବାଳା ସାହୁ ପରିଚାଳନା କରିଥିଲେ ।

## ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳସହର ନିକଟସ୍ଥ ସୁନ୍ଦରୀଖାଲ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩୯ ତମ ବାର୍ଷିକ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଉଦଘାଟନ ଉତ୍ସବରେତହସିଲଦାର ସ୍ୱାଧିନ କୁମାର ବେହେରା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସମ୍ବାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ଯୋଗଦେଇ ଶିଶୁ ମାନଙ୍କୁ ଖେଳକୁଦର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ସମାରୋପ କାର୍ଯ୍ୟକ୍ରମରେ ଜେଲ ଅଧିକ୍ଷକ ହେମନ୍ତ କୁମାର ସେଠୀ ମୁଖ୍ୟ



ଅତିଥି ଭାବରେଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସଙ୍ଗ୍ରଳ ପ୍ରମୁଖ ବିଶ୍ୱନାଥ ବେହେରା ଯୋଗଦେଇଥିଲେ। ବିଦ୍ୟାଳୟର ସଭାପତି ବାବୁଚାନ୍ଦ ମହାଳିକ ସଭାପତିତ୍ୱ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ନଗେନ କୁମାର ଦାସ ଅତିଥି ପରିଚୟପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ଗଗନ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମୋଟ ୬୭ଟି ବିଭାଗରେ ୧ ହଜାର ୪୨ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଚୋରୋଟି ବର୍ଗରେ ୧୦ଜଣ ଭାଇ ଭଉଣୀଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କ୍ରୀଡାରେ ସହପ୍ରଧାନଆଚାର୍ଯ୍ୟ ଅରୁନ୍ଧତୀ ମହାପାତ୍ର,କ୍ରୀଡା ପ୍ରମୁଖ ଚିନ୍ତାମଣି ନାଥଙ୍କ ସହିତ ଭଗବାନ ଦାସ, ସୁଶାନ୍ତ କୁମାର ବେହେରା,ଶୀତାଂଶୁ ଶେଖର ନନ୍ଦ,ଗଗନ ବେହେରା,ପ୍ରଦୀପ ଦାଶ,ସଞ୍ଜିବ ମିଶ୍ରଙ୍କ ସହିତ ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ।

# ଦିନରେ ଚାଲିଛି ଜୁଆ ଆଡ୍ଡା, ପଣ୍ଡୁଆ ଫାଣ୍ଡି ସାଜିଛି ନୀରବଦ୍ରଷ୍ଟା

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ଅନ୍ତର୍ଗତ ପଣ୍ଡୁଆ ଫାଣ୍ଡି ଅଧିନସ୍ଥ ଅଗିରାଗୁଡା ଗ୍ରାମ ନିକଟରେ ଦିନ ବେଳେ ଖୁଲମ ଖୁଲା ଜୁଆ ଆଡ୍ଡାରେ ଜୁଆ ଖେଳ ଚାଲଛି। ପଣ୍ଡୁଆ ପୋଲିସ ଜୁଆ ଖେଳ ଚାଲୁଥିବାବେଳେ ଜାଣିକି ନଜାଣିଲା ଭଳି ହେଉଥିବା ଦେଖିବାକୁ ମିଳିଛି । ଜୁଆ ଖେଳ ଯେଉଁଠି ଚାଲୁଛି ସେଇ ବାଟ ଦେଇ ପୋଲିସ ଗାଡି ପାଟ୍ରୋଲିଙ୍ଗ କରୁଛି ।କିନ୍ତୁ ପୋଲିସ ଜୁଆ ଖେଳାଳିଙ୍କ ଉପରେ କାର୍ଯାନୁଷ୍ଠାନ ନେବାକୁ ହାତ ଯାଉନଥିବା ଅଭିଯୋଗ ଉଠିଛି। ଜୁଆ ଖେଳାଳିଙ୍କ ନିକଟରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବାର ଅଭିଯୋଗ ହୋଇଛି। ତୁମୁସିଙ୍ଗା ଥାନା ଅନ୍ତର୍ଗତ ବାଇସିଙ୍ଗା ଗ୍ରାମର ଜଣେ ବ୍ୟକ୍ତି ସନ୍ତୋଷ କୁମାର ମଲିକ ଜୁଆ ଖେଳରେ ଟଙ୍କା ଲଗାଇଥିବାର ଜଣାପଡିଛି। ଗତ ୧୯ ତାରିଖ ଦିନଜୁଆ ଖେଳିବା ପାଇଁ ବୋଲୁଅ ଗ୍ରାମର ସୂର୍ଯ୍ୟକାନ୍ତ ସେଠୀ ତାଙ୍କ ଠାରୁ ୨୦ ହଜାର ଟଙ୍କା ଜୁଆ ଖେଳିବାକୁ ନେଇଥିବା ବେଳେ ଖେଳ ସମୟରେ ପଣ୍ଡୁଆ ପୋଲିସ ସେଠାରେ ପହଞ୍ଚି ଥିଲେ। ଫଳରେ ଟଙ୍କା ସହିତ ୩୦ ହଜାର ଟଙ୍କା ସୂର୍ଯ୍ୟକୁ ସନ୍ତୋଷ ଦେଇଥିଲେ। ସେମାନେ ପୁଣି ରାତିରେ ଜୁଆ ଖେଳୁଥିବା ବେଳେ ସନ୍ତୋଷକୁ ସାମିଲ କରିନଥିଲେ। ଫଳରେ ସନ୍ତୋଷ ତାଙ୍କ ଟଙ୍କା ମାଗିବାରୁ ଟଙ୍କା ଫେରାଇବା ତ ଦୂରର କଥା ଫାଣ୍ଡି ଅଧିକାରୀ ନେଇଥିବାର ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ସନ୍ତୋଷ ଏସ୍‌ପିଙ୍କୁ ଲିଖିତ ଭାବରେ ଅଭିଯୋଗ କରିଥିବାର ଜଣାପଡିଛି। ଜୁଆ ଖେଳାଳୀ ସୂର୍ଯ୍ୟ ଏବଂ ପଣ୍ଡୁଆ ଫାଣ୍ଡିରେ ଥିବା ଜଣେ ଫାଣ୍ଡି ଚୌକିଆ ସମୀର ପ୍ରଧାନ ଜୁଆ ଖେଳାଳିଙ୍କ ପାଖରୁ ଅର୍ଥ ଆଣି ଫାଣ୍ଡିରେ ଦେଉଥିବା ଅଭିଯୋଗ ହୋଇଛି । ଯେତେବେଳେ ଖବର ପାଇଥିଲେ ସାମ୍ବାଦିକ ଭିଡ଼ିଓ ଉତ୍ତୋଳନ କରିଛନ୍ତି ବୋଲି ଲୋକ ଦେଖାଣିଆ ଭାବେ ଜୁଆଡ଼ିଙ୍କୁ ଥାନାକୁ ଆଣି ସନ୍ଧ୍ୟାରେ ଛାଡି ଦେଇଥିବା ଅଭିଯୋଗ ଉଠିଛି । ତୁମୁସିଙ୍ଗା ପୋଲିସର ଜଣେ କାର୍ଯ୍ୟରତ ହୋମ ଗାର୍ଡ ମୋଟା ଅଙ୍କର ଅର୍ଥ ଆଦାୟ କରି ଆଇଆଇସିଙ୍କ ଜ୍ଞାତ ସାରରେ ଜୁଆ ଖେଳ,ଚୋରା ଦେଶୀ,ବିଦେଶୀ ମଦ,ବାଲି,ମୋରମ ଚୋରା କାରବାରକୁ ଆଶ୍ରୟ ଦେଉଥିବା ଅଭିଯୋଗ ହୋଇଛି।ଫଳରେ ଦିନକୁ ଦିନ ଚୋରା କାରବାର ବଢ଼ି ଚାଲିଛି । ତୁମୁସିଙ୍ଗା ଥାନାର ଆଇଆସି ଏବଂ ହୋମଗାର୍ଡ,ପଣ୍ଡୁଆ ଫାଣ୍ଡିର ଚୌକିଆଙ୍କ ବିରୋଧରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେବେ ଦୃଢ଼ କାର୍ଯାନୁଷ୍ଠାନ ନେବେ ତାହା ସାଧାରଣରେ ଆଲୋଚନା ହେଉଛି।

# ଏକ ଦିବସୀୟ କ୍ରିକେଟ : ଘରୋଇ ଦଳ ଚାମ୍ପିଅନ



ଗୋଡ଼ିବନ୍ଧ,(ସବ୍ୟୁ) :ଅନୁଗୁଳ ଜିଲ୍ଲା ସମଲ ଥାନା ଅନ୍ତର୍ଗତ ଡଙ୍ଗରବେଡା ଗ୍ରାମରେ ୮ଟି ଆନ୍ତଜିଲ୍ଲା କ୍ରିକେଟ ଦଳକୁ ନେଇ ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତି ଯୋଗିତାରେ ଘରୋଇ ଡଙ୍ଗରବେଡା କ୍ରିକେଟ ଦଳ ୭ଉଇକେଟରେ ବିଜୟୀ ହୋଇ ଚମ୍ପିୟାନ ହୋଇପାରିଥିଲା । ଏହି ଖେଳକୁ ଟିକା ଭୁକ୍ତା ଓ ବିଶୁ ବେହେରା ପରିଚାଳନା କରିଥିଲା ବେଳେ ରଣଜିତ୍ ଗଡ଼ନାୟକ,ବିଜୁ ବେହେରା, ବାଲି ପୃଷ୍ଟି ଲାଇନ୍ ମ୍ୟାନ କାର୍ଯ୍ୟ ସମ୍ପାଦନ କରିଥିଲେ । ଚମ୍ପିୟାନ ଓ ରନର୍ସ ଅପ୍ ଦଳକୁ ମୁଖ୍ୟ ଅତିଥି ତଥା ବରିଷ୍ଠ ସାମ୍ବାଦିକ ହିମାଂଶୁ ଶେଖର ଗଡ଼ନାୟକ ଓ ସମ୍ମାନିତ ଅତିଥି ଗ୍ରାମ୍ୟ ସଭାପତି ଦୀପକ ଦଣ୍ଡିଆ ,ଅନ୍ୟତମ ଅତିଥି ବିଜୟ ବେହେରା ସିଲ ଓ କପ୍ ଦେଇ ପୁରସ୍କାର ବିତରଣ କରିଥିଲେ । ଏହି ଖେଳକୁ ସୌମ୍ୟ ରଞ୍ଜନ ମାଝୀ,କୃପାସିନ୍ଧୁ ବେହେରା,ଅସ୍ମି ଭୁକ୍ତା ପ୍ରମୁଖ ସହଯୋଗ କରିଥିଲେ ।

## ଓପି ଜିନ୍ଦଲ ସ୍କୁଲରେ ୧୧ତମ ବାର୍ଷିକ ପୁସ୍ତକ ମେଳା

ଅନୁଗୁଳ,(ସବ୍ୟୁ) : ଅନୁଗୁଳର ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ୨୧ ଏବଂ ୨୨ ନଭେମ୍ବର ଦୁଇ ଦିନ ଧରି ୧୧ତମ ପୁସ୍ତକ ମେଳା ଆୟୋଜିତ ହୋଇଯାଇଛି । ଜ୍ଞାନ ଓ ସୃଜନଶୀଳତାର ଏହି ଉତ୍ସବରେ ନୂଆ ନୂଆ ବହିର ସମାହାର ସହିତ ନୂଆ ଚିନ୍ତାଧାରା ଓ ଉତ୍ସାହର ଏକ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟିଲ ଅନୁଗୁଳର ଜେନେରାଲ ମ୍ୟାନେଜର(ସିଏସଆର) ଜୟନ୍ତ କୁମାର ମହାନ୍ତି ଉଦଘାଟନ କରିଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ, କର୍ମଚାରୀ ଓ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ ଶିକ୍ଷା, ସାହିତ୍ୟ ଓ ଅଧ୍ୟୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ପୁସ୍ତକ ମେଳାରେ



ଅକ୍ସଫୋର୍ଡ ପ୍ରକାଶନ, ସ୍କଲାଷ୍ଟିକ୍ ଇଣ୍ଡିଆ ଏବଂ ଦି ହିନ୍ଦୁ ଭଳି ଜଣାଶୁଣା ପ୍ରକାଶକଙ୍କ ପୁସ୍ତକ ପ୍ରଦର୍ଶିତ ହୋଇଥିଲା । ଅଧ୍ୟୟନରେ ରୁଚି ରଖୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ମେଳାରେ ପୁସ୍ତକ ଅନୁସନ୍ଧାନର ପ୍ରଚୁର ବିକଳ୍ପ ଥିଲା । ଗପ ଏବଂ ପାଠ୍ୟପୁସ୍ତକ ପୁସ୍ତକଠାରୁ ଆରମ୍ଭ କରି ପଜଲ୍, ଷ୍ଟେସନାରୀ ଏବଂ ଆକ୍ଟିଭିଟି ପୁସ୍ତକ ପର୍ଯ୍ୟନ୍ତ, ଏହି ମେଳା, ପ୍ରତ୍ୟେକ ଯୁବ ପାଠକ ତଥା ପୁସ୍ତକ ପ୍ରେମୀଙ୍କ ପାଇଁ କିଛି ନା କିଛି ପିବାର ସୁଯୋଗ ଆଣିଦେଇଥିଲା । ସ୍କୁଲର ଅଧକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ, ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଅଭିଭାବକମାନଙ୍କୁ ସେମାନଙ୍କ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ଯେ, ପୁସ୍ତକ ମେଳା ସ୍କୁଲର ଶିକ୍ଷାର୍ଥୀମାନଙ୍କ ପାଇଁ ଅଧ୍ୟୟନ ଏବଂ ସୃଜନଶୀଳତାର ବିକାଶ ପାଇଁ ଏକ ସୁଯୋଗ ଆଣିଥାଏ । ଶିକ୍ଷା, ସାଧନା ଏବଂ ନୂଆ ନୂଆ ବିଷୟରେ ଜ୍ଞାନ ବାଇବା ପାଇଁ ଓ.ପି. ଜିନ୍ଦଲ ସ୍କୁଲ, ସବୁବେଳେ ପ୍ରୟାସ ଜାରି ରହିଛି, ଯାହା ୧୧ତମ ପୁସ୍ତକ ମେଳାର ସଫଳ ଆୟୋଜନରୁ ସ୍ପଷ୍ଟ ବାରି ହୋଇପଡୁଥିଲା । ସ୍କୁଲର ଶିକ୍ଷକ ଓ ସହକର୍ମୀଙ୍କ ସମର୍ଥନ ଏବଂ ପ୍ରୟାସ ବଳରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା ।

## ଗାଡି ଧରି ଛାଡିଦେବା ପରେ ମାଫିଆଙ୍କ ସହିତ ମୂଲଚାଲ

### ଅଡିଓ ଭାଇରାଲ ପରେ ପୋଲିସର ସ୍ୱଛତାକୁ ନେଇ ଉଠିଲା ପ୍ରଶ୍ନ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅଧିକାରୀଙ୍କ ବାଲି ମାଫିଆଙ୍କ ସହିତ କଥାବାର୍ତ୍ତାର ଅଡିଓ ଭାଇରାଲ ହେବା ପରେ ଏବେ ପୋଲିସର ସ୍ୱଛତାକୁ ନେଇ ପ୍ରଶ୍ନ ଉଠିଛି। ମିଡିଆବାଲାଙ୍କୁ କଣ୍ଟ୍ରୋଲ କରନ୍ତୁ ବୋଲି କହିବା ସହିତ ଦରକାରହେଲେ ଭିଡିଆଣି ଗାଡି ନାମରେ କେସ କରିବୁ ବୋଲି କହୁଥିବାର ଜଣାପଡିଛି। ତୁମୁସିଙ୍ଗା ଥାନା କଣ୍ଟାପାଳ ଗ୍ରାମ ନିକଟରୁ ଜଙ୍ଗଲ ଜମି, ପର୍ବତ କିସମ ଜଙ୍ଗଲରୁ ଦିନକୁ ଦିନକୁ ଚୋରା ମରମ ବେଆଇନ ଭାବରେ ଚାଲାଣ ହେଉଥିବା ବେଳେ ଖବର ପାଇ ତୁମୁସିଙ୍ଗା ପୋଲିସ ପହଁଞ୍ଚି ଗୋଟିଏ ଜେସିବି ଏବଂ ୩ଟି ଟ୍ରାକ୍ଟର କୁ ଅଟକାଇ ଫଟୋ ଉଠାଇ ଛାଡି ଦେଇଥିଲେ। ଏ ବିଷୟରେ ଯେତେବେଳେ ଖବର ନେବା ପାଇଁ ତୁମୁସିଙ୍ଗା ଥାନାରେ ଆମ ପ୍ରତିନିଧି ପହଁଚି ଥିଲେ। ସେତେବେଳେ ଅଧିକାରିଣୀ କ୍ୟାମେରା ସମ୍ମୁଖରେ କିଛି କହିନଥିଲେ ।କ୍ୟାମେରା ପଛରେ ମରମ ମାଫିଆଙ୍କ ସହ ତୁମୁସିଙ୍ଗା ଥାନା ଅଧିକାରିଣୀ ମନସ୍ୱନୀ ମହାନ୍ତିଙ୍କ ଫୋନ କଲର ଅଡିଓ ଏବେ ଭାଇରଲ ହେବା ପରେ ମାଲିମୋରମ ମାଫିଆଙ୍କ ସହିତ କିଭଳି ସମ୍ପର୍କ ରହିଛି ତାହା ହାଟରେ ପଡି ଦାଣ୍ଡରେଗଡୁଛି।ତୁମୁସିଙ୍ଗା ଥାନା ମାସିକିଆ ଆଦାୟରେ ଚାଲିଛି । ମାସିକିଆ ଆଦାୟ ଜଣେ ହୋମ ଗାର୍ଡ କରୁଥିବା ବେଳେ ଥାନା ଅଧିକାରିଣୀଙ୍କ ଜ୍ଞାତ ସାରରେ ଚାଲିଥିବାର ଜଣାପଡିଛି। ଏ ତୁମୁସିଙ୍ଗା ଥାନା ଅଧିକାରିଣୀ କାହା ବଳରେ ବଳିଆର ହୋଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ସରକାରଙ୍କୁ ବଦନାମ କରୁଛନ୍ତି। ଅଡିଓରେ ଥାନାଧିକାରିଣ ମୋରମା ମାଫିଆଙ୍କୁ କହୁଛନ୍ତି ଗାଡି ଧରି ଛାଡିଦେଲୁ ମିଡିଆ ବାଲା ଆସି ଥାନାରେ ଡେରା ପକାଇଛନ୍ତି। ଆଠ ଜଣସାମ୍ବାଦିକ ବସିଥିବାବେଳେ କହିବା ସହିତ ଆପଣଗାଡି ଆଣନ୍ତୁ ଆମେ କେସ କରି ଛାଡିଦେବୁ। ବିଧାୟକଙ୍କୁ ଆମେ କହିବୁ ବୋଲିକହିବା ସହିତ ଆପଣ ଏବଂ ମେଡିଆ ବାଲା ବୁଝାବୁଝି ହୁଅନ୍ତୁ ବୋଲି କହିବା ସହିତ ଏସପି ଗୁଡ ଫେତରେ ଅଛନ୍ତ ବୋଲି କହିଛନ୍ତି। ତୁମୁସିଙ୍ଗା,କଣ୍ଟାପାଳ,କୋଟଗରା ଗାଙ୍ଗିଯୋଡିରେଏଭଳି ହେଉଥିବା ବେଳେଖୋଲା ଖୋଲି ଭାବରେ ସୂଚନା ଦେବା ସହିତ ମିଡିଆକୁ ନିୟନ୍ତ୍ରଣ କର ବୋଲି କହୁଥିବାର ଜଣାପଡିଛି। ଏଭଳି ସ୍ତରରେ ପୋଲିସର ସ୍ୱଛତାକୁ ନେଇ ପ୍ରଶ୍ନବାଚୀସୃଷ୍ଟି ହୋଇଛି।

## ୨୯ରେ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର

ବଇଣ୍ଡା,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ପଞ୍ଚାୟତ ପରିସରରେ ୨୯ ତାରିଖରେ ରୋଟାରି କ୍ଲବ ଅନୁଗୋଳ ରୟାଲ ଆନୁକୂଲ୍ୟରେରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ । ଏ ନେଇ ଶନିବାର ବଇଣ୍ଡାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୈଳାସ ଚନ୍ଦ୍ର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୀହାର ରଞ୍ଜନ ପ୍ରସାଦ , ରାଜେନ୍ଦ୍ର କୁମାର ପ୍ରଧାନ , ଟୁନୁ ଦେହୁରି , ଦିନେଶ କୁମାର ମହାନ୍ତି , ଶେଷ ଦେବ ରଣା , ରଘୁନାଥ ସାହୁ ,ଗିରିଶ କୁମାର ବେହେରା , ସୁବାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କିପରି ଏହି ମେଳା ଅନୁଷ୍ଠିତ ହେବ ସେ ନେଇ ଆଲୋଚନା ହୋଇଥିଲା ।

## ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ସାଂସଦ

ଢେଙ୍କାନାଳ/ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ପାଟଲା ଗ୍ରାମର ହାତୀ ଆକ୍ରମଣରେ ମୃତ ଚିନ୍ମୟ ଦେହୁରୀଙ୍କ ପରିବାର ବର୍ଗଙ୍କୁ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଭେଟିଛନ୍ତି । ପ୍ରକାଶଥାଏକି ୨୦ ତାରିଖ ଅପରାହ୍ନ ସମୟରେ ଚିନ୍ମୟ ଘରକୁ ଫେରୁଥିବା ସମୟରେ ଗୁରୁବାର ଏକ ଦନ୍ତା ହାତୀ ହାବୁଡରେ ପଡିଥିଲେ ଏବଂ ଦନ୍ତା ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଢେଙ୍କାନାଳ ଏମପି ଆଜି ଦଳିୟ ନେତୃବୃନ୍ଦଙ୍କ ସହ ତାଙ୍କ ପାଟଲା ସ୍ଥିତ ଘରକୁ ଆସି ପରିବାର ବର୍ଗଙ୍କ ଦୁଃଖ ଶୁଣିଥିଲେ । ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କ ଅଭିଯୋଗ ଶୁଣି ଢେଙ୍କାନାଳ ଡିଏଫଓ ସୁମିତ କରଙ୍କ ସହ ବିଷଦ ଆଲୋଚନା କରି ତୁରନ୍ତ ସମସ୍ତ ପ୍ରକାର ଆର୍ଥିକ ସହଯୋଗ ଯୋଗାଇବା , ବାରମ୍ବାର ଆକ୍ରମଣ କରି ଜୀବନ ନେଉଥିବା ଦନ୍ତା ହାତୀଙ୍କୁ ସ୍ଥାନାନ୍ତର କରିବା ସମ୍ପର୍କରେ ଆଲୋଚନା କରିଥିଲେ ଓ ମୃତକ ପରିବାର ବର୍ଗଙ୍କୁ କିଛି ଆର୍ଥିକ ସହଯୋଗ କରିଥିଲେ । ଏହା ପରେ ଆଖ ପାଖ ଅଂଚଳରୁ ଅସିଥିବା ବହୁ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ସମସ୍ୟା ଗୁଡିକର ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏମପିଙ୍କ ପ୍ରତିନିଧି ସୁଶାନ୍ତ ପତି , ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ମଣ୍ଡଳ ସଭାପତି ରବିନ ବାରିକ , ପ୍ରବୋଧ ପ୍ରଧାନ , ସୁଜିତ ଜେନା , ବିଜେପି ନେତା ସନ୍ତୋଷ ନାଏକ , ଅଶୋକ ରାଉତ, ବହୁ ସରପଞ୍ଚ, ସମିତି ସଭ୍ୟ / ସଭ୍ୟା ସମେତ ଅନେକ ଦଳିୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ପଞ୍ଚାୟତିରାଜ ଅତିରିକ୍ତ ସଚିବଙ୍କ ଆଠମଲ୍ଲିକ ଗସ୍ତ

ଆଠମଲ୍ଲିକ ,(ସବ୍ୟୁ) :ଯୋଗାଣ ବିଭାଗ ଅତିରିକ୍ତ ସଚିବ ଗୀତାଞ୍ଜଳି ନାଏକ ଦିନିକିଆ ଆଠମଲ୍ଲିକ ଗସ୍ତ ରେ ଆସି ଆଠମଲ୍ଲିକ ବ୍ଲକର ପେଡ଼ିପଥର ଓ ସାନହୁଲା ପଞ୍ଚାୟତକୁ ଯାଇ ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ ) ହିତାଧିକାରୀ ମାନଙ୍କୁ ଭେଟିଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ ପୂର୍ବରୁ ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ପାଇଥିବା ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରୁ କିଛି ହିତାଧିକାରୀ ଗୃହ ନିର୍ମାଣ ଆରମ୍ଭ କରିଥିବା ବେଳେ ଆଉ କିଛି ହିତାଧିକାରୀ ବିଭିନ୍ନ ଅସୁବିଧା କାରଣ ବଶତଃ ନିର୍ମାଣ କରି ନଥିବା ଜାଣିବାକୁ ପାଇଥିଲେ । ହିତାଧିକାରୀ ମାନଙ୍କ ମଧ୍ୟରୁ ୩ କାଟାଗୋରୀ ଯଥା ଏ, ବି,ସି, କରାଯାଇଥିବା ବେଳେ ଏ କାଟାଗୋରୀ ରେ ୬୯୩,ବି କାଟାଗୋରୀ ରେ ୧୨,ସି କାଟାଗୋରୀ ରେ ୧୮୭ ଜଣ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି । ସୂଚନା ଥାଉକି ଅତିରିକ୍ତ ସଚିବ ସିଧାସଳଖ ଭାବରେ ହିତାଧିକାରୀମାନଙ୍କ ସହିତ ଆଲୋଚନା କରି କିପରି ଭାବରେ ଗୃହନିର୍ମାଣ ସୁବିଧାରେ ହୋଇ ପାରିବ ଆଲୋଚନା କରି ଫେରି ଯାଇଛନ୍ତି । ତାଙ୍କର ଏହି ଗସ୍ତ ସମୟରେ ଜିଲ୍ଲାର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ବାଜିରାଉତ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ପେନାଲଟି ସୁଟ୍‌ଆଉଟରେ କେରଳ ପୋଲିସ ବିଜୟୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ତଥା ଦେଶର ସର୍ବକନିଷ୍ଠ ସହୀଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକ ଅବସରରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ରେ ଆଜିର ଖେଳରେ କେରଳ ପୋଲିସ ପେନାଲଟିକ ସୁଟରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆକୁ ପରାସ୍ତ କରି ବିଜୟୀ ହୋଇଛି। ଜିଲ୍ଲା କ୍ରୀଡା ସଙ୍ଘ ଏବଂ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଓ ଢେଙ୍କାନାଳ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହେଉଛି।ଆଜି ଅନୁଷ୍ଠିତ ମ୍ୟାଚକେରଳ ପୋଲିସ ବନାମ ରଜର୍ଭବ୍ୟାଙ୍କ ଅଫ ଇଣ୍ଡିଆମଧରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କେରଳ ପୋଲିସ ପେନାଲଟିକ ସୁଟରେ୬-୫ ଗୋଲରେ ରଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆକୁ ପରାସ୍ତ କରି ବିଜୟୀ ହୋଇଛି। ଆସନ୍ତା କାଲି ପ୍ରଥମ ସେମିଫାଇନାଲ ସନରାଇଜ କ୍ଲବ ବନାମ ଇନକମ ଟାକ୍ସ ଚେନାଇ ମଧରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡା ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି ।

# ଜାତୀୟ ରାଜପଥ ୧୪୯ ରାସ୍ତାର ନିର୍ମାଣ କାର୍ଯ୍ୟ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର, (ସବ୍ୟୁ) : ତାଳଚେର ଦେଇ ଯାଇଥିବା ଦୁର୍ଘଟଣା ବହୁଳ ଜାତୀୟ ରାଜପଥ ୧୪୯ ନଂ ର ତାଳବେଡା ଛକ ଠାରୁ ବଆଁରପାଳ ଛକ ପର୍ଯ୍ୟନ୍ତ ଓସାରିଆ ରାସ୍ତାର ନିର୍ମାଣ କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ କରାଯିବା ନେଇ ବିଭିନ୍ନ ପଂଚାୟତବାସୀଙ୍କ ପକ୍ଷରୁ ଅନୁଗୋଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବୀପତ୍ର ପ୍ରଦାନ କରାଯାଇଛି । ଦାବୀପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ତାଳଚେର ମ୍ୟୁନିସିପାଲିଟି ଅଂଚଳ ଓ ବିଭିନ୍ନ ଗ୍ରାମ ପଂଚାୟତ ଯଥା-ଗୁରୁଜାଙ୍ଗ, କଣ୍ଢାଳ, ସନ୍ଥପଡା, ବନ୍ତୋଲ, ଜଗନ୍ନାଥପୁର, ଗୁରୁଜାଙ୍ଗୁଲି, ଭୋଗବେରେଣୀ, ଗୋତମରା ଗ୍ରାମ ପଂଚାୟତର ସମସ୍ତ ସଚେତନ ନାଗରିକ ବୃନ୍ଦ ଲିଖିତ ଅଭିଯୋଗ କରିଛନ୍ତି ଯେ, ବଆଁରପାଳ ଠାରୁ ତାଳଚେର ବ୍ଲକ ତାଳବେଡା ଛକ ପର୍ଯ୍ୟନ୍ତ ଜାତୀୟ



ରାଜପଥରେ ଦୈନିକ ସଡକ ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ୍ ଧନଜୀବନ ନଷ୍ଟ ହେଉଅଛି । ଯାହାକି ଏ ଅଂଚଳ ପାଇଁ ଅତ୍ୟନ୍ତ ଭୟାବହ ପରିସ୍ଥିତି ଓ ଚିନ୍ତାଜନକ ହୋଇପଡିଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବିଗତ ୨୫ ବର୍ଷ ମଧ୍ୟରେ ଉପର ବର୍ଣ୍ଣିତ ଜାତୀୟ ରାଜପଥରେ ପ୍ରାୟତଃ ଏକ ହଜାରରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଛି ଏବଂ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ଘଟି ଚାଲିଛି । ପ୍ରତ୍ୟେକ ଦିନ ଜାତୀୟ ରାଜପଥରେ ହଜାର ହଜାର ଭାରିଯାନ ଯିବାଆସିବା କରିବା ଦ୍ୱାରା ରାସ୍ତାଟି ଖାଲ ଖମଣ ଓ ଧୂଳିଧୂଆଁ ରେ ପରିପୂର୍ଣ୍ଣ ହୋଇ ରାସ୍ତାଟି ଅକଥନୀୟ ଦୁର୍ଦ୍ଦଶା ଦେଉଛି । ଯାହାକି ବହ୍ଲର ଛକ ଠାରୁ ଚାଇଁପାଳ ପର୍ଯ୍ୟନ୍ତ ରାସ୍ତାଟି ଅତ୍ୟନ୍ତ ଖରାପ ହୋଇଥିବାରୁ ଅତିଶୀଘ୍ର ମରାମତି କରାଯାଉ । ଏ ବିଷୟରେ ପୂର୍ବରୁ ଆପଣଙ୍କୁ ବହୁବାର ଜଣାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏହି ଜାତୀୟ ରାଜପଥର ସମସ୍ୟାକୁ ସମାଧାନ ଯଥାଶୀଘ୍ର କରାନଗଲେ ବାଧ୍ୟ ହୋଇ ତାଳଚେର ମ୍ୟୁନିସିପାଲିଟି ଅଂଚଳ ଏବଂ ସମସ୍ତ ପଂଚାୟତବାସୀଙ୍କ ପକ୍ଷରୁ ଆସନ୍ତା ଡିସେମ୍ବର ପ୍ରଥମ ସପ୍ତାହର ଯେ କୌଣସି ଦିନ ଜାତୀୟ ରାଜପଥକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଆଜିର ଏହି ଦାବୀପତ୍ର ପ୍ରଦାନ ବେଳେ ବିଜୟ ପ୍ରଧାନ, ଶୁଭେନ୍ଦୁ ରଥ, ସୁଶାନ୍ତ ମହାନ୍ତି, ବିଭୁତି ପରିଡା, ସୁଶାନ୍ତ ସାମଲ, ପ୍ରତାପ ସାମଲ, ରମାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝର ଜିଲ୍ଲାର ୮ଟି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର

କେନ୍ଦୁଝର ,(ରବି ରାଜ): ରାଜ୍ୟରେ ଏନଏଚଏଆଇ/ ଆରଡ଼ି/ ପଞ୍ଚାୟତିରାଜ ଏବଂ ପାନୀୟଜଳ ଯୋଗାଣ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଅଧୀନରେ ଥିବା ୬୦ଟି ରାସ୍ତାକୁ ପୂର୍ତ୍ତ ବିଭାଗ ଅଧୀନକୁ ଦିଆଯାଇଥିବା ଜଣାପଡିଛି । ଏଥିମଧ୍ୟରୁ କେନ୍ଦୁଝର ଜିଲ୍ଲାର ୮ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ମଧ୍ୟ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ଜଣାପଡିଛି ।

ଓଡିଶା ସରକାରଙ୍କ ନିର୍ମାଣ ବିଭାଗ ନୋଟିଫିକେସନ ନମ୍ବର -୦୫ ୭୮ ୪୦୦୦୦୪୨୦୨୫, ୨୨୩୯୩/ଡ଼ବ୍ଲୁ ତା -୧୭ନଭେମ୍ବର ୨୦୨୫ ଅନୁସାରେ ରାଜ୍ୟରେ ଥିବା ଉପରୋକ୍ତ ବିଭାଗର ୬୦ଟି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି । ଏଗୁଡିକ ମଧ୍ୟରୁ କେନ୍ଦୁଝର ଜିଲ୍ଲାର ସାହାରପଡା-ମାଛଗଡ଼-ବନବିର ୨୫.୩ କିମି ଆରଡି ରାସ୍ତା, ତେଲକୋଇ-ପିଠାଗୋଲା ଭାୟା ମଧୁସୂଦନପୁର ତଳପଦା ୩୧.୧ କିମି ଆରଡି ରାସ୍ତା, କେନ୍ଦୁଝରଗଡ଼ ପୌରପାଳିକା ଅଞ୍ଚଳର ମାଉସୀ ମା' ମନ୍ଦିରଠାରୁ ସିଦ୍ଧମଠ ୧.୫୬ କିମି ନଗର ଉନ୍ନୟନ ବିଭାଗ ରାସ୍ତା, ମୁଖ୍ୟମନ୍ତ୍ରୀଙ୍କ ଗାଁ ରାଇକଳା ଡିପସାହିଠାରୁ ଡିଡି ମେଡିକାଲ କଲେଜ ଭାୟା ସେଣ୍ଡକାପ ୨୨.୬ କିମି ଆରଡ଼ି/ ପଞ୍ଚାୟତିରାଜ ପାନୀୟଜଳ/ ଜଳସମ୍ବଳ ବିଭାଗ ଅଧୀନରେ ଥିବା ରାସ୍ତା, ଯୋଡାଶିମିଳି- ରାମଚନ୍ଦ୍ରପୁର ୫.୯୨ କି.ମି ଆରଡ଼ି ରାସ୍ତା, ଟିଆଁସୀପଶିଠାରୁ ଭାୟା ମଉଦି ଦେଇ ନିଶାଗଡିଆ ୧୧.୪୫ କିମି ଆରଡ଼ି ରାସ୍ତା, ନୟାଗଡ଼ଠାରୁ ଭାୟା ଉଚ୍ଚବାଲି ଦେଇ ନମ୍ପୀରା ୭.୫୩ କି.ମି ରାସ୍ତା, ଏବଂ ବାମେବାରୀ-ପଳାସା-ଗୁରୁଡ଼ା-କୋଇଡା ସୁନ୍ଦରଗଡ଼ ବୋର୍ଡର ପର୍ଯ୍ୟନ୍ତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ୧୦ କି.ମି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ଜଣାପଡିଛି ।

ଉପରୋକ୍ତ ୮ଟି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ ପରବର୍ତ୍ତୀ ସମୟରେ ଏହି ରାସ୍ତାଗୁଡିକର ଉନ୍ନୟନରେ ଅଧିକ କ୍ରିୟାଶୀଳ ହେବ ବୋଲି ଅନୁମାନ କରାଯାଉଛି ।

କେନ୍ଦୁଝର ଜିଲ୍ଲାର ଆହୁରି ପ୍ରାୟ ୨୦ଟି ରାସ୍ତାକୁ ଅନ୍ୟ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ଅନେକ ଦିଗରୁ ଦାବି ହୋଇଆସୁଛି । ତେଲକୋଇ ବ୍ଲକ ମୁଖ୍ୟାଳୟଠାରୁ ହରିଚନ୍ଦନପୁର ବ୍ଲକର ପିଠାଗୋଳା ପର୍ଯ୍ୟନ୍ତ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ଏହି ରାସ୍ତା ତେଲକୋଇ ନିର୍ବାଚନମଣ୍ଡଳୀର ବିକାଶର ଜୀବନରେଖା ହୋଇଥିବା ବେଳେ ପୂର୍ବରୁ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିଲା । ସ୍ଥାନୀୟ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଏହି ରାସ୍ତାର ତ୍ୱରିତ ଉନ୍ନୟନ ପାଇଁ ବିଧାନସଭାରେ ମଧ୍ୟ ଦାବି ଉପସ୍ଥାପନ କରିଥିଲେ। ଓଡିଶା ସରକାରଙ୍କ ୱାର୍କ୍ସ ବିଭାଗ ଦ୍ୱାରା ୧୭/୧୧/୨୦୨୫ ତାରିଖ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ।

# ଜନସମାବେଶରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭଦ୍ରକ/ଧାମନଗର/ଦୋବଲ,(ସବ୍ୟୁ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତ କରି ଶନିବାର ଦିନ ଦୋବଲ କାଳୀପଡ଼ିଆଠାରେ ଆୟୋଜିତ ବିଶାଳ ଜନସମାବେଶରେ ଉଦବୋଧନ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ କରି ୧୦୧କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଶନିବାର ପୂର୍ବାହ୍ନ ପ୍ରାୟ ୯ଟାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦୋବଲ ଆସିବା ବାଟରେ ତାଙ୍କୁ ବିଭିନ୍ନ ଛକ ବଜାର ଆଦି ସ୍ଥାନରେ ବହୁ ସଂଖ୍ୟାରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିଲେ । ସେହିପରି ଧାମନଗର ଏନଏସି ସ୍ଥିତ ଜୟନଗରଠାରୁ ଶହ ଶହ ସଂଖ୍ୟାର ବାଇକ ଶୋଭାଯାତ୍ରାରେ ଶ୍ରୀ ପ୍ରଧାନଙ୍କୁ ଐତିହାସିକ ଗୋହିରା ଟିକିରି ପୀଠ ପର୍ଯ୍ୟନ୍ତ ନେବା ବାଟରେ ଦୋବଲ ଠାରେ ଗୋହିରାଟିକିରି ଉନ୍ନୟନ ପରିଷଦ ସ୍ୱାଗତ କରାଯାଇଥିଲା । ପୀଠରେ ମାଳିକା ବର୍ଣ୍ଣିତ ଅର୍ଜୁନ ଗଛ ମୂଳରେ ପୂଜାରେ ଯୋଗଦେଇ ପରେ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ଗୋହିରାଟିକିରିରୁ ଫେରି ଦୋବଲ ବସଷ୍ଟାଣ୍ଡରେ ପହଂଚିବା ପରେ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଆୟୋଜିତ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ । ପରେ କେନ୍ଦ୍ରମନ୍ତ୍ରୀ ଜନସମାବେଶକୁ ସମ୍ବୋଧନ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୧୫କୋଟି ଟଙ୍କାରେ ହେବାକୁ ଥିବା ଧାମନଗର ମହାବିଦ୍ୟାଳୟ ବିକାଶ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ଗୋହିରାଟିକିରି ନିକଟ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୧୦କୋଟି ଟଙ୍କା ବୟୟରେ ଲୁଣିଆ ସହିଦ ସ୍ମାରକୀ ପୀଠର ଉନ୍ନତିକରଣ ଓ ଗୋହିରାଟିକିରିଠାରେ ୫କୋଟି ଟଙ୍କା ବୟୟରେ ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ସେହିପରି ଜଳସଂପଦ ବିଭାଗ ପକ୍ଷରୁ ୨୫.୮୫ କୋଟି ଟଙ୍କା ବ୍ୟୟରେ ହେବାକୁଥିବା ୧୦ଟି ପ୍ରକଳ୍ପ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୧୮କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୩ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେବାକୁ ଥିବା ୨୧.୨୫ କୋଟି ଟଙ୍କାର ୩ଟି ପ୍ରକଳ୍ପ ଓ ଡ୍ରେନେଜ ବିଭାଗ ପକ୍ଷରୁ ୪.୧୧ କୋଟି ଟଙ୍କାରେ ହେବାକୁ ଥିବା ୨ଟି ପ୍ରକଳ୍ପ ଯାହାକି ମୋଟ ୧୦୧ କୋଟି ଟଙ୍କାରେ ୨୨ଟି ପ୍ରକଳ୍ପ ଶିଳାନ୍ୟାସ କରିଥିଲେ କେନ୍ଦ୍ରମନ୍ତ୍ରୀ।

ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର, ସୁରଜ ବିଶ୍ୱାଳ, ଜିଲ୍ଲା ସଭାପତି ଭଗବାନ ପଣ୍ଡା, କ୍ରୀଡା ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ବଦ୍ରି ନାରାୟଣ ଧଳ, ଦିନବନ୍ଧୁ ପତି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସ୍ୱାଗତ ଓ ସମ୍ବର୍ଦ୍ଧନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ମାଇଁ ଯୁବ ଭଲୁଣ୍ଟିଅର ଏବଂ ଗୋହିରାଟିକିରି ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ଏଫଏମ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ



ବାଲେଶ୍ୱର, (ସବ୍ୟୁ): ଫକୀର ମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଆୟୋଜିତ ଉଦଘାଟନୀ ସଭା ସହିତ ବିଶ୍ୱ ଐତିହ୍ୟ ସପ୍ତାହ ପାଳନର ଶୁଭାରମ୍ଭ କରାଯାଇଛି । ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ନିଜ ଅଧକ୍ଷୀୟ ଉଦ୍‌ବୋଧନରେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ଐତିହାସିକ ସମ୍ପଦକୁ ଅନୁସନ୍ଧାନ କରିବା ଓ ସଂରକ୍ଷଣରେ ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ କରିଥିଲେ ।

ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ସଭାକୁ ଉଦ୍‌ବୋଧନ କରି କହିଲେ ଯେ, ଦ୍ରୁତ ବଦଳୁଥିବା ସମାଜରେ ସାଂସ୍କୃତିକ ପରିଚୟକୁ ରକ୍ଷା କରିବା ଅତ୍ୟାବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର, ତାଙ୍କ ଆକର୍ଷଣୀୟ ଓ ଚିନ୍ତନପ୍ରବଣ ଉପସ୍ଥାପନାରେ ପରିବେଶ, ଇତିହାସ ଓ ଐତିହ୍ୟର ଅବିଚ୍ଛିନ୍ନ ସମ୍ପର୍କକୁ ବିନ୍ୟାସ କରିଥିଲେ । ସଭାରେ ବିଭାଗ ଅଧ୍ୟାପିକା ଡ଼କଟର ଶିଖାଶ୍ରୀ ରାୟ, ଏହି ସପ୍ତାହ ପାଳନର ମୂଲ୍ୟବୋଧ, ଏହାର ଐତିହାସିକ ଓ ସାମାଜିକ ଅର୍ଥପୂର୍ଣ୍ଣତା ବିଷୟରେ ଏକ ସମ୍ବେଦନଶୀଳ ଆଭିମୁଖ୍ୟ ପ୍ରଦାନ କରିଥିଲେ ଓ ସାମାଜିକ ବିଜ୍ଞାନ ବିଭାଗ ପ୍ରଫେସର ଗୀତାଞ୍ଜଳି ପଣ୍ଡା, ସମନ୍ୱୟକାରୀ, ଇତିହାସ ଓ ପୁରାତତ୍ତ୍ୱ ବିଭାଗ, ଅତିଥିମାନଙ୍କ ସ୍ୱାଗତ କରି ବିଭାଗର ଐତିହ୍ୟଚେତନା ଓ ପାରମ୍ପରିକ ଅନୁସନ୍ଧାନକୁ ବଢ଼ାଇବାର ଆଶାବ୍ୟକ୍ତ କରିଥିଲେ । ଉଦ୍‌ଘାଟନୀ ସଭାର ସଂଚାଳନ ଡ. ଆକାଶ ମଲ୍ଲିକ (ସହାୟକ ଅଧ୍ୟାପକ, ଆନ୍ଥ୍ରୋପୋଲୋଜି ବିଭାଗ) କରିଥିଲେ । ଶେଷରେ ଶଶାଙ୍କ ଶେଖର ଗଡନାୟକ (ସହାୟକ ଅଧ୍ୟାପକ, ଆପ୍ଲାଇଡ୍ ସାଇକୋଲୋଜି ବିଭାଗ) ଧନ୍ୟବାଦ ଜ୍ଞାପନ କରିଥିଲେ । ଏଥିସହିତ ଏ ସପ୍ତାହ ପାଳନ ଅବସରରେ ବିଶ୍ୱବିଦ୍ୟାଳୟରେ ସପ୍ତାହବ୍ୟାପୀ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ।

# ମଦ ଜବତ : ଦୁଇ କୋର୍ଟ ଚାଲାଣ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନ ଭିତର ଶୋଳ ଗ୍ରାମରେ ଦୀର୍ଘଦିନ ଧରି ଚାଲିଥିବା ବେଆଇନ ଦେଶୀ ମଦ କାରଖାନା ଉପରେ ଅଚାନକ ଚଢ଼ାଉ କରି ପୁଲିସ ୨୨୦୦ କେଜି ପୋଚ ଏବଂ ୨୦୦ଲିଟରଦେଶୀ ମଦ ଜବତ କରିଥିବବେଳେ ଏହି ବେଆଇନ କାରବାରର ମୁଖ୍ୟ ୨ଅଭିଯୁକ୍ତ ଘଟଣା ସ୍ଥଳରୁ କୌଶଳକ୍ରମେ ଚମ୍ପଟ ମାରିଥିଲେ ।

ତେବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶନିବାର ଭୋର ସକାଳୁ ପୁଲିସ ଦୁଇ ଅଭିଯୁକ୍ତ ହାତୀପତୁକା ଗ୍ରାମର ଭଜହରି ମୁର୍ମୁ ଓ ଅମିତ ବାସ୍କେ (ସୁକୁଲ) କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଗତମାସ ବୈଶିଙ୍ଗା ଥାନା ଅଧିକାରୀ ବାରୁଣୀ ଦାସଙ୍କ ନିର୍ଦ୍ଦେଶରେ ଏଏସଆଇ ଶୁଭ୍ରାଂଶୁ ରାଉଳ ସଦଳବଳ କେନ୍ଦୁଆ ପଞ୍ଚାୟତ ଅଧୀନ ଭିତରଶୋଳ ଗ୍ରାମରେ ଚଢ଼ାଉ କରିଥିଲେ । ତେବେ ଦୀର୍ଘ ଦିନ ଧରି ଚାଲିଥିବା କାରଖାନାରେ ଦେଶୀ ମଦ ରୋଷେଇ କାର୍ଯ୍ୟ ଚାଲିଥିବା ବେଳେ ଘଟଣା ସ୍ଥଳରୁ ୨୨୦୦ କେଜି ମହୁଲ ପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୨୦୦ ଲିଟର ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ଏଥିସହି ଏହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ଭାଙ୍ଗିରୁଜି ନଷ୍ଟ କରାଯାଇଥିବା ବେଳେ ଘଟଣାସ୍ଥଳରୁ କିଛି ପ୍ଲାଷ୍ଟିକ ଡ୍ରମ ଏବଂ ଆଲୁମିନିୟମ ଡେକଚି ଜବତ କରାଯାଇଥିଲା । ତେବେ ଚଢାଉ ସମୟରେ ମଦ ମାଫିଆମାନେ କୌଶଳକ୍ରମେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ଚମ୍ପଟ ମାରିଥିଲେ । ଏ ନେଇ ବୈଶିଙ୍ଗା ପୁଲିସ ତରଫରୁ ୫୧୫/୨୫ ଓ ୫୬୩/୨୫ ନମ୍ବରରେ ୨ଟି ମାମଲା ରୁଜୁ କରି ତଦନ୍ତ ପୂର୍ବକ ଫେରାର ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା । ଶନିବାର ଭୋର ସମୟରେ ବିଶେଷ ସୂତ୍ରରୁ ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ସୁକାନ୍ତ ନାୟକ ବଡକ୍ଷୀରପଦା ଉପକଣ୍ଠ ହାତୀପତୁକା ଗ୍ରାମରୁ ଭଜହରି ଓ ସୁକୁଲକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ଜିଲ୍ଲା ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

## ସତ୍ୟନାରାୟଣ -ସଭାପତି, ସୁଧାଂଶୁ -ସଂପାଦକ



କେନ୍ଦୁଝର, (ସବ୍ୟୁ): : ଉତ୍କଳ ସାମ୍ବାଦିକ ସଂଘ ସହିତ ଅନୁବନ୍ଧିତ ଜିଲ୍ଲା ସାମ୍ବାଦିକ ସଂଘ କେନ୍ଦୁଝରର ଶୁକ୍ରବାର ଦିନ ଏକ ଜରୁରୀ କାଳିନ ବୈଠକ କେନ୍ଦୁଝର ଥାନା ଛକସ୍ଥିତ ନୂତନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା, ତଥା ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ସାମ୍ବାଦିକ ଏବଂ ସଂଘର କର୍ତ୍ତବ୍ୟ ସଂପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିଲେ । ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର ସଭାପତି ଭାବେ ବିବେଚିତ ହୋଇଥିବାବେଳେ ସୁଧାଂଶୁ ଶେଖର ସାହୁ ସାଧାରଣ ସଂପାଦକ ଭାବେ ମନୋନୀତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ଦେବାଶିଷ ମିଶ୍ର, ସୁବୋଧ ଦାସ, ସନ୍ତୋଷ କୁମାର ରାଉତ, ସାଂଗଠନିକ ସଂପାଦକ ଭାବେ ପବିତ୍ର ବେହେରା, ଯୁଗ୍ମ ସଂପାଦକ ଭାବେ ପ୍ରକାଶ ମହାନ୍ତି, ସତ୍ୟଜିତ ସାମନ୍ତରାୟ, ଗୋପାଳକୃଷ୍ଣ ରାଉତ ଓ କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର କୁମାର ମହାକୁଡଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଭାବେ ସୁବ୍ରତ ସ୍ୱାଇଁ, ନୃସିଂହ ନାଥ ସିଂହଙ୍କୁ ମନୋନୀତ କରାଯାଇଛି । ଶତ୍ରୁଘନ ସାହୁ ଜାତୀୟ ଫେଡେରେସନ ସଦସ୍ୟ ଏବଂ ନାରାୟଣ ସାହୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ ହୋଇଛନ୍ତି । ଏଥିସହିତ ଜିଲ୍ଲାର ୧୩ଟି ବ୍ଲକ ଏବଂ ୫ ପୌରପାଳିକା ପାଇଁ ୧୮ ଜଣ କାର୍ଯ୍ୟକାରିଣୀ ସଦସ୍ୟ ମଧ୍ୟ ମନୋନୀତ ହୋଇଛନ୍ତି ।

# ବସ୍ ଧକ୍କାରେ ୨ ସ୍କୁଟି ଆରୋହୀ ମୃତ : ରାସ୍ତାରୋକ

ତିହିଡି, (ସବ୍ୟୁ): ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ସିନ୍ଦୋଳ ଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏକ ସ୍କୁଟିକୁ ହାସାମ ନାମକ ଏକ ଯାତ୍ରୀବାହୀ ଘରୋଇ ବସ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ସ୍କୁଟି ଆରୋହୀ ଦ୍ୱୟ ହେଉଛନ୍ତି ଗୋଲେଖ ଦାସ(୪୫) ଓ ଦୈତାରୀ ପୁହାଣ(୩୮) ଏବଂ ସେମାନଙ୍କ ଘର ତିହିଡି ଥାନା ସୟା ପଞ୍ଚାୟତ ଅଧିନ ବାଲିଚତୁରୀ ଗାଁରେ ବୋଲି ଜଣାଯାଇଛି ।

ତେବେ ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ଯୋଗୁଁ ଦିନ ୧୧ଟାରୁ ଅପରାହ୍ନ ୧ଟା ଯାଏଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଅତିରିକ୍ତ ତହସିଲଦାର ନମିତା ଧଳ, ତିହିଡି ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଓ ପୀରହାଟ ଥାନାଧିକାରୀ ରୋଜାଲିନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ରାସ୍ତାରୋକ ହଟିନଥିଲା । ପରେ ମୃତକଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ । ପ୍ରଶାସନିକ ଅଧିକାରୀ ମାନେ ସେମାନଙ୍କ ସହ ଆଲୋଚନା କରିବା ପରେ ଯାଇ ରାସ୍ତାରୋକ ହଟିଥିଲା ।

ପ୍ରକାଶ ଯେ, ଗୋଲେଖ ଓ ଦୈତାରୀ ଦୁଇଜଣ ଯାକ ଅଲେଖ ଧର୍ମାବଲମ୍ବୀ ହୋଇଥିବାରୁ ଏକ ଅଲେଖ ମେଳାରେ ଯୋଗ ଦେବାକୁ ସ୍କୁଟି ଯୋଗେ ଚାନ୍ଦବାଲି ଅଭିମୁଖେ ଯାଉଥିଲେ । ତେବେ ବିପରୀତ ଦିଗରୁ ଆସୁଥିବା ହାସାମ ନାମକ ଏକ ଯାତ୍ରୀବାହୀ ବସ୍ (ନଂ-ଓଡି୦୫ଏଡବ୍ଲ୍ୟୁ୭ ୯ ୫୫) ସେମାନଙ୍କୁ ଧକ୍କା ଦେଇଥିଲା । ଯାହାଫଳରେ ଘଟଣାସ୍ଥଳରେ ହିଁ ଦୁଇ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିଲା ।

# କବି କମଳାକାନ୍ତ ଲେଙ୍କାଙ୍କ ଜୟନ୍ତୀ ପାଳିଲା ଭଲ କବିତାର ଖୋଜ୍



ବାଲେଶ୍ୱର, (ସବ୍ୟୁ): କବି କମଳାକାନ୍ତ ଲେଙ୍କାଙ୍କ ଜୟନ୍ତୀ ଉପଲକ୍ଷେ ଲାଖୋଟିଆ କମ୍ପ୍ୟୁଟର ସେଣ୍ଟର୍ ସଭାଘରେ ଭଲ କବିତାର ଖୋଜ୍ ପକ୍ଷରୁ ୮୦ତମ ଆସର ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କମଳାକାନ୍ତ ସନ୍ଧ୍ୟା ସାରସ୍ୱତ ସମାବେଶରେ ଉପସ୍ଥିତ କବିଗଣ କବିଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରିବା ସହିତ ସଭା ଆରମ୍ଭରେ କବି ରାଜେନ୍ଦ୍ର କିଶୋର ପଣ୍ଡା, ସୁସାହିତ୍ୟିକ ପ୍ରହ୍ଲାଦ ଚରଣ ମହାନ୍ତି ଏବଂ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସ୍ମୃତିରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରାରମ୍ଭରେ କବି କମଳାକାନ୍ତ ସାହିତ୍ୟ ସମାଜ ପକ୍ଷରୁ କବିପୁତ୍ର ସିତାଂଶୁ ଲେଙ୍କା ପ୍ରାରମ୍ଭିକ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭଲ କବିତାର ଖୋଜ୍ ପକ୍ଷରୁ ଆବାହକ କୃଷ୍ଣ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଆବାହକ କବି ଶ୍ରୀଦେବ କମଳାକାନ୍ତଙ୍କ ସମ୍ପର୍କରେ ଚନ୍ଦ୍ରଭାଗା ପତ୍ରିକାରେ ପ୍ରକାଶିତ ସାକ୍ଷାତକାରର ଆଲୋଚନା କରିଥିଲେ । ଭଲ କବିତା ଖୋଜର ସମ୍ପାଦକ କବି ଉତ୍ପଳ ମହାନ୍ତି ସଭାର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ । କବି କମଳାକାନ୍ତ ଲେଙ୍କା ଥିଲେ ଜଣେ ସାରସ୍ୱତ ବିପ୍ଳବୀ । ତାଙ୍କ କବିତାର ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ । ନିଜ କବିତାରେ ସେ ଅଣଈଶ୍ୱରୀୟ ଅସ୍ତିତ୍ୱବାଦର କଥା କହିଥିବା ବେଳେ ଶୈଳୀ କ୍ଷେତ୍ରରେ ସେ ତାଙ୍କ ଉତ୍ତରଣ କବିତାରେ ଯେଉଁ ଏକ୍ସପେରିମେଣ୍ଟ କରିଛନ୍ତି, ତାହା ଆଜି ବି ଅନତିକ୍ରମଣୀୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଅନ୍ତରଙ୍ଗତା, ବାସ୍ତବତା, ମାନବବାଦୀ ଦୃଷ୍ଟିଭଙ୍ଗୀ ଓ ଆଶାବାଦରେ ତାଙ୍କ କବିତା ନୂଆ ଏକ ଫର୍ମ ତିଆରି କରିପାରିଛି । ଷଷ୍ଠ ଦଶକରେ ଯେଉଁ ତୃତୀୟ କାବ୍ୟଧାରା ଭାବେ ବୌଦ୍ଧିକ ଧାରାଟି ଆରମ୍ଭ ହୋଇଥିଲା, କମଳାକାନ୍ତୀୟ କାବ୍ୟସ୍ୱର ମୁଖ୍ୟତଃ ଥିଲା ସେଇ ଧାରାର ଉତ୍ସ ।

ଏହି ସାରସ୍ୱତ ଆସରରେ ବିଶିଷ୍ଟ କଥାକାର ରଜନୀକାନ୍ତ ମହାନ୍ତି, ଡକଟର ହରିଶ୍ଚନ୍ଦ୍ର ବେହେରା, କବି ବିମଳ ଜେନା, ସମାଲୋଚକ ଡକଟର ସନ୍ତୋଷ କୁମାର ନାୟକ, କବି ପ୍ରୀତିଲେଖା ଦାସ୍, କବି ରଞ୍ଜନ ବାଗ, କବି ଓ ଅନୁବାଦକ ସୋମନାଥ ଓଝା, କବି ଅଭୟ ଦାସ, ଅକ୍ଷୟ କୁମାର ଜେନା, କବି କନ୍ୟା ସିପ୍ରା ଜେନା, ଡ. ପ୍ରଭାତ କୁମାର ଜେନା, ରାମଚନ୍ଦ୍ର ସାହୁ, ବସନ୍ତ କୁମାର ନାୟକ, ହିମାଂଶୁ ଦାସ ପ୍ରମୁଖ ଉପସ୍ଥିତ ରହି କବିଙ୍କ କବିତା ଆବୃତ୍ତି କରିବା ସହିତ ଶ୍ରଦ୍ଧା ନିବେଦନ କରିଥିଲେ । ଶେଷରେ ସିତାଂଶୁ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଂଶପାଣି ଖଣି ଅଞ୍ଚଳରୁ ଚୋରା ଲୁହାପଥର ଟ୍ରକ ଜବତ

କେନ୍ଦୁଝର (ଜିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ପୋଲିସ ବାଂଶପାଣି ଅଞ୍ଚଳରେ ଚଢାଉ କରି ଚୋରା ଲୁହାପଥର ବୋଝେଇ ଗୋଟିଏ ଟ୍ରକ ଜବତ କରିଛି । ବାଂଶପାଣି ଅଞ୍ଚଳରେ ପୂର୍ବରୁ ଗଚ୍ଛିତ ଥିବା ଲୁହାପଥର ଷ୍ଟକରୁ ଖଣିଜ ଚୋର ଚୋର ମାନେ ବିଳମ୍ବିତ ରାତିରେ ଲୁହାପଥର ଲୋଡ଼ କରୁଥିବା ଖବର ପାଇ ଯୋଡ଼ ପୋଲିସ ଅତର୍କିତ ଚଢାଉ କରିଥିଲ, ତେବେ ପୋଲିସ ଗାଡ଼ି ଆସୁଥିବାର ଦେଖି ଘଟଣାସ୍ଥଳରୁ ଖଣିଜ ଚୋର ମାନେ ଖସିଯିବାରେ ସକ୍ଷମ ହୋଇଥିବା ବେଳେ ପୋଲିସ ପ୍ରାୟ ୫ ଟନରୁ ଉର୍ଦ୍ଧ୍ୱ ଖଣିଜ ଦ୍ରବ୍ୟ ସହ ଟ୍ରକ ନଂ ଏପି-୩୯ ଡବ୍ଲ୍ୟୁସି-୭୭୨୭କୁ କରିଛି । ଏ ନେଇ ଯୋଡା ଥାନାରେ କେସ ନଂ ୩୫୭/୨୦୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି । ଜିଲ୍ଲା ପୋଲିସ ବିଭାଗ ଏକାଧିକ ଖଣିଜ ବୋଝେଇ ଟ୍ରକକୁ ଧରି ପାରୁଥିବାବେଳେ ଖଣି ବିଭାଗ ସ୍ଥାଣୁ ହୋଇ ବସିରହିଛି । ଖଣି ବିଭାଗ ନିକଟରେ ବିଭାଗୀୟ ନିରକ୍ଷକ, ଖଣି ଅଧିକାରୀ , ଷ୍ଟେଟ ଲେବେଲ ଏନଫୋର୍ସ ମେଣ୍ଟ ସ୍କାର୍ଡ, ଡିଷ୍ଟ୍ରିକ ଲେବେଲ ଟାସ୍କ ଫୋର୍ସ ପ୍ରଭୃତି ଯାଞ୍ଚ ସତ୍ତ୍ୱେ ଚୋରା ଖଣିଜ କାରବାକୁ ବିଭାଗ ଦାରା ପ୍ରତିହତ କରାଯାଇ ପାରୁନାହିଁ । ବିଭିନ୍ନ ଲିଜ ପରିସମା ଅଞ୍ଚଳ ବାହାରେ ଥିବା ପରିତ୍ୟକ୍ତ ଅଞ୍ଚଳରୁ ଏବଂ ପୂର୍ବରୁ ଜବତ ହୋଇ ଜମା ହୋଇଥିବା ଖଣିଜ ଗଦାରୁ ଆନ୍ତା ରାଜ୍ୟ ଖଣିଜ ଚୋର ସ୍ଥାନୀୟ ଅଞ୍ଚଳର କିଛି ଖଣିଜ ଚୋରଙ୍କ ସହ ମିଶି ଏହିଭଳି ଚୋରା ଲୁହାପଥରକୁ ଟ୍ରକ ମାଧ୍ୟମରେ ବିଶାଖାପାଟଣା, ଜାମସେଦପୁର, ରାୟଗଡ଼, ରାୟପୁର, ପଶ୍ଚିମବଙ୍ଗ ପ୍ରଭୃତି ଅଞ୍ଚଳକୁ ପରିବହନ କରୁଛନ୍ତି । ଖଣି ବିଭାଗ ସବୁ ଜାଣିଶୁଣି ନୀରବ ଦ୍ରଷ୍ଟା ସାଜିଛି । ଖଣି ବିଭାଗର ଧରପଗଡ କାମ, ବନ ବିଭାଗ ଓ ଜିଲ୍ଲା ପୋଲିସ କରୁଛି ବୋଲି ଜନ ସାଧାରଣରେ ଆଲୋଚନା ହେଉଚି ।

# ବାଲି ଗାଡି ଜବତ

ସୋର,(ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜଛକ ନିକଟରେ ଚଢ଼ାଉ କରି ଏକ ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କଲେ ସୋର ତହସିଲଦାର । ସୂଚନା ଅନୁସାରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଶନିବାର ଭୋର ସମୟରେ କଲେଜଛକ ନିକଟରେ ଅଚାନକ ଚଢ଼ାଉ କରି ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ବୋଝେଇ ହାଇୱା ଗୁଡିକର କାଗଜପତ୍ର ଯାଞ୍ଚ କରିଥିଲେ । ଏହି ସମୟରେ ଓଡି ୦୧ ଏଯେ ୮୭୦୬ ନମ୍ବର ବିଶିଷ୍ଟ ହାଇୱା ଟି ବେଆଇନ ଭାବେ ବାଲି ଚାଲାଣ କରୁଥିବା ଜାଣିପାରି ହାଇୱା ଟିକୁ ଜବତ କରି ସୋର ଥାନାରେ ଜିମା ଦେଇଥିଲେ ।

# ଭଦ୍ରକର ଲୋକକଳା ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଜନଜୀବନକୁ ପ୍ରଭାବିତ କରିଛି

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱାଦଶ ସନ୍ଧ୍ୟା



ଭଦ୍ରକ, (ସବ୍ୟୁ): ଓଡ଼ିଆ ସାରସ୍ୱତ ଆକାଶରେ ଭଦ୍ରକ ଯେପରି ଉଜ୍ଜ୍ୱଳ ଜେ୍ୟାତିଷ୍କ ଭାବେ ପ୍ରତିଭାତ ହୋଇଛି ସେପରି ଲୋକକଳା ଓ ସାଂସ୍କୃତିକ ଜଗତକୁ ତାର ଅବଦାନ ଅବିସ୍ମରଣୀୟ । ଭଦ୍ରକ ମାଟିର ମଣିଷ ବିପ୍ରକବି ବଂଶୀ ବଲ୍ଲଭ ଗୋସ୍ୱାମୀ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି,କେଶବ କବି କୃଷ୍ଣପ୍ରସାଦ ବେହେରା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ ସାଧକ ତଥା ନାଟ୍ୟକାର, ଗୀତିକାର, ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଓଡ଼ିଆ ଓଡ଼ିଆ ଲୋକକଳା ଜଗତକୁ ସମୃଦ୍ଧ କରିବା ସହ ଓଡ଼ିଆ ଜନଜୀବନକୁ ପ୍ରଭୂତ ଭାବେ ପ୍ରଭାବିତ କରିଛନ୍ତି ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷା ନିବୃତ୍ତ ପ୍ରଫେସର ଡ.ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ନବକାକଳୀର ସମ୍ପାଦକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ,ବିଶିଷ୍ଟ ଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅବସରପ୍ରାପ୍ତ ଅଧ୍ୟାପକ ତଥା ନାଟ୍ୟକାର ଡ. ରମାକାନ୍ତ ନାୟକ, ନାଟ୍ୟ ନିର୍ଦ୍ଦେଶକ ତଥା କବି ସାରଥୀ ପଣ୍ଡା, ମଂଚ ଅଭିନେତା କାଳନ୍ଦୀ ଚରଣ ମଲ୍ଲିକ, ଅଭିନେତା ତଥା ସଂଗଠକ ନିମାନନ୍ଦ ସାହୁ, ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଡଭୋକେଟ୍ ସ୍ୱସ୍ତିକା ପଣ୍ଡା ଅତିଥି ପରିଚୟ ଓ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ସାହିତ୍ୟିକା ମମତା ଦାଶ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ ଏବଂ ସମ୍ପାଦକ ରବି ନାରାୟଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର ମଂଚ ପରିଚାଳନା କରିଥିଲେ।

# ବିସିଇଟିର ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର, (ସବ୍ୟୁ) : ସେରଗଡ଼ ଠାରେ ପ୍ରତିଷ୍ଠିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି)ର ୨୫ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ଫକୀରମୋହନ ଏଜୁକେସନାଲ ଚ୍ୟାରିଟେବୁଲ ଟ୍ରଷ୍ଟର ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ତଥା ଟ୍ରଷ୍ଟି ଅଭିଶେକ ବିଶ୍ୱାଳ, ସହ ଉପସଭାପତି ରାଜଶ୍ରୀ ସ୍ୱାଇଁ, ଟ୍ରଷ୍ଟି ଡାକ୍ତର ବନଜା ପ୍ରିୟଦର୍ଶିନୀ ବିଶ୍ୱାଳ, ନିର୍ଦ୍ଦେଶକ ଡ. ରତିକାନ୍ତ ସାହୁ, ଅଧ୍ୟକ୍ଷ ଡ. ଶିବେନ୍ଦ୍ର କୁମାର ଘଡ଼ାଇ, ଉପାଧ୍ୟକ୍ଷ ପ୍ରଧାପକ ଜ୍ୟୋତିରଞ୍ଜନ ରାଉତ, ବିସିଇଟି ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନ, ଭଦ୍ରକ ଇଂଞ୍ଜିନିୟରିଂ ସ୍କୁଲ ଏଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ. ରବିନ୍ଦ୍ର କୁମାର ଜେନା, ବିସିଇଟିର ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ନିମନ୍ତ୍ରିତ ଅତିଥି, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ମଞ୍ଚାସିନ ସମସ୍ତ ପଦାଧିକାରୀ ଗଣ ବିସିଇଟିରେ ଅତିତ ଘଟଣାବଳୀକୁ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଆଜି ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ ବୈଷୟିକ ଜ୍ଞାନ କୌଶଳ ସମ୍ବଳିତ ପ୍ରକଳ୍ପ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା । ମଞ୍ଚରେ ଛାତ୍ର ଛାତ୍ରୀମାନେ ନୃତ୍ୟ, ଗୀତ, ଅଭିନୟ ଆଦି ମନୋରଂଜନ କାର୍ଯ୍ୟକ୍ରମ କରିଥିଲେ । ବିସିଇଟିର ପ୍ରାକ୍ତନ ପ୍ରଧ୍ୟାପକ ଡ. ହିମାଦ୍ରୀ ରଂଜନ ମିଶ୍ର ଓ ଡ. ପାର୍ଥସାରଥୀ ପ୍ରସାଦ ଷଡ଼ଙ୍ଗୀ ନିଜ ନିଜର ବିଗତ ଦିନର ସ୍ମୃତିକୁ ତାଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅଧ୍ୟାପିକା ଡ. ଜ୍ୟୋତିର୍ମୟୀ ଓଝା ମଂଚ ପରିଚାଳନା କରିଥିବାବେଳେ ଏକାଡେମିକ୍ ଡିନ୍ ପ୍ରଫେସର ସରୋଜ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ବିସିଇଟିର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ କେକ୍



କଟାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ସହ ଉପସଭାପତି ରାଜଶ୍ରୀ ସ୍ୱାଇଁ, ଟ୍ରଷ୍ଟି ଡାକ୍ତର ବନଜା ପ୍ରିୟଦର୍ଶିନୀ ବିଶ୍ୱାଳ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

# ସଂକ୍ଷିପ୍ତ ଶୋକବାର୍ତ୍ତା

ଗଳ୍ପ



ଡ. ନିରଞ୍ଜନ ସାହୁ

ଦୁଇ ହଜାର ଏଗାର ପରଠାରୁ ଦୁନିଆଁ ବଦଳିଯାଇଛି ପୂର୍ବ ସମୟଠୁଁ ଢେର ବେଶି । ଖବର ପଠେଇବା ହୋଇଛି ଖୁବ୍ ସହଜ । ବିଦେଶରେ ଥିବା ଲୋକଙ୍କ ସହିତ କଥାବାର୍ତ୍ତା ଏତେ ସହଜରେ କରାଯାଇପାରିବ ତାହା ଚିନ୍ତା କରି ହେଉନଥିଲା । ବ୍ୟୟବହୁଳ ବିଦେଶ ଟ୍ରଙ୍କକଲ ବଦଳରେ ବିନା ପଇସାରେ ହ୍ୱାଟସ୍ଅପ କଲ୍ କରିହେଉଛି । ଏମିତି ଆହୁରି କେତେ କ'ଣ ? ଖବର ଦିଆନିଆ କରିବା କିମ୍ବା କଥାବାର୍ତ୍ତା କରିବା ଏତେ ବଢ଼ିଯାଇଛି ଯେ ସେଇ ଅଭ୍ୟାସ ବଦଳେଇବା ହୋଇପଡ଼ିଛି ଭାରି କଷ୍ଟ ।

କେବଳ ବ୍ୟକ୍ତି ବ୍ୟକ୍ତି ଭିତରେ ଯୋଗାଯୋଗ ନୁହେଁ ଅନେକ ଗ୍ରୁପ୍ ମଧ୍ୟ ନିଜନିଜ ଭିତରେ ସମ୍ପର୍କ ସୃଷ୍ଟି କରିବାର ସୁଯୋଗ ରହିଛି, ଅଭୟ ଜଣେ ସେବା ନିବୃତ୍ତ ଅଧିକାରୀ, ତେଣୁ ତାଙ୍କର ଇଚ୍ଛା ବିରୋଧରେ ନୁହେଁ ବରଂ ଇଚ୍ଛା ପ୍ରୟୋଗର ଅସାବଧାନତା ଭିତରେ ସେ ଅନେକ ଗ୍ରୁପ୍ ଭିତରେ ସଦସ୍ୟ ପାଲଟି ଗଲେଣି – ଏଇ ଯେମିତି ତାଙ୍କର ସ୍କୁଲସାଥୀମାନଙ୍କର ଗ୍ରୁପ୍, କଲେଜ ସାଥୀ ଗ୍ରୁପ୍, ଅନର୍ସ ସାଙ୍ଗମାନଙ୍କ ସଂଗୋଷ୍ଠୀ, କେବେ ସ୍ଥାନୀୟ ସକାଳ ବୁଲା ସାଙ୍ଗ, କେତେ ଆଧ୍ୟାତ୍ମିକ ଆଲୋଚନାକୁ ଆଗକୁ ନେଉଥିବା ବନ୍ଧୁଦଳ ଇତ୍ୟାଦି ଇତ୍ୟାଦି।

ସେଦିନ ଅଭୟ ଟିକେ ନିଃକମା ହୋଇ ବସିଥାନ୍ତି । ଚା'ପିଆ, ଖବରକାଗଜର ପୃଷ୍ଠା ଉପରେ ଆଖି ପକେଇବା ଶେଷ ହୋଇ ସାରିଥାଏ । କିଛି ପ୍ରାୟୋଜିତ କାର୍ଯ୍ୟକ୍ରମ ନ ଥାଏ ।

ଏତିକିବେଳେ ସେ ଦେଖିଲେ ତାଙ୍କର ସ୍ନାତକୋତ୍ତର ଶ୍ରେଣୀ ବେଳର ସାଙ୍ଗମାନଙ୍କ ଭିତରୁ କେହି ଜଣେ ଲେଖିଦେଲେ– ଆଜି ବିରଜାର ଭାଇ ଚାଲିଗଲେ ।

ସେଇ ମେସେଜ୍‌ଟିକୁ ସେ ଲକ୍ଷ୍ୟ କରୁଥାନ୍ତି ଦେଖିଲେ ସାଙ୍ଗେ ସାଙ୍ଗେ ଚାରି ଛଅଟି ବାର୍ତ୍ତା ତା'ଉପରକୁ ମାଡ଼ି ଆସିଲେ ପ୍ରତିଯୋଗିତା କରିବା ଢଙ୍ଗରେ । ସବୁଥିରେ ସେଇ ଏକା କଥା – ଆର.ଆଇ.ପି., ରେଷ୍ଟ ଇନ ପିସ୍‌ର ସଂକ୍ଷିପ୍ତ ବୁଝାଉଥିବା ଶୋକ ସନ୍ଦେଶ । ଯେଉଁ କାମ ସହଜରେ କରାଯାଇପାରିବ ମାନେ ଦାନ୍ତରେ ଛିଣ୍ଡେଇ ହେବ ସେଥିରେ କୋଦାଳ ଲଗେଇ ବା ଲାଭ କ'ଣ ?

ଅଭୟ ଭାବୁଥିଲେ ଏଇ ସୂଚନାଗୁଡ଼ିକର ଉତ୍ପତ୍ତି ସବୁ ପ୍ରାୟ ଏକ ସମୟରେ ଆଉ ସେମାନେ ମୁହୂର୍ତ୍ତକ ଭିତରେ ଆସି ତାଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଛନ୍ତି । ଅଭୟ ଭାବିଲେ ଗୋଟିଏ କ୍ରିୟାର ପ୍ରତିକ୍ରିୟା ବିଭିନ୍ନ ପ୍ରକାରେ ହୁଏ ବୋଲି ଯେଉଁ ଧାରଣା ଥିଲା ତାଙ୍କର ତାହା କିଛି ସମୟ ପାଇଁ ବଦଳିଗଲା । ବୋଧହୁଏ ଶୋକଟି ମାମୁଲି ହୋଇଥିଲେ ଏମିତି ବାର୍ତ୍ତାମାନ ଆପଣାଛାଏଁ ବାହାରି ଆସେ ।

ଅଭୟ ଭାବୁଥିଲେ ତାଙ୍କ ବନ୍ଧୁ ଭିତରେ ତ ଦୁଇଜଣ ବିରଜା ଅଛନ୍ତି – ତା' ହେଲେ କେଉଁ ବିରଜାଙ୍କର ଭାଇ ଚାଲିଗଲେ । ସେ ନିଜେ ବନ୍ଧୁ ସାଙ୍ଗଙ୍କ ବିଷୟରେ ଖବର ନଜର ରଖନ୍ତି, ମାତ୍ର ନିଜେ ନିଶ୍ଚିତ ହୋଇପାରୁ ନ ଥିଲେ କେଉଁ ବିରଜା? ତେଣୁ ଯେଉଁମାନେ ତାଙ୍କର ଶୋକ ପ୍ରକାଶ କରିଛନ୍ତି ତାଙ୍କଠାରୁ ଖବରଟି ପକ୍କା କରିବାକୁ ଚାହିଁଲେ– ପ୍ରଥମ ଶୋକବାର୍ତ୍ତାଟି ଆସିଛି ବନ୍ଧୁ ବିପିନ ଠାରୁ । ବିପିନ ଆଉ ସେ ନିଜେ ଉପାଧ୍ୟୁତ୍ତର ଶ୍ରେଣୀରେ ଏକା ବିଭାଗର ଛାତ୍ର ଥିଲେ ।

ବିପିନ ସହିତ ତାଙ୍କର ଭାବ ଦୋସ୍ତି ଅଧିକ – ଅଗତ୍ୟା ତାଙ୍କ ନମ୍ବରରେ ସେ ଫୋନ୍ କଲେ ଆଉ ଫୋନ୍ ବାଜୁବାଜୁ ସେପଟରୁ ଧରିଲେ ବିପିନ୍ ।

– ହ୍ୟାଲୋ, ଭାଇ ଅଭୟ, କ'ଣ ଏତେ ସକାଳୁ ସକାଳୁ ମନେ ପକେଇଲ ଯେ!

– ଆରେ ଭାଇ, କେମିତି ଅଛ – ସବୁ ଭଲ ନିଶ୍ଚିତ । ମୁଁ ଏବେ ଦେଖିଲି ଯେ ତମେ ବିରଜାର ଭାଇଙ୍କ ମୃତ୍ୟୁରେ ଶୋକ ବାର୍ତ୍ତା ପଠେଇଲ ?

– ସତେ କି? ଓଃ କିଏ ମ' ସିଏ – କେଉଁ ଡିପାର୍ଟମେଣ୍ଟରେ ପଢୁଥିଲା ଯେ?

– ଆରେ ତମେ ତାକୁ ଜାଣିନ?

– କେହି ତ ମରିଯାଇଛି – ତା' ପାଇଁ ଶୋକ କରିବା ଏକ ବ୍ୟାବହାରିକ କର୍ତ୍ତବ୍ୟ, ଜାଣିବା ନ ଜାଣିବା ଦରକାର କ'ଣ?

– ତମେ ତାହେଲେ ସବୁ ମୃତ୍ୟୁ ଖବର ପାଉ ପାଉ ସଂକ୍ଷିପ୍ତ ଶୋକବାର୍ତ୍ତାଟିଏ ପଠେଇ ଦେବାକୁ ଭୁଲନି କେବେ ?

– ଆଉ କ'ଣ କରିହେବ ଯେ ! ଆମେ କ'ଣ କନ୍ଦାକନ୍ଦି କରି କାହାକୁ ଫେରେଇ ଆଣିପାରିବା ?

– ସତକଥା ଭାଇ । ହଉ ରହୁଛି ।

ବିପିନର କଥାରେ ଖୁସି ହୋଇପାରି ନ ଥିଲେ ଅଭୟ। ସେ ଜାଣିବାକୁ ଚାହୁଁଥିଲେ କେଉଁ ବିରଜାର ଭାଇ।

ତାଙ୍କର ମନେ ପଡୁଥିଲା ଅନ୍ତତଃ ଦୁଇଜଣ ବିରଜା ସ୍ନାତକୋତ୍ତର ପଢୁଥିଲା ବେଳେ ତାଙ୍କର ସହପାଠୀ ଥିଲେ ! ଜଣେ ପଢୁଥିଲେ ଇଂରାଜୀ ସାହିତ୍ୟ ବିଭାଗରେ ଆଉ ପରବର୍ତ୍ତୀ ସମୟରେ ଅଧ୍ୟାପନା କରିଥିଲେ କୌଣସି ମହାବିଦ୍ୟାଳୟରେ । ଆଉ ଜଣେ ପଢୁଥିଲେ ଷ୍ଟାଟିସଟିକ୍ସ, ମାନେ ପରିସଂଖ୍ୟାନ ପଢ଼ା ପରେ ବ୍ୟାଙ୍କରେ ଯୋଗ ଦେଇଥିଲେ । ପରିସଂଖ୍ୟାନର ଉପଯୁକ୍ତ ଉପଯୋଗ କରିଥିବେ ସେ । ହେଲେ ଯେ ଦୁଇଜଣଙ୍କ ଭିତରୁ କେଉଁ ବିରଜାର ଭାଇ ଚାଲିଗଲେ ତା ହେଲେ ?

ଦ୍ୱିତୀୟ ବନ୍ଧୁଙ୍କୁ ଖୋଜିବାରେ କିଛି ଅଡୁଆ ନଥିଲା। ହ୍ୱାଟସଆପ୍‌ରେ କିଏ କିଏ ଗ୍ରୁପ୍‌ରେ ମେସେଜ୍ ଦେଇଥିଲେ ତାକୁ ଖୋଜିବା ବେଶ୍ ସହଜ । ୟା'ପରେ ଅଭୟ ଦେଖିଲା ଯେ ତା ସଙ୍ଗାତ ହେଉଛନ୍ତି ସେଇ ଖୋଜା ପଡୁଥିବା ଲୋକ – ଦୁହିଁଙ୍କର ଏକା ନାଁ ହୋଇଥିବାରୁ ଦୁହେଁ କଲେଜ ଜୀବନରୁ ସଙ୍ଗାତ ଡକାଡ଼କି ହୁଅନ୍ତି ।

– ସଙ୍ଗାତ, ଆଉ କ'ଣ ସବୁ ହାଲଚାଲ?

ଆଉ କ'ଣ କଛି ନାହିଁ – ମୁଁ ଖାଲି ପଚାରୁଥିଲି ତମେ ଯେଉଁ ଶୋକବାର୍ତ୍ତା ପଠେଇଛ ଏବେ ହ୍ୱାଟସ୍‌ଆପ୍‌ରେ ସେ କେଉଁ ବିରଜାର ଭାଇ ଯେ ?

– ସଙ୍ଗାତ ବୁଝିଲ, ମୁଁ ଏତେ ଖୋଜାଖୋଜି କରେନି । କେହି ମରିଗଲା ମାନେ ଆର.ଆଇ.ପି. ଲେଖିଦେଇ ମୋ ଦାୟିତ୍ୱ ସାରିଦିଏ । ଗୀତାରେ ଭଗବାନ ଶ୍ରୀକୃଷ୍ଣ ପରା କହିଥିଲେ ଯେଉଁମାନେ ମରିଛନ୍ତି ବା ମରିବେ ତାଙ୍କ ପାଇଁ ଶୋକ କରିବା ଅନୁଚିତ । ମନେ ପଡୁନି ପ୍ରଥମ ଅଧ୍ୟାୟରେ ଏହି କଥା ପଢ଼ା ହେଉନଥିଲା ।

– ଠିକ୍ ମନେ ରଖିଛ ସଙ୍ଗାତ । ମାତ୍ର ମୁଁ ମନେ ପକେଇବାକୁ ଚାହୁଁଛି କେଉଁ ବିରଜାର ଭାଇ ମରିଗଲେ । ମୋର ଆଜିକାଲି ସ୍ମୃତିଶକ୍ତି ଟିକିଏ କମିଗଲା ପରି ଲାଗୁଛି ତ ସେଇଥିପାଇଁ ତମକୁ ପଚାରିଦେଲି ।

– ଆରେ ମୁଁ ତ ବିରଜାକୁ ମନେ ପକେଇ ପାରୁନି ତା ଭାଇକୁ ମନେ ପକେଇବା ବଡ଼ ମୁସ୍କିଲ କଥା । ତା ଛଡ଼ା ବିରଜାଟା ପୁଅ ନା ଝିଅ ମୁଁ ବି ଠିକ୍ ଜାଣିପାରୁନି । ଏମିତି ଶବ୍ଦଟାଏ ଯେ ତାକୁ ପୁଅ ଆଉ ଝିଅ ଉଭୟ ଭାବରେ ବ୍ୟବହାର କରିହେବ । ସେତିକି ଶବ୍ଦ ରୂପରେ ତନୁଜା, ପଦ୍ମଜା ପରି ବିରଜା ବି ଗୋଟିଏ ଝିଅର ନାଁ ହେଲେ ସେମିତି କିଛି ମହାଭାରତ ଅଶୁଦ୍ଧ ହୋଇଯିବକି–ପ୍ରକୃତ କଥା ହେଲା ସଙ୍ଗାତ ଏଇ ସବୁ ଝାମେଲାକୁ ମୁଁ ପଶିବାକୁ ଚାହେଁନି – କିଏ ଗୋଟେ ମଲା ମାନେ ମୁଁ ଯଦି ଅନଲାଇନ୍‌ରେ ଅଛି ମାନେ ଅଲବତ୍ ଆର.ଆଇ.ପି.କୁ ମୋ ହାତ ଚାଲିଯିବ । ତେଣୁ କିଏ ମଲା ଗଲା ମୁଁ ଖବର ରଖେନି ।

– 'ହଉ ସଙ୍ଗାତ ରହୁଛି – ପରେ କଥା ହେବା'– କହି ଟେଲିଫୋନ୍ କାଟି ଦେଲା ଅଭୟ ।

କ୍ରମଶଃ ଅସହଜ ମଣୁଥିଲା ଅଭୟ । ନିଜେ ସେ ଦୁଇଜଣ ଯାକ ବିରଜାକୁ ଜାଣିଥିଲା – ମାତ୍ର କାହାର ଭାଇ ସତରେ ମରିଗଲେ ତାହା ଜାଣିବାର ଚେଷ୍ଟାରେ ଏଯାବତ୍ ଅସଫଳ ହୋଇଥିବାରୁ ମନେ ମନେ ଅଶାନ୍ତି ଅନୁଭବ କରୁଥିଲା । ତା'ର ଧାରଣା ହେଲା ଅନ୍ୟମାନେ କେହି ବି ସେକଥା ହୁଏତ ଜାଣିଥାଇ ନ ପାରନ୍ତି ।

ପହିଲା ବିରଜାକୁ ଫୋନ୍ କଲା – ଟେଲିଫୋନ ମିନିଟିଏ କାଳ କୁଁ କୁଁ ରଡ଼ିକରି ଯେତେ ତା'ର ପ୍ରାପକକୁ ଡାକ ପକେଇଲେ ବି କେହି ସେପାଖରୁ ଧରିଲେ ନାହିଁ । ଅଭୟ ଏଥର ଆର ବିରଜାକୁ ଲଗେଇଲା ।

ସେପଟରୁ ଅଶ୍ରୁପାତ ଜନିତ ଫିକା କଣ୍ଠର ଆୱାଜ୍ ଆସିଲା । କ'ଣରେ ଭାଇ ଅଭୟ ! ଏଥର ଆଉ ବୁଝିବାକୁ ଡେରି ନ ଥିଲା ଯେ ହେଉଛି ପରିସଂଖ୍ୟାନ ବିଭାଗର ବିରଜା । ତା'ର ଭାଇଙ୍କର ବୋଧହୁଏ ଅବେଳରେ ପ୍ରାଣହାନୀ ହୋଇଛି ସେଇଥିପାଇଁ କଣ୍ଠରେ ଉଦାସ ଭାବ ।

– ହଁ ଭାଇ ବିରଜା ତମ ଦୁଃଖର ଖବର ପାଇଲି ।

– ଭେଁ କରି କାନ୍ଦି ଉଠିଲା ଗିରିଜା । ହଁ ଭାଇ ମୋ ବଡ଼ ଭାଇ ମୋତେ ମଣିଷ କରିଥିଲେ । ମୋର ସବୁ ଉଚ୍ଚଶିକ୍ଷା ତାଙ୍କରି ଯୋଗୁଁ ସମ୍ଭବ ହୋଇଥିଲା । ମୋଠାରୁ ଛ'ବର୍ଷ ବଡ଼ ଥିଲେ । ତାଙ୍କୁ ଆରମାସକୁ ସତୁରୀ ପୂରିଥାନ୍ତା । ଗୋଟିଏ ସଡ଼କ ଦୁର୍ଘଟଣାରେ ତାଙ୍କୁ ହରାଇ ମୁଁ ହତାଶ ଆଉ ହତବମ୍ଭ ଅନୁଭବ କରୁଛି– ତମେ ଯଦି ଫ୍ରି ଅଛ ସତ୍ୟନଗର ଆଡ଼କୁ ଆସିପାର । ଆହୁରି କିଛି ସାଙ୍ଗ ଆସିପାରନ୍ତି ।

– ନିଶ୍ଚୟ ଯିବି ଭାଇ, କହି ଟେଲିଫୋନ୍ ରଖିଲେ ଅଭୟ। ସାଙ୍ଗେ ସାଙ୍ଗେ ଶ୍ମଶାନକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ – ମାତ୍ର ଭାବୁଥିଲେ ଆମର ସାଙ୍ଗମାନଙ୍କ ଭିତରୁ ଅନେକ କାହିଁକି ନିରାପଦ ଦୂରତାରେ ରହିବାକୁ ଚାହୁଁଛନ୍ତି । ଚାରିଆଡ଼େ ଯେମିତି ଏଇଭଳି ବାତାବରଣ । ସବୁଠି ଉପର ଠାଉରିଆ ଭାବରେ ସମସ୍ତେ ବଞ୍ଚିବାକୁ ଚାହୁଁଛନ୍ତି ମାତ୍ର ବାହାସ୍ଫୋଟ ମାରୁଛନ୍ତି ଆମର ଫେସ୍‌ବୁକ୍‌ରେ ସାଙ୍ଗ ଆଠହଜାର, ଇନଷ୍ଟାଗ୍ରାମ୍‌ରେ ତତୋଦ୍ଧିକ –

ପ୍ରଶ୍ନଟିଏ ଆସିବା ଆଗରୁ ଆମ ମୁଣ୍ଡରେ ଉତ୍ତରଟିଏ ରହିଛି ତାକୁ ଓଗାଳି ଦେଉଛନ୍ତି ବିଚାରଶୂନ୍ୟ ହୋଇ– ଏମିତି ମିଛ ଆଶ୍ୱାସନା, ଛଳନାମୟ କୃତଜ୍ଞତା ଜ୍ଞାପନର କ'ଣ କିଛି ମୂଲ୍ୟ ଅଛି ନା କିଛି ଅର୍ଥ – ଅଥଚ ଆଜିକାଲି ପ୍ରତି ଉତ୍ସବ ଶେଷରେ କର୍ତ୍ତା ଯେମିତି ଗିଫ୍ଟ ପାଇବେ ପୁଣି ଅତିଥିଙ୍କୁ ରିଟର୍ଣ୍ଣ ଗିଫ୍ଟ, ସେଇମିତି ପୁନର୍ବାର ଧନ୍ୟବାଦକୁ ଅନେଇଥିବେ ଆର.ଆଇ.ପି. ପରେ ଏମିତି ମିଛ ଛଳନାପୂର୍ଣ୍ଣ ଜୀବନ କ'ଣ ଆମକୁ ଶାନ୍ତି ଦେବ –

ମନକୁ ମନ ଭାବୁଥିଲେ ଅଭୟ । ମାତ୍ର ତାଙ୍କୁ ଅନ୍ତତଃ ଏତିକି ସାନ୍ତ୍ୱନା ଦେଇଥିଲା ସେ ନିଜେ ସେଇ ଭିଡ଼ ଭିତରେ ନାହାନ୍ତି– ତାଙ୍କରି ପରି ବି ଥିବେ ଆହୁରି କିଛି ଭାବି ସେ ଏକୁଟିଆ ଅନୁଭବ କରୁନଥିଲେ । ଆଉ ମୁହେଁଇଲେ ସତ୍ୟନଗର ଆଡ଼େ ।

*ମୋ–୯୪୩୮୪୮୨୯୧୧*

*(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ, ମତାମତ ବ୍ୟକ୍ତିଗତ)*

**ସେଦିନ ଅଭୟ ଟିକେ ନିଃକମା ହୋଇ ବସିଥାନ୍ତି । ଚା'ପିଆ, ଖବରକାଗଜର ପୃଷ୍ଠା ଉପରେ ଆଖି ପକେଇବା ଶେଷ ହୋଇ ସାରିଥାଏ । କିଛି ପ୍ରାୟୋଜିତ କାର୍ଯ୍ୟକ୍ରମ ନ ଥାଏ । ଏତିକିବେଳେ ସେ ଦେଖିଲେ ତାଙ୍କର ସ୍ନାତକୋତ୍ତର ଶ୍ରେଣୀ ବେଳର ସାଙ୍ଗମାନଙ୍କ ଭିତରୁ କେହି ଜଣେ ଲେଖିଦେଲେ– ଆଜି ବିରଜାର ଭାଇ ଚାଲିଗଲେ । ସେଇ ମେସେଜ୍‌ଟିକୁ ସେ ଲକ୍ଷ୍ୟ କରୁଥାନ୍ତି ଦେଖିଲେ ସାଙ୍ଗେ ସାଙ୍ଗେ ଚାରି ଛଅଟି ବାର୍ତ୍ତା ତା'ଉପରକୁ ମାଡ଼ି ଆସିଲେ ପ୍ରତିଯୋଗିତା କରିବା ଢଙ୍ଗରେ । ସବୁଥିରେ ସେଇ ଏକା କଥା – ଆର.ଆଇ.ପି., ରେଷ୍ଟ ଇନ ପିସ୍‌ର ସଂକ୍ଷିପ୍ତ ବୁଝାଉଥିବା ଶୋକ ସନ୍ଦେଶ ।**

# ଓଡ଼ିଶାର ଆଦିନାଟ୍ୟକାର ଜଗମୋହନ



ଡ. ଭାବଗ୍ରାହୀ ରାଉତ

ଓଡ଼ିଆ ନାଟ୍ୟ ଜଗତରେ ପ୍ରଥମ ଓଡ଼ିଆ ନାଟକର ଆଦିସ୍ରଷ୍ଟା ଭାବରେ ଜଗମୋହନ ଲାଲ୍ ସୁପରିଚିତ । ଏହି ପ୍ରବାଦପୁରୁଷ ପାଶ୍ଚାତ୍ୟ ଶିକ୍ଷାରେ ଦୀକ୍ଷିତ ହୋଇ ତାଙ୍କର ପ୍ରତ୍ୟେକ ସୃଷ୍ଟି ମଧ୍ୟରେ ଭବିଷ୍ୟତର ବାର୍ତ୍ତା ପ୍ରକଟିତ କରି ନିଜର ସ୍ୱତନ୍ତ୍ରତା ବଜାୟ ରଖି ବହୁମୁଖୀ ପ୍ରତିଭାର ପରିଚୟ ଦେଇଛନ୍ତି । ଆଉ ମଧ୍ୟ ନବଜାଗରଣର ବାର୍ତ୍ତାବହ ଭାବେ ନୂତନ ଓଡ଼ିଶା ଗଠନ, ଓଡ଼ିଆ ଜାତି, ଭାଷା, ସାହତ୍ୟ ଓ ସଂସ୍କୃତିର ସୁରକ୍ଷା ଏବଂ ବିକାଶରେ ତାଙ୍କ ଅବଦାନ ଥିଲା ଅତୁଳନୀୟ । ତତ୍କାଳୀନ ସମାଜରେ ପ୍ରଚଳିତ ଅଜ୍ଞତା ଓ ଅନ୍ଧବିଶ୍ୱାସ ବିରୋଧରେ ଆଜୀବନ ଅବିରତ ସଂଗ୍ରାମ କରି ଜନଜୀବନକୁ ପ୍ରଭାବିତ କରିବାରେ ସେ ଥିଲେ ଜଣେ ସଫଳ ବ୍ୟକ୍ତିତ୍ୱ । ତାଙ୍କର ସାହିତ୍ୟ ସୃଷ୍ଟିଗୁଡ଼ିକ ସାମାଜିକ ପରିବର୍ତ୍ତନର ବାର୍ତ୍ତା ବହନ କରୁଥିଲା । କେବଳ ନାଟ୍ୟକାର ନଥିଲେ, ମଞ୍ଚ ପ୍ରତିଷ୍ଠାରେ ସେ ମଧ୍ୟ ଥିଲେ ଓଡ଼ିଶାର ପ୍ରଥମ । ୧୮୭୫ରେ ପ୍ରତିଷ୍ଠା କଲେ ନିଜ ଗ୍ରାମରେ ନିଜର କୁଳଦେବତା ରାଧାକାନ୍ତଙ୍କ ନାମରେ ଓଡ଼ିଶାର ପ୍ରଥମ ରଙ୍ଗମଞ୍ଚ 'ରାଧାକାନ୍ତ ରଙ୍ଗମଞ୍ଚ' । ତେଣୁ ସେ ଥିଲେ ଏକାଧାରାରେ ନାଟ୍ୟକାର, ଅଭିନେତା, ମଞ୍ଚ ନିର୍ମାତା, ନିର୍ଦ୍ଦେଶକ, କବି, ଅନୁବାଦକ, ଐତିହାସିକ, ଜନପ୍ରତିନିଧି ଓ ସମାଜ ସଂସ୍କାରକ । ସେ ଜଣେ ଚେତନାଧର୍ମୀ, ସଂସ୍କାରବାଦୀ ସାରସ୍ୱତ ସ୍ରଷ୍ଟା ହୋଇଥିବାରୁ ତାଙ୍କ ରଚିତ ନାଟକରେ ତତ୍କାଳୀନ ସମାଜର ଚିତ୍ର ଦେଖିବାକୁ ମିଳେ । ତାଙ୍କର ସୃଷ୍ଟି ସମ୍ଭାରଗୁଡ଼ିକ ହେଲା– (୧) ଭ୍ରମ ଭଞ୍ଜନ (୧୮୬୮) (୨) ଓଡ଼ିଶା ବିଜୟ (୧୮୭୬) (୩) ବାବାଜୀ (୧୮୭୭) (୪) ସତୀ (୧୮୮୭) (୫) ପ୍ରୀତି (ପ୍ରହସନ), (୬) ବୃଦ୍ଧବିବାହ (ଅପ୍ରକାଶିତ)

ଉପରୋକ୍ତ ସାହିତ୍ୟ କୃତିଗୁଡ଼ିକର ଅନ୍ତଃସ୍ୱର ହେଉଛି ସାମାଜିକ ସଂସ୍କାର ।

**୧୮୭୭ ମସିହାରେ ଓଡ଼ିଆ ସାହିତ୍ୟର ପ୍ରଥମ ସାମାଜିକ ନାଟକ ବାବାଜୀ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାଧାକାନ୍ତ ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା । ତତ୍କାଳୀନ ସାମାଜିକ ସ୍ଥିତିକୁ ଲକ୍ଷ୍ୟକରି ସେ ରଚନା କରିଥିଲେ, 'ସତୀ', 'ପ୍ରୀତି' ଓ 'ବୃଦ୍ଧ ବିବାହ' । 'ବାବାଜୀ' ନାଟକ ସମାଜର କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଥିଲାବେଳେ ସତୀ ତତ୍କାଳୀନ ସମାଜରେ ଶାସକ ଗୋଷ୍ଠୀଙ୍କ ଅନ୍ୟାୟ, ଅନୀତି ଓ ବ୍ୟଭିଚାର ବିରୁଦ୍ଧରେ, କିନ୍ତୁ ପ୍ରୀତି ନାଟକରେ ସାମାଜିକ ବୈଷମ୍ୟ ସତ୍ତ୍ୱେ ପ୍ରେମକୁ ଉଚ୍ଚ ଆସନ ଦେଇଛନ୍ତି ।**

ଇଂରାଜୀ କବି ଥୋମାସ୍ ଫର୍ଣ୍ଣେଲ୍‌ଙ୍କ (୧୬୭୬–୧୭୨୮) ଏକ ଦୀର୍ଘ ଇଂରାଜୀ କବିତା ଦି ହର୍‌ମିଟ୍ କାବ୍ୟର ଭାବ ଅବଲମ୍ବନରେ ଓଡ଼ିଆ ଅନୁବାଦ ଥିଲା ଭ୍ରମଭଞ୍ଜନ । ଏହା ଛନ୍ଦ, ରାଗରାଗିଣୀ, ପଦସଂଯୋଜନା ସର୍ବୋପରି ଘଞ୍ଚ ଜଙ୍ଗଲ ମଧ୍ୟରେ ଜଣେ ଶୁକ୍ଳକେଶୀ ବୃଦ୍ଧ ସପନ୍ୟାସୀଙ୍କ ଉପରେ ପର୍ଯ୍ୟବେସିତ । ସେହି ସମୟରେ ଓଡ଼ିଆରେ ଓଡ଼ିଶାର ଇତିହାସ ରଚନା ହୋଇପାରି ନଥିଲା । ଏହାକୁ ଉପଲବ୍ଧି କରି ଜଗମୋହନ ପ୍ରଖ୍ୟାତ ଐତିହାସିକ ଟୟନବିଙ୍କ ଓଡ଼ିଶା ଇତିହାସ ଅବଲମ୍ବନରେ ରଚନା କଲେ 'ଓଡ଼ିଶା ବିଜୟ' ନାମରେ ଓଡ଼ିଶାର ଇତିହାସ । ଏ ସମ୍ପର୍କରେ ଆଲୋଚକ ଡକ୍ଟର ହରିହର ପଣ୍ଡା କହନ୍ତି ଜଗମୋହନ ଲାଲଙ୍କ ଓଡ଼ିଶା ବିଜୟ ବାସ୍ତବିକ୍ ଏକ ମାଇଲ୍ ଖୁଣ୍ଟି । ସାରସ୍ୱତ ସାଧନାରେ ସେ ନିଜକୁ ସୀମିତ ନରଖି ସମାଜସେବା ଓ ସଂସ୍କାରକ ଭାବରେ ଜୀବନକୁ ଉତ୍ସର୍ଗ କରିଥିଲେ । ସାମାଜିକ ପରିବର୍ତ୍ତନରେ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା, ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ଓ ପରିବେଶର ଉନ୍ନତି ପାଇଁ ସତତ୍ ଚେଷ୍ଟାକରି ଲୋକମାନଙ୍କ ନିକଟରେ ଆଦରଣୀୟ ହୋଇ ପାରିଥିଲେ, ଯାହାର ଫଳସ୍ୱରୂପ ସେ କଟକ ମୁନିସ୍‌ପାଲିଟ୍‌ର କମିଶନର ଭାବେ ନିର୍ବାଚିତ ହୋଇଥିଲେ । ସମାଜର ସମସ୍ତ ବିରୋଧ ସତ୍ତ୍ୱେ ନିଜର ବିଧବା କନ୍ୟା ଲାବଣ୍ୟକୁ ପୁନଃ ବିବାହ କରାଇ ଇତିହାସରେ ଏକ ସମାଜ ସଂସ୍କାରକ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ସମାଜର ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ପ୍ରଥିତଯଶା ପ୍ରତିଭାଧରଙ୍କ ଆବିର୍ଭାବ ହୁଏ ୧୮୩୮ ମସିହା ନଭେମ୍ବର ମାସ ୨୫ତାରିଖରେ ପ୍ରଖ୍ୟାତ୍ ଲାଲ୍ ପରିବାରରେ । ନବମ ବଂଶଧର ଭାବରେ ଏବେ କଟକ ଜିଲ୍ଲା ମାହାଙ୍ଗା ଥାନା ନିକଟସ୍ଥ ପଦନଦାସପୁରରେ କେତେଜଣ ରହୁଛନ୍ତି ।

ଆଜିର ସମାଜ ତାଙ୍କର ମୃତ୍ୟୁପରେ ବିଗତ ଦିନର ସୃଷ୍ଟି ସମ୍ଭାରଗୁଡ଼ିକୁ ପ୍ରଶଂସା କରିବା ସହ ପ୍ରତିଭାକୁ ସମ୍ମାନ ଜଣାଉଛି । ଆଧୁନିକ ଓଡ଼ିଆ ନାଟକର ଆଦ୍ୟ ପ୍ରବର୍ତ୍ତକ ଜଗମୋହନ ଲାଲ ଓଡ଼ିଆ ଜାତିର ହୃଦୟରେ ଅମୂଲ୍ୟ ସମ୍ପଦ ରୂପେ ସାଇତା ହୋଇ ରହିଥିବେ, ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆ ଜାତି ବଞ୍ଚି ରହିଥିବ ।

ସଭାପତି, ମାହାଙ୍ଗା ସାରସ୍ୱତ ସେବା ମଞ୍ଚ,ମୋ– ୯୬୬୮୦୭୬୦୨୪

**ଏହାକୁ ଉପଲବ୍ଧି କରି ଜଗମୋହନ ପ୍ରଖ୍ୟାତ ଐତିହାସିକ ଟୟନବିଙ୍କ ଓଡ଼ିଶା ଇତିହାସ ଅବଲମ୍ବନରେ ରଚନା କଲେ 'ଓଡ଼ିଶା ବିଜୟ' ନାମରେ ଓଡ଼ିଶାର ଇତିହାସ ।**

# ପ୍ରାପ୍ତ ପୁସ୍ତକ

*ପୁସ୍ତକର ନାମ– ମୋ କର୍ମମୟ ଜୀବନ*
*ଲେଖକ– ନିଧି କୁମାର ରାଉତରାୟ*
*ପ୍ରଚ୍ଛଦପଟ– ମିଲି ରାଉତରାୟ*
*ପ୍ରକାଶକ– ନିଧି କୁମାର ରାଉତରାୟ*
*ପ୍ଲଟ ନଂ–୧୪୬୫/୨୮୯୨, ରୋଡ ନଂ–୮*
*ଜଗନ୍ନାଥ ନଗର, ଭୁବନେଶ୍ୱର–୭୫୧୦୨୫*
*ମୋ–୭୯୭୮୨୧୨୦୯୨*
*ମୂଲ୍ୟ–୨୫୦ ଟଙ୍କା ( ଦୁଇଶହ ପଚାଶ ଟଙ୍କା ମାତ୍ର)*




ଲେଖକ ନିଧି କୁମାର ରାଉତରାୟ ପୁରୀ ଜିଲ୍ଲାର କଣାସ ବ୍ଲକ ଅନ୍ତର୍ଗତ ଦୟା ନଦୀ ତଟବର୍ତ୍ତୀ ବେଣାଗାଁରେ ଜନ୍ମଗ୍ରହଣ କରିଥିଲେ । ସେ ଏକାଧାରରେ ଜଣେ କୃଷକ, ଶ୍ରମିକ, ଘରୋଇ ଶିକ୍ଷକ ଓ ପରେ ପ୍ରାୟ ତିନି ଦଶନ୍ଧିରୁ ଅଧିକ ସମୟ କାଳ ଜଣେ ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି । ଚାକିରିରୁ ଅବସର ନେବା ପରେ ଲେଖକ ତାଙ୍କର ସମସ୍ତ ପୁରୁଣା ଅନୁଭୂତି, ସଂଘର୍ଷ, ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ସବୁକୁ ସାଉଁଟି ଏ ପୁସ୍ତକ ଆକାରରେ 'ମୋ କର୍ମମୟ ଜୀବନ' ନାମରେ ପାଠକଙ୍କ ନିକଟରେ ପହଞ୍ଚାଇଛନ୍ତି । ଲେଖକଙ୍କ ସଂଘର୍ଷପୂର୍ଣ୍ଣ ଜୀବନରୁ ଅନେକେ କିଛି ପ୍ରରଣା ମିଳିପାରିବ ବୋଲି ଲେଖକ ତାଙ୍କ ପୁସ୍ତକ ମାଧ୍ୟମରେ ଆଶା କରିଛନ୍ତି । ବାସ୍ତବରେ, ମାନବ ଜୀବନ ସଂଘର୍ଷପୂର୍ଣ୍ଣ । ସଂଘର୍ଷରେ ବ୍ୟତିବ୍ୟସ୍ତ ହୋଇ କେହି କେହି ଦିଗହରା ମଧ୍ୟ ହୋଇପଡ଼ନ୍ତି । ଆଉ ଲେଖକଙ୍କ ପରି ଅନେକେ ନିଜ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟି ଯାଆନ୍ତି । ସୁତରାଂ ପାଠକମାନେ ଏହି ଉପାଦେୟ ପୁସ୍ତକଟିକୁ ଆଦରର ସହିତ ପାଠ କରିବେ ବୋଲି ଆମର ଆଶା ।

(ଅଳକା)



# ମାଆ ପଦ୍ମାଳୟା



ହରପ୍ରିୟା ରାଉତରାୟ

ମାଆ ପଦ୍ମାଳୟା କରିବୁ ସୁଦୟା
ମାଗୋ ବିଷ୍ଣୁପାଟରାଣୀ
ସମୁଦ୍ରମନ୍ଥନୁ ହୋଇଲୁ ମା' ଜାତ
ନାମ ସାଗରଦୁଲଣୀ ।
କୀଟଠାରୁ ବ୍ରହ୍ମ ମୁଖେ ଦେଇ ଅନ୍ନ
ତୋଷୁ ସକଳ ପରଜା
ନିମିଷକେ ମାଲୋ କରିପାରୁ ତୁହି
ବୁଲା ଫକିରକୁ ରଜା
ଯଶ ଅଇଶ୍ୱର୍ଯ୍ୟ ମିଳିଥାଏ ସଦା
ଯତନେ କରିଲେ ପୂଜା
ଜଗତଯାକରେ ତୋହରି ନାମରେ
ଉଡୁଅଛି ପରା ଧ୍ୱଜା
କମଳ ଆସନେ ବିରାଜିତା ମାଗୋ
ପରଂବ୍ରହ୍ମ ସ୍ୱରୂପିଣୀ ।
ଅନ୍ନ ପ୍ରଦାୟିନୀ ଜଗତଜନନୀ
ଅଟୁ ଅତି ଦୟାବତୀ
ନୀତିରୁ ଅନୀତି ହୋଇଲେ ମାଆଲୋ
କୋପ କରିଥାଉ ଅତି
ଚାର ଉପଚାର କରେ ଯେହୁ ନିତି
ପ୍ରସନ୍ନ ହେଉ ତୁ ମାତ
ଭକତି ହୃଦୟେ ଆରାଧନା କଲେ
ତୋଷ ହୁଏ ତୋର ଚିତ୍ତ
ମୋରଠାରେ ଦୟା ରଖିଥିବୁ ମାଆ
ନମୋ ଲକ୍ଷ୍ମୀନାରାୟଣୀ ।

ମୋ – ୯୪୩୭୫୨୨୭୯୨

# ଲକ୍ଷ୍ମୀ ପୁରାଣର କୟଦଂଶ



ଦିଲ୍ଲୀପ ଶତପଥୀ

ଜଗାକୁ ଅଡୁଆ ବଡ଼ ଭାଇ କୋପ
ଦଶ ଦୋଷ ମନେ ନାହିଁ,
ଅଗ୍ରଜର ବାକ୍ୟେ ସ୍ୱପତ୍ନୀକୁ ତ୍ୟାଗେ
ଜଗତ ଠାକୁର ସେହି ।
ଉଡ଼ିଗଲା ଖଇ ଦେଖି ଦୁଇ ଭାଇ
ହେଲେ ଖାଲି ହାଇଁ ପାଇଁ,
ଘରଣୀ ଛାଡିଲେ ଅଘୋରୀ ହୋଇବ
ରହିବ ଶ୍ମଶାନେ ଯାଇଁ ।
ବାର ଦ୍ୱାର ବୁଲି ଖାଦ୍ୟ ନମିଳଇ
ଚଣ୍ଡାଲୁଣୀ ଦ୍ୱାର ଠେଇଁ,
ଲକ୍ଷ୍ମାଛଡ ଦୁହେଁ ପତେଇଲେ ହାତ
ହାଣ୍ଡିଟା ତାତିଲା ନାଇଁ ।
ଚଣ୍ଡାଲୁଣୀ ଘରେ ଅପବିତ୍ର ହୋଇ
ଭୁଞ୍ଜିଲେ ଦୁଇ ଗୋସେଇଁ,
କାଳ କାଳ ପାଇଁ କଥା ରଖି ଗଲେ
ଚଣ୍ଡାଳ ବିଟାଳ ହୋଇ ।
ଲକ୍ଷ୍ମୀଙ୍କୁ ଚିହ୍ନିଲେ ଧିକାର ଶୁଣିଲେ
କାନ ମୁଣ୍ଡ ଝାଇଁ ଝାଇଁ,
କଥାକୁ ଭୁଲିଲେ ମଥାକୁ ନଇଁଲେ
ଲକ୍ଷ୍ମୀ ଆଦରିଲେ ତହିଁ ।
କରିଥିଲେ ଘର ପଡିବ ପଥର
ପତି ପତ୍ନୀରେ ଅମେଳି
ଆମେ କିବା ଛାର ଦେବତା ନାଚାର
ଲକ୍ଷ୍ମୀ ନାରାୟଣ କଳି ।

**ମୋ–୯୪୩୭୧୭୫୭୬୪**



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚୀନ୍...

ଏହାର ଆଖପାଖ ରାଜ୍ୟର ଅପରାଧୀମାନଙ୍କୁ ଯୋଗାଇ ଦିଆଯାଉଛି । ପୋଲିସ ଏବେ ଭାରତରେ ଏଭଳି ବହୁ ପରିମାଣର ଅସ୍ତ୍ରଶସ୍ତ୍ର ବିକ୍ରି ହେଉଥିବା ଜାଣିବାକୁ ପାଇଛି । ଏଥିରେ ଗ୍ୟାଙ୍ଗ ଓ ବ୍ୟକ୍ତିବିଶେଷମାନେ ସମ୍ପୃକ୍ତ ଅଛନ୍ତି । ଏହି ର୍ୟାକେଟର ମୁଖ୍ୟ ଜଶପ୍ରୀତ୍ ଆଲାଇସ ଜାସା କୁହାଯାଉଛି । ଯିଏ କି ଆମେରିକାରେ ରହି ପାକିସ୍ତାନ ସହ ସିଧାସଳଖ ଯୋଗାଯୋଗ କରି ଏଭଳି କାର୍ଯ୍ୟ କରୁଛି । ସୁରକ୍ଷା ଏଜେନ୍ସି ପକ୍ଷରୁ ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଖୋଜାଯାଉଛି ।

## ବଳ...

କରୁଛି । ଫଳରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ଉପରକୁ ଉଠୁଛି । ବାତ୍ୟା କିମ୍ବା ଭୀଷଣ ବାତ୍ୟା ରୂପରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ଅଛି । ଯଦି ଉପରକୁ ଉଠେ ଏହା ଉତ୍ତର ଆନ୍ଧ୍ରପ୍ରଦେଶ, ଓଡିଶା ଓ ପଶ୍ଚିମବଙ୍ଗ ଭିତରେ ମାଡ ହେବ ।

ଆଣ୍ଡାମାନ ସାଗର ଭିତରୁ ଲଘୁଚାପ ବାହାରିଲା ପରେ ଏହାର ସ୍ପଷ୍ଟ ଚିତ୍ର ଆସିବ । ଆସନ୍ତା ଦୁଇଦିନ ମଧ୍ୟରେ ଏହା କେଉଁ ଦିଗକୁ ଯିବ ତାହା ଜଣାପଡିବ । ବିଷୁବରେଖାରେ ଏହି ଲଘୁଚାପ ଥିବାରୁ ତରଙ୍ଗାୟିତ ଚିହ୍ନଟ କରାଯାଇପାରୁନି ।୨୫-୨୬ ତାରିଖ ବେଳକୁ ସମ୍ଭାବ୍ୟ ବାତ୍ୟା କେଉଁ ଦିଗକୁ ଯିବ ତାହା କୁହାଯାଇପାରିବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି ।

ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଓଡିଶାରେ ୨୮ ତାରିଖ ବେଳକୁ ବର୍ଷା ଆରମ୍ଭ ହେବ । ୨୦୧୯ ନଭେମ୍ବରରେ ବାତ୍ୟା ବୁଲବୁଲ୍ ଉତ୍ତର ଓଡିଶାରେ ପ୍ରଭାବ ପକାଇଥିଲା । ଏହା ବେଶି ଶକ୍ତିଶାଳୀ ହୋଇନଥିଲେ ମଧ୍ୟ ବର୍ଷାର ପରିମାଣ ଅଧିକ ଥିଲା । ତେବେ ଚଳିତ ମାସ ଅର୍ଥାତ ନଭେମ୍ବରରେ ପୁଣି ବାତ୍ୟା ଉତ୍ତର ଓଡିଶାକୁ ମୁହାଁଇବାର ସମ୍ଭାବନା ଥିବା ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ।

ରାଜ୍ୟରେ ଶୀତ ହ୍ରାସ ପାଇଛି । ଆକାଶ ମେଘାଚ୍ଛନ ଥିବାରୁ ବହୁ ଅଞ୍ଚଳରେ ରାତିର ପାରଦ ୩ରୁ ୪ ଡି ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଉପକୂଳରେ ତାପମାତ୍ରା ସ୍ୱାଭାବିକ ଥିବା ବେଳେ ଆଭ୍ୟନ୍ତରୀଣରେ କେତେକ ସ୍ଥାନରେ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ସାମାନ୍ୟ କମ୍ ରହିଛି । ସମ୍ଭାବ୍ୟ ବାତ୍ୟା ଓ ପଶ୍ଚିମା ଝଡ ବାୟୁ ଚାଳନା ସମୁଦ୍ର ଆଡୁ ଆସୁଥିବାରୁ ଶୀତ ହ୍ରାସ ପାଇଛି । ଡିସେମ୍ବର ପହିଲା ପରେ ପୁଣି ଶୀତ ଫେରିବ ବୋଲି ପୂର୍ବାନୁମାନ କରାଯାଇଛି ।

## ବେଆଇନ...

ସମନ୍ୱିତ ମାନବବାଦ ଅଭିବୃଦ୍ଧିରେ ସମତୁଳ ଆଣିଥାଏ । ଦକ୍ଷତାଜ୍ଞାନ ଓ ମହଦେଶରେ ସୁରକ୍ଷା ନେଇ ପରସ୍ପର ସହଯୋଗ ଲାଗି ୩ଟି ପ୍ରମୁଖ ପ୍ରସ୍ତାବ ସେ ନେଇଛନ୍ତି । ନିରନ୍ତର ଜୀବନଧାରା ହେଉଛି ସମୟ ଦ୍ୱାରା ପରିକ୍ଷିତ ମଡେ଼ଲ । ଭବିଷ୍ୟତ ବଂଶଧର ଲାଗି ଆମକୁ ପାରମ୍ପରିକ ଜ୍ଞାନ ଯେପରିକି ସ୍ୱାସ୍ଥ୍ୟ, ପରିବେଶ ଓ ସାମାଜିକ ବ୍ୟବସ୍ଥାର ଅନୁପାତିକ ତଥ୍ୟକୁ ସଂଗ୍ରହ କରିବାକୁ ପଡିବ । ଆମର ଭବିଷ୍ୟତ ପୀଢ଼ୀକୁ ଏହା ପ୍ରଧାନ କରାଯିବା ଉଚିତ । ଜଳବାୟୁର ଚାପ ଏବଂ ଜୀବନଶୈଳୀରେ ବାରମ୍ବାର ପରିବର୍ତ୍ତନ ଏବେ ଭବିଷ୍ୟତ ପୀଢ଼ୀ ପାଇଁ ଚିନ୍ତା ହୋଇଛି । ଯୁବଗୋଷ୍ଠୀ ଲକ୍ଷ୍ୟଭିତିକ ଦକ୍ଷତା କାର୍ଯ୍ୟକ୍ରମ ହେବା ଆବଶ୍ୟକ ରହିଛି । ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଜି-୨୦ରେ ବିଶ୍ୱ ସ୍ୱାସ୍ଥ୍ୟ ଯତ୍ନ ପସମନ ନେଇ ମତ ରଖିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରଶିକ୍ଷଣ ପ୍ରାପ୍ତ ଚିକିତ୍ସକ ବିଶେଷଜ୍ଞମାନେ ବିଭିନ୍ନ ରାଷ୍ଟ୍ରକୁ ଯାଇ ସ୍ୱାସ୍ଥ୍ୟକୁ ନେଇ ସୃଷ୍ଟି ହେଉଥିବା ସମସ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସଚେତନ କରନ୍ତୁ । ମିଳିତ ଭାବେ ଏହାର ପ୍ରସ୍ତୁତ କରାଯାଉ । ବର୍ତ୍ତମାନ ଏହା ବଡ଼ ସଂକଟ ରହିଛି । ସେହିଭଳି ନିଶାଦ୍ରବ୍ୟ ଓ ଆତଙ୍କୀ ମେଣ୍ଟ, ଯୋଜନାବଦ୍ଧ ଭାବେ ଅର୍ଥ ଅଣାଯିବା ପ୍ରଶାସନ ଓ ସୁରକ୍ଷା କାର୍ଯ୍ୟକୁ ମିଳିତ ଭାବେ କରାଯାଉ । ବିଶେଷକରି ନିଶାଚାଲାଣ ନେଟୱାର୍କ, ବେଆଇନ ଅର୍ଥ କାରବାର ଉପରେ ଫୋକସ କରାଯାଉ । କାରଣ ଆତଙ୍କୀ ସଂଗଠନର ଆର୍ଥିକ ଉତ୍ସ ହେଉଛି ଏହି ବେଆଇନ ନିଶାଦ୍ରବ୍ୟ କାରବାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସନ୍ଦୀଗ୍ଧ...

ରାଜ୍ୟର ବିଭିନ ସ୍ଥାନ ଛାନଭିନ ଚଳାଇଥିବାବେଳେ ଶନିବାର ଜଗତସିଂହପୁର ଜିଲ୍ଲା ଏସପିଙ୍କ ତତ୍ତ୍ୱାବାଧାନରେ ଏକ ସ୍ୱତନ୍ତ୍ର ପୁଲିସ ଟିମ କୌଣସି ସୂତ୍ରରୁ ଖବରପାଇଁ ଭଦ୍ରକ ଜିଲ୍ଲା ଧାମର ବନ୍ଦରେ ପହଂଚି ଦୁଇ ଭାଇ ସିକୁ ଓ ଟିକକୁ ପୋଲିସ କାବୁ କରିଥିଲେଛ ପୋଲିସ କହିବା ଅନୁଯାଇ ଦୁଇଭାଇ ଧାମରାରୁ ବୋଟ ଯୋଗେ ଜଳପଥ ଦେଇାଙ୍ଗଲାଦେଶ ଫେରାର ହୋଇଯାଉଥିବାବେଳେ ପୋଲିସ କାବୁ କରିଥିଲା ଛ ପୋଲିସ ଦୁଇ ଭାଇଙ୍କୁ ଗିରଫ କରି ବାରଙ୍ଗ ପୋଲିସ ବ୍ୟାରାକରେ ରଖି ମାରାଥନ ଜେରା କଲାପରେ କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ ।

## ଦୁଇଦିନରେ...

ସେମାନେ ସିବିଆଇରୁ ବାହାରିବା ପରେ ଗଣମାଧ୍ୟମକୁ ସାମ୍ନା କରିବାକୁ ଡରି ପଳାଇ ଯାଇଥିଲେ । ଏସ୍ଆଇ ନିଯୁକ୍ତି ପାଇଁ ପରୀକ୍ଷା ଦାୟିତ୍ୱ ହାଇଦ୍ରାବାଦର ଏକ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା ବେଳେ ସେହି କମ୍ପାନୀ କୋଲକାତାର ଏକ କମ୍ପାନୀକୁ ଦାୟିତ୍ୱ ଦେଇଥିଲା । କୋଲକାତା କମ୍ପାନୀ ବ୍ରହ୍ମପୁରର ପଞ୍ଚସଫଫକୁ କେତେକ ଦାୟିତ୍ୱ ଦେଇଥିଲା । ଘୋଟାଲାର କାର୍ପଟଦାର ଶଙ୍କର ପୃଷ୍ଟି ପଞ୍ଚସଫଫର ନିର୍ଦ୍ଦେଶକ । ଶଙ୍କର ସମେତ ୧୧ ଜଣ ଦଲାଲ ଗିରଫ ହୋଇ ଜେଲ୍‌ରେ ଅଛନ୍ତି । ପଞ୍ଚସଫଫ ଦକ୍ଷିଣ ଓଡ଼ିଶା ଦାୟିତ୍ୱ ମୁନା ମହାନ୍ତିକୁ ଦେଇଥିବାବେଳେ ଉତ୍ତର ଓଡ଼ିଶାର ଦାୟିତ୍ୱ ଅରବିନ୍ଦ ଦାସକୁ ଦିଆଯାଇଥିଲା । ଗିରଫ ହୋଇଥିବା ୧୧୪ ଜଣ ଆଶାୟୀଙ୍କଠାରୁ ମୁନା ୨୫ଲକ୍ଷ ଲେଖାଏଁ ଟଙ୍କା ଆଦାୟ କରିଥିଲା । ବସ୍‌ରେ ଯାଉଥିବାବେଳେ ବ୍ରହ୍ମପୁର ପୋଲିସ ୧୧୪ ଆଶାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେମାନଙ୍କ ଜାମିନ ହୋଇଯାଇଛି । ଆଉ ୧୧୦ ଜଣ ପୋଲିସ ଆଖିରେ ଧୂଳିଦେଇ କୌଶଳକ୍ରମେ ଖସି ପଳାଇ ଥିଲେ । ୧୧୪ ଜଣ ଗିରଫ ପରେ ୧୧ ଜଣ ଦଲାଲ୍‌ଙ୍କୁ ଗିରଫ କରାଯାଇଥିଲା । ପୋଲିସଠାରୁ ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚ ନେବା ପରେ ଏବେ ସିବିଆଇ ମାମଲାର ତଦନ୍ତ କରୁଛି । ଦୁଇ ଦିନରେ ୧୦ ଜଣ ଚାକିରୀ ଆଶାୟୀଙ୍କୁ ସିବିଆଇ ଜେରା କରିଥିବାବେଳେ ଏହାପରେ କେଉଁମାନଙ୍କୁ ସମନ ଜାରି କରାଯିବ, ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆବଶ୍ୟକ ହେଲେ ଦଲାଲଙ୍କୁ ରିମାଣ୍ଡରେ ଆଣି ଜେରା କରାଯାଇପାରେ । ଏମାନଙ୍କ ସହ ଯେଉଁ ରାଜନେତା ଓ ବ୍ୟୁରୋକ୍ରାଟ୍ ଜଡ଼ିତ ଥିଲେ, ସିବିଆଇ ତଦନ୍ତକୁ ନେଇ ସେମାନଙ୍କ ଛାତି ଧୁଡୁଧୁଡୁ ହେଲାଣି । କାରଣ କାଳେ ସିବିଆଇ ସେମାନଙ୍କୁ ହାଜର ହେବାକୁ ନୋଟିସ କରିବ । ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଦେଶବ୍ୟାପୀ ଚର୍ଚ୍ଚା ହେବାପରେ ମାମଲାର ତଦନ୍ତ ଭାର ସିବିଆଇକୁ ଦିଆଯାଇଛି ।

## ଇସିଙ୍କୁ...

ଖୁବ୍‌ଶୀଘ୍ର ତଥ୍ୟ ସହ ନିର୍ବାଚନ କମିଶନଙ୍କ ନିକଟରେ ଆପତ୍ତି ଅଭିଯୋଗ ଦର୍ଶାଯିବ ବୋଲି ବିଜେଡି ରାଜେନୈତିକ ବ୍ୟାପାର କମିଟି (ପିଏସ୍‌ସି) ବୈଠକରେ ନିଷ୍ପତ୍ତି ହୋଇଛି ।

ନୂଆପଡା ଉପନିର୍ବାଚନରେ ବିଜେଡି ହାରିବା ପରେ ଏବେ ଦଳୀୟ ସଂଗଠନ ଉପରେ ଫୋକସ କରୁଛି । କିଛିଦିନ ତଳେ ସବୁ ଜିଲ୍ଲା ସଭାପତିଙ୍କ ସହ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା । ତହିଁ ଆରଦିନ ଅର୍ଥାତ୍ ଆଜି ବିଜେଡି ପିଏସ୍‌ସି ବୈଠକ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ସମ୍ପର୍କରେ ବିଧାୟିକା ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ କହିଥିଲେ ଯେ ଆଜିର ବୈଠକରେ ବିଶେଷ କରି ନୂଆପଡା ଉପନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା । ଦଳର ରାଜ୍ୟ ସଭାପତି ଏନେଇ ସବିଶେଷ ତଥ୍ୟ ମାଗିଥିଲେ । ଦଳର ସଭାପତିଙ୍କ ନିକଟରେ ସବୁ ତଥ୍ୟ ଦିଆଯାଇଥିଲା । ପ୍ରାୟ ୬୩ ବୁଥ୍‌ରେ କ୍ଷମତାସୀନ ଦଳ ଏକପାଖିଆ ଭାବେ ନିଜ ସପକ୍ଷରେ ଭୋଟ୍ ନେଇଛନ୍ତି । ବିଜେଡି ସମର୍ଥକମାନଙ୍କୁ ଭୋଟ୍ ଦିଆଇ ଦେଇନଥିବାବେଳେ ଇଭିଏମ୍ ହେଉ କିମ୍ବା ର୍ୟାଗିଂରେ ଭୋଟ୍ ନେଇଛନ୍ତି । ପୂର୍ବରୁ ନିର୍ବାଚନ କମିଶନଙ୍କ ନିକଟରେ ଭୋଟ୍ ଅନିୟମିତତା ନେଇ ଅଭିଯୋଗ କରାଯାଇଥିଲା । ଏବେ ଏହି ୬୩ ବୁଥ୍ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଉଛି । ଖୁବ୍‌ଶୀଘ୍ର ଦାଖଲ କରାଯିବ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ । ମିଳିଥିବା ସୂଚନା ଅନୁଯାୟୀ ଆଗାମୀ ବିଧାନସଭା ଓ ସଂସଦ ଅଧିବେଶନରେ ଦଳ ପକ୍ଷରୁ କେଉଁ ପ୍ରସଙ୍ଗ ଉତ୍‌ଥାପନ କରାଯିବ ସେ ନେଇ ଇନ୍‌ପୁଟ୍ ଦେବାକୁ ଦଳର ସଭାପତି ପିଏସ୍‌ସି ସଦସ୍ୟମାନଙ୍କୁ କହିଛନ୍ତି । ସଦସ୍ୟମାନଙ୍କର ଇନ୍‌ପୁଟ୍ ଆଧାରରେ ପ୍ରସଙ୍ଗ ଦଳ ପକ୍ଷରୁ ଉପସ୍ଥାପନ କରାଯିବ । ସୂଚନାଯୋଗ୍ୟ ଆସନ୍ତା ୨୭ରୁ ବିଧାନସଭା ଅଧିବେଶନ ଓ ଡିସେମ୍ବର ପହିଲାରୁ ସଂସଦ ଅଧିବେଶନ ଆରମ୍ଭ ହେଉଛି । ଏହି ବୈଠକରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ସନ୍ତୃପ୍ତ ମିଶ୍ର, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ପ୍ରଣବ ପ୍ରକାଶ ଦାସ, ସୁଦାମ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦର୍ଶ ଶିକ୍ଷୟିତ୍ରୀ ଆଲୋକ ଶତପଥୀଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, (ସବୁ୍ୟ) :ଚୌଦ୍ୱାର ଓ.ଟି.ଏମ୍ ହାଇସ୍କୁଲରେ ଦୀର୍ଘ ୩୩ବର୍ଷ ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ଆଲୋକ ଶତପଥୀଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭୁବନେଶ୍ୱର ଆଚାର୍ଯ୍ୟବିହାର ସ୍ଥିତ ମା' ଭୁବନେଶ୍ୱରୀମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସୁସାହିତ୍ୟିକ ଚକ୍ରଧର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ଆଡ଼ଭୋକେଟ ବୀରକିଶୋର ବାରିକ ପରିଚାଳନା କରିଥିଲେ । ସ୍ଥାନୀୟ ବିଧାୟକ ଅନନ୍ତ ନାରାୟଣ ଜେନା, ଯୁବନେତା ତଥା ସମାଜସେବୀ ସୁପର୍ଣ୍ଣ ଶତପଥୀ, ଡାକ୍ତର ରାଜେନ୍ଦ୍ର ଶତପଥୀ, ଡାକ୍ତର ସନ୍ଧ୍ୟାରାଣୀ ଶତପଥୀ, ନିର୍ମଳ ଚନ୍ଦ୍ର ରଥ, ଜୟନାରାୟଣ ନନ୍ଦ, ସମାଜସେବୀମଧୁମିତା ରଥ, ଆଚାର୍ଯ୍ୟବିହାର ପରିଷଦର ସଭାପତି ଭାଗବତ ପ୍ରସାଦ ଦାସ, ପ୍ରଫେସର ବସନ୍ତ କୁମାର ପଣ୍ଡା, ଡ. ମୃଦୁଳାମିଶ୍ର,ଓ.ଟି.ଏମ୍. ହାଇସ୍କୁଲ ଚୌଦ୍ୱାରର ପୁରାତନ ଛାତ୍ର ସଂସଦର ସଂପାଦକ ବିଶ୍ୱକଲ୍ୟାଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ଶବୃନ୍ଦାବନ ସାହୁ, ପ୍ରମୋଦ କୁମାର ନାୟକ, ଆଡ଼ଭୋକେଟ ସିଦ୍ଧାର୍ଥ ଦାସ, ଅଧ୍ୟାପିକା ଶର୍ମିଷ୍ଠା ମହାପାତ୍ର, ଡ. ସଂଘମିତ୍ରା ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶ୍ରୀମତୀ ଶତପଥୀ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ତଥା ଦୃଢ଼ମନା ବ୍ୟକ୍ତିତ୍ୱ ଥିଲେ ବୋଲି ମତବ୍ୟକ୍ତ କରିଥିଲେ ।ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ଆଲୋକ ଶତପଥୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ସଭା ଶେଷରେ ମଧ୍ୟମ ପୁତ୍ର ଡ. ଅମ୍ବରୀଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩ କୋଟି ଟଙ୍କାର ନିର୍ମାଣ କାର୍ଯ୍ୟରେ ଦୁର୍ନୀତି

# ୪ ମାସ ନପୁରୁଣୁ ଭାଙ୍ଗିଲା ଛଡିଆ କେନାଲ

କେନ୍ଦୁଝର (ଜିପ୍ର): ଚାଷଜମିର ଉନ୍ନତି ପାଇଁ ସରକାର ବହୁ ପରିମାଣର ଅନୁଦାନ ଯୋଗାଇ ଦେଇଛନ୍ତି । ତେବେ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀ ଙ୍କ ପାଇଁ ଏହି ଅନୁଦାନର ସଦୁପଯୋଗ ହୋଇପାରୁନାହିଁ ପ୍ରାୟ ୩ କୋଟି ଟଙ୍କା ରେ ନିର୍ମାଣ ହୋଇଥିବା କାଡା କେନାଲ କାର୍ଯ୍ୟ ଚାରି ମାସ ନପୁରୁଣୁ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି ଯାହାର ଚିତ୍ର ଦେଖିବାକୁ ମିଳିଛି ହରିଚନ୍ଦନପୁର ବ୍ଲକ ର ଛଡିଆ ଅଞ୍ଚଳ ରେ । କମାଣ୍ଡ ଏରିଆ ଡେଭଲପମେଣ୍ଟ ମଣ୍ଡ ଅଥରିଟି (କାଡା) ଅନୁଦାନର ବିନିଯୋଗରେ ଆଖିବୁଜା ଦୁର୍ନୀତି ଚାଲିଛି । ଏନେଇ କିଛିଦିନ ତଳେ ବିଜେପିନେତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ । ଏନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତାଗିଦ ମଧ୍ୟ କରିଥିଲେ । ତେବେ ଏବେବି ଛଡିଆ କାଡା କେନାଲ ନିର୍ମାଣ ରେ ଦୁର୍ନୀତି ଜଳଜଳ ଦେଖାଯାଉଛି । ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ହରିଚନ୍ଦନପୁର ସ୍ଥିତ ରଘୁବେଡା ପ୍ରକଳ୍ପ ଅଞ୍ଚଳରେ ଥିବା ଡିପ ଜମିକୁ ଜଳସେଚିତ କରିବାପାଇଁ ଛଡିଆ ଅଞ୍ଚଳରେ କାଡା କେନାଲର ପରିକଳ୍ପନା କରାଯାଇଥିଲା ହେଲେ ସ୍ଥାନୀୟ ପାଣି ପଞ୍ଚାୟତକୁ ଢାଲ କରି ଠିକାଦାରମାନେ ନିର୍ମାଣକାର୍ଯ୍ୟକୁ ହାତେଇ ନେଇ ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ କରିଥିବାରୁ ଏହା କମ ଦିନରେ ନଷ୍ଟ ହୋଇଯାଇଛି । ଏହି ବିଭାଗ ମୁଖ୍ୟ କାର୍ଯ୍ୟାଳୟ ଭଦ୍ରକରେ ହୋଇଥିବାବେଳେ ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀଙ୍କ ଦେଖା ମିଳୁ ନଥିବା ନେଇ ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି । ଦୁଇ ଇଞ୍ଚ ମେଟାଲ,କଂକ୍ରିଟ ଦୁଇ ଇଞ୍ଚ ଚିଂ କଂକ୍ରିଟ ହେବାର ଥିବାବେଳେ ମାତ୍ର ଗୋଟିଏ ଇଞ୍ଚ ମଧ୍ୟରେ ନିର୍ମାଣ ଶେଷ କରାଯାଇଛି । ବ୍ୟବହାର କରାଯାଇଥିବା ରଡ଼ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଅଳ୍ପଦିନରେ ଏହା ଭାଙ୍ଗି ପଡିବ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି । ବର୍ଷବର୍ଷ ଧରି ନିର୍ବାଚନ ହୋଇ ନଥିବା ପାଣି ପଞ୍ଚାୟାତକୁ ମୋହରା କରାଯାଇ ଏଭଳି ଖୋଲାଖୋଲି ଦୁର୍ନୀତି ଚାଲିଛି । ଏହାର ଉଚ୍ଚସ୍ତରୀୟ ଜଦନ୍ତ କରାଯିବାକୁ ଦାବି ହେଉଛି ।

# ବାଲେଶ୍ୱର କୃଷି ମହାବିଦ୍ୟାଳୟ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟିର ଧାରଣା

ନୀଳଗିରି, (ସବୁ୍ୟ) : ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଶୁକ୍ରବାର ଦିନ ନୀଳଗିରି ଶାଖା ପକ୍ଷରୁ ପୂର୍ବତନ କଲେଜ ଅଧକ୍ଷ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଗୋଟିଏ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଚିତ । ଉକ୍ତ ଜିଲ୍ଲାରେ ଲୋକମାନେ ଧାନ, ପାନ, ମୀନ କୁ ନେଇ କାଳାତିପାତ କରନ୍ତି । କିନ୍ତୁ ସରକାର କୃଷି କୁ ଗୁରୁତ୍ୱ ଦେଉନାହାନ୍ତି । ତେଣୁ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ହେଲେ ବାଲେଶ୍ୱର ଜିଲ୍ଲାରେ କୃଷକ ମାନଙ୍କର ଉନ୍ନତି ହେବା ସହିତ ଜିଲ୍ଲା ର ବେକାରୀ ସମସ୍ୟା ଦୂର ହୋଇପାରିବ । ଉକ୍ତ କମିଟି ର ସାଧାରଣ ସମ୍ପାଦକ ଅଭୟ ମିଶ୍ର, ଉପସଭାପତି ହରିନାରାୟଣ ମଡୁଆଳ, କ୍ଷେତ୍ରେଶ୍ୱରୀ ଦାସ, ପ୍ରଫୁଲ୍ଲ କୁମାର ଦାସ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଜରୁରୀ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀ, ସିପିଆଇ (ଏମ)ନେତା ବିଜୟ କୁମାର ପାତ୍ର, ଅମରେନ୍ଦ୍ର ନାୟକ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଷ୍ଟାଲିନ ମିଶ୍ର, ସିପିଆଇ ନେତା ନିରଞ୍ଜନ ବାରିକ, ଗୋବିନ୍ଦ ଚନ୍ଦ୍ର ଭୋଇ, ଉପସ୍ଥିତ ରହି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କାରୀ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଧାରଣପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ।


**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 12/11/2025 I, Sidhartha Acharya, Address At-Kalinga, Po- Kalinga, Ps- G. Udayagiri, Dist- Kandhamal, Odisha, Pin- 762022 declare that I have changed my name from **Sidharth Acharya** to **Sidhartha Acharya**. Henceforth, I shall be known as **Sidhartha Acharya** for all purposes.

Sidhartha Acharya

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 12/11/2025 I, Dharani Nayak, Address At-Olasa, Po- Baramundali, Ps-Balikuda, Dist- Jagatsinghpur, Odisha, Pin- 754119 declare that I have changed my name from **Dharim Nayak** to **Dharani Nayak**. Henceforth, I shall be known as **Dharani Nayak** for all purposes.

Dharani Nayak

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 10.11.2025 I, Brojo Dalai S/o -Late Kanhei Dalei Resident Of Village- Sinduria P.O- Nayagarh P.S- Nayagarh Dist-Nayagarh,PIN-752069 declare that I have changed my name from Braja Dalei to Brojo Dalai Henceforth, I shall be known as Brojo Dalai for all purposes.

Sd/- Brojo Dalai

**AFFIDAVIT**

I, Pranati Samantray, W/o- Sangram Keshari Pradhan, resident of At-Madhapur, P.O- Salagaon, P.S- Tangi, Dist - Cuttack, Pin-754025, Odisha declare by this affidavit No. 682, dated. 14.11.2025, that now onwards I shall be known as Pranati Samantaray for all purposes.

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 21.11.2025 I, Pinkini Dei W/o -Late Bapuji Barik Resident Of Village-Analapalli P.O- Sarangadharpur P.S- Ranpur Dist-Nayagarh,PIN-752026 declare that I have changed my name from Pinki Barik to Pinkini Dei Henceforth, I shall be known as Pinkini Dei for all purposes.

Sd/- Pinkini Dei

**URGENT 48hrs NOTICE**

To,
Sambit Bose, S/o Late Sailendra Lal Bose, Plot No.217, Unit No.9, Bayababa Matha, P.S. / P.O. : Sahid Nagar, Dist. : Khurda Odisha

We got the information that without paying your full dues and settling our account, you are selling the flat basing on non-registered agreement through one flat broker unethically. We sent you several letters to you and your financing agency, i.e. State Bank of India, Jaishapatana Branch without any reply.
WHY YOUR FLAT SHALL NOT BE CANCELLED & REFUND WITH YOUR DEPOSIT AFTER NECESSARY DEDUCTION, GIVE REPLY WITH IN 48 hours.
Managing Director,
Mahodadhi Devlopers Pvt. Ltd.
Bhubaneswar.

**LOST**

I, Naba Ranjan Pattnaik S/o- Padmanav Pattnaik, Aged (67), Resident of Plot No. 1207, Brahmeswar Bag, Tankapani Road, Po- BJB Nagar, Bhubaneswar- 751014, Dist-Khordha, Odisha. Do here by state that original ROR bearing no. 604/1182, Plot No. 500/2928, area Ac 0.106 Decimal with status Sarada-1, in mutation case No. 9866/2012 is lost somewhere near laxmisagar, Bhubaneswar while going to court in a auto rickshaw. Inspite of my best efforts i failed to trace the same. Therefore, If anybody has found the same please communicate to the Branch Manager, Bandhan Bank Ltd, At-AP Tower, 384-385, Paik Nagar, Azad Marg, Delta Square, Ps-Nayapali, Bhubaneswar or to its lawyer Sri N.C Pattnaik, Mob-9853311189 within 15 days from the date of publication this notice.

**GOVERNMENT OF ODISHA, e-PROCUREMENT NOTICE**
**OFFICE OF THE DISTRICT PROJECT COORDINATOR, NAYAGARH**
**SAMAGRA SHIKSHA, NAYAGARH**
n-
**Willingness Call Notice**
E-mail-dpossnayagarh@gmail.com
Willingness Call Notice No. online 01/2025-26
Letter No : 2809 Dated : 14/11/2025

Bid Identification No. D.P.C., Nayagarh District- Online 01/2025-26
The District Project Coordinator, Nayagarh on behalf of Goverment of Odisha inviting EPM Rate bid in Single cover system in OFFLINE MODE form eligible EPM rate holder for supply of dual desk & benches to 15 nos of schools under Nayagarh District as detailed in the table below :

| | | |
|---|---|---|
| 1. | Nature of Work | : Supply of dual desk & benches. |
| 2. | No of Work | : 1481 Nos (15 Nos of Schools) |
| 3. | Willingness Cost & EMD | : To be remitted offline through a process as mentioned in the Willingness Call Notice. |
| 4. | Class of Contractor | : As mentioned Willingness Call Notice. |
| 5. | Available of Bid Document in | : From Dt. 22.11.2025 11.00 AM to Dt.06.12.2025 the website Up to 5.00 pm. |
| 6. | Date of opening of Bid | : Dt. 08.12.2025 at 11.00 AM |
| 7. | The have to participate in OFFLINE bidding only. Further details can be seen From the Website: https://tenderodlisha.gov.in. Any Addendum / Corrigendum /Cancellation of willingness can also be seen in the said website. | |

Sd/- District Project Coordinator
Samagra Shiksha, Nayagarh.

**GOVERNMENT OF ODISHA. "e"- PROCUREMENT NOTICE**
**OFFICE OF THE SUPERINTENDING ENGINEER, KHARIAR (R&B) DIVISION KHARIAR.**
E-mail: eeroads.@rediffmail.com
No. 6049 Date : 17.11.2025
**Invitation For Bids**
B-
**Bid Identification No. SER&BKHR - 15 /2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate Composite (Civil+El+PH) bids in Double Cover system in ONLINE MODE only. | |
| 2 | Nature of work | : Development of Water Sports at Haripur in Lower Indra dam/Renewal coat to Gotma Airstrip |
| 3 | No. of work | : 02 Nos. works. |
| 4 | Tender Paper cost | : As specified in the notice for the respective Work, to be remit online only. |
| 5 | Class of Contractor | : As specified in the notice for the respective Work. |
| 6 | Availability of Bid Documents in the website | : 10.00 hours of 21.11.2025 to 17.00 Hours of 05.12.2025 |
| 7 | Date of opening of Technical Bid | : Dt. 18.12.2025 at 11:00 hours |
| 8 | EMD/Bid Security | : As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Auy addendum / corrigendum / cancellation of tender can also be seen in the said website. The authority reserves the right to reject any or all Wds without assigning any reason thereof. | |

Sd/- Superintending Engineer
Khariar (R&B) Division, Khariar

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL**
No. 2341 /Dt. 19.11.2025
A-948
**e- Procurement Notice Bid Identification No.- DMID /10 / 2025-26**
E-mail ID: eemidkl@gmail.com

The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work : | As per Annexure to this bid notice. |
| No. of Works : | 03(Three) Only |
| Estimated Cost : | Varies from 57.51 lakh to 99.80 lakh (Approximately) |
| Cost of Tender Paper : | As per Annexure to this bid notice. |
| Period of Completion : | 03(Three) Calendar months |
| Availability of bid documents for sale and receipt through on-line | From dt. 24.11.2025, 10.00 AM, to dt. 04.12.2025, up to 5.00 P.M |
| Last date / time of receipt of bids in the portal | 04.12.2025 (5.00PM) |
| Date of Technical bid opening through online | On dt.05.12.2025 at 11.00 AM in the Office of the S.E, M.I. Division, Dhenkanal. |
| Mode of payment of Bid Cost | Online |
| Digital Signature Certificate of Bidder : | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT : | Superintending Engineer, Minor Irrigation Division, Dhenkanal. At / P.O / District - Dhenkanal. Ph.No / Fax NO.-06762-224461, Email ID:eemidkl@.gmail.com |
| Further details can be seen from the e-Procurement. http://tendersorissa.gov.in | |

Sd/-19.11.2025
Superintending Engineer,
M.I.Division, Dhenkanal.

**GOVERNMENT OF ODISHA : DEPARTMENT OF WATER RESOURCES,**
**OFFICE OF THE ADDITIONAL CHIEF ENGINEER KBK-I,**
**MINOR IRRIGATION CIRCLE, BHAWANIPATANA**
**e-Procurement Notice**
A-
**BID IDENTIFICATION NO-02 ACE KBK-I MIC 72025-26**
Letter No 1427 Dated-19 /11 / 2025

The Additional Chief Engineer, KBK-I, Minor Irrigation Circle, Bhawanipatna on behalf of Governor of Odisha invites percentage rate bids in Double cover only in ONLINE mode for the Construction of works detailed in the table from "B & A" Class Contractors registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

| | | |
|---|---|---|
| 1. | Name of the works | : 1. Improvement to Approach Road of Kusumijore MIP from RD 00 mt. to RD 600 mt. & Service Road from RD1230mt to RD4230mt of Nabarangpur Block of Nabarangpur District under the Scheme CAPEX Road. 2. Construction of Canal Lining of Kanakpur Sub-Minor-1 of Peroncho MIP from RD120mt. to Rd2370mt in Narla Block of Kalahandi District under the Scheme CAPEX Lining. |
| 2. | Total No. of works | : 02 (Two). |
| 3. | Estimated Cost. | : Varies from Rs. 103.53 lakh to 116.90 lakh Approximately. |
| 4. | Class of Contractor. | : Class "B & A" |
| 5. | Period of completion. | : 03 (Three) Calendar months |
| 6. | Date & time of Availability of Bid Document in the Portal for online bidding. | : From 22.11.2025 at 11.00 A.M. to 02.12.2025 up to 17.00 hour. |
| 7. | Last date/Time for receipt of Bid only in ONLINE. | : 02.12.2025 up to 17.00 hour. |
| 8. | Date/Time of Opening of Technical Bid. | : 03.12.2025 at 11.00 AM. at Office of the Additional Chief Engineer, KBK-I, Minor Irrigation Circle, Bhawanipatna. |
| 9. | Date/Time of Opening of Financial Bid | : **To be intimated through web site after evaluation of Technical Bid.** |
| 10. | Date of Transparent Lottery (if cases arise). | : **To be intimated through web site after evaluation of Financial Bid.** |
| 11. | Name & Address of the Officer Inviting the Bid. | : Office of the Additional Chief Engineer, KBK-I, Minor Irrigation Circle, Bhawanipatna, e-Mail ID: **sekbkmi@yahoo.co.in** |
| 12. | Further details can be seen from the "e" Procurement Portal **https://tendersodisha.gov.in** | |

Sd/- Additional Chief Engineer,
KBK-I, M.I. Circle, Bhawanipatna

A - 937
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, KANDHAMAL.**
Telephone/Fax No-06842-253634 E-Mail: www.kmidplb@gmail.com
**BID IDENTIFICATION No-10/2025-26/ 3080 Dt : 18/11/2025**

The Superintending Engineer, Minor Irrigation Division, Kandhamal on behalf of Governor of Odisha invites Percentage rate bids in double cover system only in "ON LINE" mode for the Construction of works detailed in the table from"B" Class Contractors only registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all the following works.

| | | |
|---|---|---|
| 1. | Name of the works | : Construction of Check Dams for the year 2025-26 under M ATY-3. |
| 2. | Total No. of works. | : **04 (four) Nos.** |
| 3. | Estimated Cost. | : Rs. 53.77 lakh to Rs.85.75 lakh Approximately |
| 4. | Class of Contractor. | : **"B" Class only** |
| 5. | Period of completion. | : 120 (One hundred twenty day) to 180 (One Hundred eighty) days. |
| 6. | Date & time of Availability of Bid Document in the Portal for online bidding. | : 24/11/2025 at 10 A.M. to 2/12/2025 up to 5.30 PM. |
| 7. | Last date/Time for receipt of Bid only in ONLINE. | : 2/12/2025 up to 5.30 PM. |
| 8. | Date/Time of Opening of Technical Bid. | : 3/12/2025 at 11.00 AM. at Office of the Superintending Engineer, M.I. Division, Kandhamal, Phulbani. |
| 9. | Date/ Time of Opening of Financial Bid | : 8/12/2025 at 11.00 AM. at Office of the Superintending Engineer, M.I. Division, Kandhamal. |
| 10. | Name & Address of the Officer Inviting the Bid. | : Office of the Superintending Engineer, M.I. Division, Kandhamal, At/PO: Phulbani, PS: Phulbani Town, Dist: Kandhamal, e-mail:- kmidplb@gmail.com. |
| 11. | Further details can be seen from the "e" Procurement Portal **https://tendersodisha.gov.in** | |

Sd/- (Er. Surjya Narayana Panigrahi)
Superintending Engineer,
M.I. Division, Kandhamal


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ହାଇଟେକ୍‌ରେ ଗ୍ରହଣ ଖଣ୍ଡିଆର ପଞ୍ଚମ ଚିକିତ୍ସା ମିଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରସ୍ଥ ଦନ୍ତ ଚିକିତ୍ସା ମହାବିଦ୍ୟାଳୟରେ ଗ୍ରହଣ ଖଣ୍ଡିଆର ୫ମ ଚିକିତ୍ସା ମିଶନ କାର୍ଯ୍ୟକ୍ରମର



ଆୟୋଜନ କରାଯାଇଛି। ଏହାକୁ ମୁଖ୍ୟଅତିଥି ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶ୍ରୁରେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଓଡିଶା ଶିଶୁ ଅଧିକାର ଆୟୋଗର ସଭ୍ୟା ମନସ୍ୱିତା ଖୁଣ୍ଟିଆ, ଓଡିଶା ମହିଳା କମିଶନର ସଭ୍ୟା ପ୍ରତିମା ଶତପଥୀ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଛନ୍ତି। ମିଶନ୍ ସ୍ମାଇଲ, ମୁଥୁଟ୍ ପାପାଚନ୍ ଗ୍ରୁପ ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ଉଦ୍ୟମରେ ଓଡିଶାର ଶିଶୁ ଏବଂ ଯୁବକମାନଙ୍କୁ ନିଃଶୁଳ୍କ ଭାବେ ଗ୍ରହଣ ଖଣ୍ଡିଆର ଚିକିତ୍ସା ପ୍ରଦାନ କରାଯାଉଛି। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଏହି ସେବା ସର୍ବଦା ଜାରି ରହିବ ବୋଲି କହିଥିବାବେଳେ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶ୍ରୁରେଶ କୁମାର ପାଣିଗ୍ରାହୀ ସମାଜର ପ୍ରତିଟି ବର୍ଗର ଲୋକମାନଙ୍କୁ ଆମେ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସଂକଳ୍ପବଦ୍ଧ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଥୁଟ୍ ପାପାଚନ୍ ଗ୍ରୁପର ମୁଖ୍ୟ ସିଏସ୍ଆର ଡ. ପ୍ରଶାନ୍ତ କୁମାର ନେଲ୍ଲିକାଲ୍, ମିଶନ୍ ସ୍ମାଇଲ ଟ୍ରଷ୍ଟି ଡ. ରାମକୁମାର ଭେଙ୍କଟେଶ୍ୱରନ୍, ହାଇଟେକ୍ ଡେଣ୍ଟାଲ କଲେଜର ପ୍ରିନ୍ସିପାଲ ପ୍ରଫେସର ଡ. ସଂଗ୍ରାମ ପାତ୍ର, ଭାଇସ୍-ପ୍ରିନ୍ସିପାଲ ଡ. ସୁଭାଷ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଭିତୋଷ ଦେବତା , ସର୍ଜିକାଲ ଟିମ୍ ଲିଡର ଡ. ମନିଷ ମୁକୁଲ ଘୋଷ ଉପସ୍ଥିତ ଥିଲେ। ଏହା ମଧ୍ୟରେ ୩୫୦୦ ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରି ହାଇଟେକ୍ ଏକ ସ୍ୱତନ୍ତ୍ର ମାଇଲ ଖୁଣ୍ଟ ସୃଷ୍ଟି କରିଛି ବୋଲି ଉପସ୍ଥିତ ଅତିଥିମାନେ କହିଛନ୍ତି। ମିଶନ ସ୍ମାଇଲ୍‌ର ଓଡିଶା ମୁଖ୍ୟ ତୁଷିତ୍ କାର୍ଯ୍ୟକ୍ରମକୁ ସଂପାଦନ କରିଥିଲେ।

# ବିଶ୍ରାମ ନେଉଥିବା ବେଳେ ଟ୍ରେନ ଚାଳକଙ୍କ ଦେହାନ୍ତ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ଼ ରେଳମଣ୍ଡଳରେ କେ ଜୟରାମେୟା (୫୧) ନାମକ ଜଣେ କାର୍ଯ୍ୟରତ ଲୋକୋ ପାଇଲଟ ରନିଙ୍ଗ ରୁମରେ ବିଶ୍ରାମ ନେଉଥିବା ସମୟରେ ତାଙ୍କର ଦେହାନ୍ତ ଘଟିଥିବା ଜଣାପଡିଛି । ସୂଚନା ମୁତାବକ ଶ୍ରୀ ରାମେୟା ଗାଡି ସଂଖ୍ୟା ୧୨୫୦୭ ବାଙ୍ଗାଲୋର ଗୌହାଟି ସୁପରଫାଷ୍ଟ ଏକ୍ସପ୍ରେସ ଚଳାଇ ଦିନ ସାଢେ ବାରଟାରେ ଖଡ଼ଗପୁର ପହଞ୍ଚିଥିଲେ । ରନିଙ୍ଗ ରୁମରେ ଖାଇବା ପିଇବା ସାରି ଦିନ ଦୁଇଟା ସୁଧା ଶୋଇପଡ଼ିଥିଲେ କ୍ଷ ସଂଧ୍ୟା ପାଞ୍ଚଟା ବେଳେ ସହକର୍ମୀ ମାନେ ଚାହା ପିଇବାକୁ ଡାକିବାରୁ ସେ ଆଉ ଉଠିନଥିଲେ । ତୁରନ୍ତ ତାଙ୍କୁ ଖଡ଼ଗପୁର ରେଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦଘାତରେ ମୃତ୍ୟ ହୋଇଥିବା ଡାକ୍ତର ଘୋଷଣା କରିଥିଲେ । ଏହି ଖବର ଖୋର୍ଦ୍ଧାରୋଡରେ ପ୍ରଚାରିତ ହେବାପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସେ ଅତ୍ୟନ୍ତ ମେଳାପୀ ସ୍ୱଭାବର ଥିଲେ କ୍ଷ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଶ୍ରମିକ କଂଗ୍ରେସ ଗଭୀର ଶୋକ ପ୍ରକଟ କରିବା ସହିତ ପ୍ରେମ ଅଫିସରେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜଙ୍କ ଆବାହନ କ୍ରମେ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା କ୍ଷ ଶ୍ରମିକ କଂଗ୍ରେସ ରନିଙ୍ଗ ବ୍ରାଞ୍ଚ ଶାଖା ସମ୍ପାଦକ ଜୟନ୍ତ ସାମଲ, ଓପେନ ଲାଇନ ଶାଖା ସମ୍ପାଦକ ଏଲ ଡି ମହାନ୍ତି, ସଞ୍ଜୟ ମହାରଣା ସମେତ ବହୁ ରନିଙ୍ଗ ଷ୍ଟାଫ ଓ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ସିଲଂ ନେହୁ ଆନ୍ତର୍ଜାତୀୟ ସମ୍ମିଳନୀରେ ଚମକିଲେ ଆଇଆଇଏମଟି ଛାତ୍ରଛାତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସିଲଂ ଉତ୍ତର-ପୂର୍ବାଞ୍ଚଳ ହିଲ୍ ବିଶ୍ୱବିଦ୍ୟାଳୟ (ନେହୁ)ରେ ଅନୁଷ୍ଠିତ ଦୁଇ ଦିନିଆ ଆନ୍ତର୍ଜାତୀୟ ବିପର୍ଯ୍ୟସ୍ତ ମାନବ ସମ୍ବଳ ପରିଚାଳନା: ସମନ୍ୱିତ କୃତ୍ରିମ ବୁଦ୍ଧିମତ୍ତା (ଡିଏଚ୍ଆରମ୍-୨୦୨୫)



ସମ୍ମିଳନୀରେ ଭୁବନେଶ୍ୱର ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି)ର ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ଉତ୍କର୍ଷତା ଏବଂ ନବସୃଜନଶୀଳ ମନୋଭାବକୁ ବିଶିଷ୍ଟ ସ୍ୱୀକୃତି ମିଳିଛି। ଛାତ୍ର ଲମ୍ବୋଦର ଜେନା (ଏମସିଏ) ଏବଂ ଛାତ୍ରୀ କିରଣ ମହାନ୍ତି (ଏମବିଏ) "ଜୋହୋ ୱର୍କପ୍ଲସ୍ ସୁଟ୍: ବିପର୍ଯ୍ୟସ୍ତ ମାନବ ସମ୍ବଳ ପରିଚାଳନା" ଶୀର୍ଷକ ଏକ ସୁଗବେଷିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସେମାନଙ୍କର ପତ୍ର ବିଶିଷ୍ଟ ଭାରତୀୟ ପ୍ରଯୁକ୍ତିବିଦ୍ୟା ନେତା, ଜୋହୋ କର୍ପୋରେସନର ସହ-ପ୍ରତିଷ୍ଠାତା ଏବଂ ମୁଖ୍ୟ ବୈଜ୍ଞାନିକ ଶ୍ରୀଧର ଭେମ୍ବୁଙ୍କ ଦ୍ୱାରା ଆଧୁନିକ ଏଚ ଆର ପରିଚାଳନା ପଦ୍ଧତିକୁ ପୁନଃଆକୃତି ଭୂମିକା ଉପରେ ଦର୍ଶାଇଥିଲା।

ସେମାନଙ୍କର ବିଶ୍ଳେଷଣାତ୍ମକ ଅନ୍ତର୍ଦୃଷ୍ଟି ଏବଂ ବିସ୍ତୃତ ଉପସ୍ଥାପନାକୁ ନେହୁର ଡିନ୍ ପ୍ରଫେସର ବି. ପି. ସାହୁ, ଡିଏସଇ, ନେହୁର ମୁଖ୍ୟ ଡକ୍ଟର ଓ୍ୱାଣ୍ଡା ମାଇଲିଏମ୍ ଗ୍ୟାପ ଏବଂ ଅନ୍ତର୍ଜାତୀୟ ସମ୍ମିଳନୀର ଅନ୍ୟାନ୍ୟ ବିଶିଷ୍ଟ ବକ୍ତା ଏବଂ ପ୍ରତିନିଧିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସା କରାଯାଇଥିଲା। ସମୀକ୍ଷକମାନେ ଛାତ୍ରଛାତ୍ରୀମାନଙ୍କର ଚିନ୍ତାଧାରାର ସ୍ୱଷ୍ଟତା, ବିଶ୍ଳେଷଣର ଗଭୀରତା ଏବଂ ଉଦୀୟମାନ ଏଚଆର ସହ କୃତ୍ରିମ ବୁଦ୍ଧିମତ୍ତା ସଂଯୋଗ କରିବାର କ୍ଷମତା ପାଇଁ ପ୍ରଶଂସା କରିଥିଲେ। ନେହୁ ସିଲଂ ଯୁବ ପ୍ରତିଭାକୁ ପୋଷଣ କରିବା ଏବଂ ସେମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ମଞ୍ଚରେ ଅଂଶଗ୍ରହଣ ଏବଂ ଉତ୍କର୍ଷତା ହାସଲ କରିବାରେ ସୁଯୋଗ ପ୍ରଦାନ କରିବା ପାଇଁ ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର, ଆଇଆଇଏମଟି ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ ଏବଂ ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ବିଭୁ ପ୍ରସାଦ ରାଉତରାୟଙ୍କୁ ବିଶେଷ ପ୍ରଶଂସା କରିଥିଲେ। ଡିଏଚଆରଏମ୍-୨୦୨୫ ରେ ଏହି ମାନ୍ୟତା ଆଇଆଇଏମଟି ଭୁବନେଶ୍ୱର ପାଇଁ ଏକ ଗର୍ବର ମୁହୂର୍ତ୍ତ, ଏହାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗବେଷଣା, ନବସୃଜନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।

## ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲରେ

# ଏନ୍‌ସିସି ସୁବିଧା ପ୍ରଦାନ କରିଛି ବେଦାନ୍ତ ଲାଞ୍ଜିଗଡ

ଭୁବନେଶ୍ୱର, (ସବ୍ୟୁ): ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲରେ ଜାତୀୟ କ୍ୟାଡେଟ୍ କର୍ପ୍ସ (ଏନସିସି) କାର୍ଯ୍ୟକ୍ରମକୁ ସାମିଲ କରି ଯୁବକମାନଙ୍କୁ ସଶକ୍ତ କରିବାରେ ଏକ ଅଗ୍ରଣୀ ପଦକ୍ଷେପ ନେଇଛି। ଏହି ମାଇଲଖୁଣ୍ଟ ଉକ୍ତ ବିଦ୍ୟାଳୟକୁ ପ୍ରଥମ ଏବଂ ଏକମାତ୍ର ଅନୁଷ୍ଠାନରେ ପରିଣତ କରିଛି, ଯାହାକି ଲାଞ୍ଜିଗଡ଼, ମୁନିଗୁଡା ଏବଂ ଆମ୍ବୋଦଳାର ତିନୋଟି ପ୍ରମୁଖ ବ୍ଲକରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନେତୃତ୍ୱ ଏବଂ ଶୃଙ୍ଖଳା ପାଇଁ ନୂତନ ରାସ୍ତା ଖୋଲି ସମ୍ମାନଜନକ ଏନସିସି କାର୍ଯ୍ୟକ୍ରମ ପ୍ରଦାନ କରୁଛି।

ଏହି ପଦକ୍ଷେପ ଅଧୀନରେ ବିଦ୍ୟାଳୟକୁ ୫୦ଟି ଏନସିସି ଆସନ ଆବଣ୍ଟନ କରାଯାଇଛି, ଯେଉଁଥିରେ ୨୦୨୫ ମସିହାରେ ୨୫ ଜଣ କ୍ୟାଡେଟ୍ ଏବଂ ୨୦୨୬ ମସିହାରେ ଆଉ ୨୫ ଜଣ କ୍ୟାଡେଟ୍ ସାମିଲ ହେବେ। ୨୦୨୬ ମସିହାରୁ, ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୦ ଜଣ କ୍ୟାଡେଟ୍ ପ୍ରତିବର୍ଷ ଯୋଗଦେବେ, ଯାହା ନେତୃତ୍ୱ, ଦଳଗତ କାର୍ଯ୍ୟ ଏବଂ ନାଗରିକ ଦାୟିତ୍ୱର ଏକ ସ୍ଥାୟୀ ସଂସ୍କୃତିକୁ ବଜାୟ ରଖିବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶୃଙ୍ଖଳା, ଦେଶପ୍ରେମ ଏବଂ ଗୋଷ୍ଠୀ ସେବାର ମୂଲ୍ୟବୋଧ ସୃଷ୍ଟି କରିବା, ବିଦ୍ୟାଳୟର ଶୈକ୍ଷିକ ଉତ୍କର୍ଷକୁ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ସହିତ ପରିପୂରକ କରିବା।



ଏହି ଅବସରରେ ବେଦାନ୍ତ ଆଲୁମିନା ବିଜିନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଯୁବ ମାନସିକତାକୁ ସଶକ୍ତ କରିବା ହେଉଛି ଏକ ଅଞ୍ଚଳର ସାମାଜିକ-ଅର୍ଥନୈତିକ ପ୍ରଗତି ପାଇଁ ମୂଳଦୁଆ। ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲରେ ଏନସିସି କାର୍ଯ୍ୟକ୍ରମକୁ ସକ୍ଷମ କରି, ଆମେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟାବଶ୍ୟକ ଜୀବନ କୌଶଳ ବିକାଶ କରିବା ଏବଂ ବ୍ୟାପକ ଏକାଡେମିକ୍ ତଥା କ୍ୟାରିଅର୍ ସୁଯୋଗ ଖୋଜିବା ପାଇଁ ନୂତନ ରାସ୍ତା ଖୋଲିଛୁ। କଳାହାଣ୍ଡିରେ ଏକ ଆତ୍ମବିଶ୍ୱାସୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପିଢ଼ି ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

ଏହି ସମାରୋହରେ ଭବାନୀପାଟଣାର ଓଡ଼ିଶା ନୌସେନା ଏନସିସି ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କମାଣ୍ଡର ଦର୍ଶନ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ । ସେମାନେ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କୁ ଏନସିସି ର ଶୃଙ୍ଖଳା ଏବଂ ସେବାର ମୂଲ୍ୟବୋଧକୁ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଏନସିସି ରେ ଅଂଶଗ୍ରହଣ ଛାତ୍ରଛାତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଏକାଡେମିକ୍ ଏବଂ କ୍ୟାରିଅର ସୁବିଧା ପ୍ରଦାନ କରିଥାଏ, ଯେଉଁଥିରେ ବିଶ୍ୱବିଦ୍ୟାଳୟ ନାମଲେଖା, ଛାତ୍ରବୃତ୍ତି, ଏବଂ ପ୍ରତିରକ୍ଷା ଏବଂ ସିଭିଲ୍ ସର୍ଭିସ୍ ପାଇଁ ନିଯୁକ୍ତି ଅନ୍ତର୍ଭୁକ୍ତ, ଯାହା ଆଶାଜନକ ସୁଯୋଗ ଏବଂ ସାମଗ୍ରିକ ବିକାଶ ପାଇଁ ପଥ ପରିଷ୍କାର କରିଥାଏ। ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସ୍ଥାପିତ, ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ ହେଉଛି ଲାଞ୍ଜିଗଡ଼ର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଯାହା ଶିକ୍ଷାଗତ ଶୂନ୍ୟସ୍ଥାନ ପୂରଣ କରିବା ଏବଂ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଆକାଂକ୍ଷାକୁ ଜାଗ୍ରତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅତ୍ୟାଧୁନିକ ଭିତ୍ତିଭୂମି, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ଏବଂ କମ୍ପ୍ୟୁଟର ପରୀକ୍ଷାଗାର ଏବଂ ଏକ ଜୀବନ୍ତ ଶିକ୍ଷଣ ପରିବେଶ ସହିତ, ବିଦ୍ୟାଳୟ ଆଜି ପ୍ରାୟ ୧୪୦୦ ଛାତ୍ରଙ୍କୁ ଶିକ୍ଷାଦାନ କରୁଛି, ଯେଉଁଥିରେ ଅଧିକାଂଶ ସ୍ଥାନୀୟ ସମ୍ପ୍ରଦାୟର ।

## ପୁରୀ ବାସୀଙ୍କ ମୌଳିକ ଅଧିକାର ପାଇଁ ସମୂହ ଦୀପଦାନ

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବିରାଟ ଶୋଭାଯାତ୍ରା, ଉଠିଲା ଭିନ୍ନ ପ୍ରତିବାଦର ସ୍ୱର

ପୁରୀ, (ସବ୍ୟୁ) : ପୁରୀ ସହର ବାସୀ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରୋନା ପର ଠାରୁ ଭଲ ଭାବରେ ପାଉନାହାନ୍ତି। ଦୁଃଖ ଜର୍ଜରିତ ଅବସ୍ଥାରେ ଦିନ କାଟୁଛନ୍ତି। ତେଣୁ ପୁରୀ ବାସୀଙ୍କର ଦର୍ଶନ କିଭଳି ସୁଗମ ହେବ ତାକୁ ନେଇ ଭିନ୍ନ ଏକ ପ୍ରତିବାଦ ଶ୍ରୀମନ୍ଦିର ସମ୍ମୁଖରେ। ଏମାରମଠ ଚକଡାରେ। ଶହ ଶହ ପୁରୀ ପୁରୀ ବାସୀ ଏକତ୍ରିତ ହୋଇ ସମୂହ ଦୀପଦାନ କରିଛନ୍ତି। ସମସ୍ତ ପୁରୀବାସୀଙ୍କର ଗୋଟିଏ ଦାବୀ ୪ଦୁଆର ବାଟରେ ଶ୍ରୀମନ୍ଦିରରେ ପ୍ରବେଶ । ଶ୍ରୀମନ୍ଦିର ବେଢାରେ ପଣ୍ଡା ଦ୍ୱାରା ଦେଇ ରତ୍ନସିଂହାସନରେ ବିରାଜିତ ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ, ଚକ୍ରରାଜ ସୁଦର୍ଶନ ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରିବେ। ପ୍ରତିଟି ପୁରୀ ବାସୀଙ୍କର ଗୋଟିଏ ସ୍ୱରରେ ଦାବୀ ଚାରି ଦୁଆରରେ ପ୍ରବେଶ ଓ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ। ଦୀର୍ଘ ୨ଘଣ୍ଟା ଶ୍ରୀମନ୍ଦିର ସିଂହଦ୍ୱାର ଏମାରମଠ ଚକଡାରେ ବସିବା ପରେ ଶ୍ରୀମନ୍ଦିର ଚତୁପାର୍ଶରେ ଜୟ ଜଗନ୍ନାଥ ଧ୍ୱନୀ ଦେଇ ପରିକ୍ରମା କରିଥିଲେ। ଗୋଟିଏ ସ୍ୱର ମହାପ୍ରସାଦ କିଣିବା ।ପାଇଁ ଯାଇପାରୁନାହାନ୍ତି। ପ୍ରତିଦିନ ଦର୍ଶନ ପାଇଁ ଲମ୍ବା ଧାଡିରେ ଯିବା ପାଇଁ ପଡୁଛି ତାହା ଅସମ୍ଭବ ହୋଇପଡିଛି ତେଣୁ ରାଜ୍ୟ ସରକାର ,ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପୁରୀବାସୀଙ୍କ ଦର୍ଶନ ସୁଗମ କରନ୍ତୁ ବୋଲି ପୁରୀର ବୁଦ୍ଧିଜୀବି ଦାବି ଜଣାଇଛନ୍ତି । ଏହାସହ ପୁରୀ ସମସ୍ତ ଜନ ପ୍ରତିନିଧି ଓ ବିଭିର୍ନ ରାଜନୈତିକ ଦଳ ଆଗେଇ ଆସି ପୁରୀବାସୀଙ୍କ ଶ୍ରୀ ଜଗନ୍ନାଥଙ୍କ ସହଜ ଦର୍ଶନ ପାଇଁ ଆରମ୍ଭ ହୋଇଥିବା ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି ।

# 'ସ୍ମୃତିରେ ଅମୃତମୟୀ ମା' ଇଚ୍ଛାବତୀ' ୨୬ରେ

କଟକ, (ସବ୍ୟୁ): କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ପ୍ରୟାଣର ୯ମ ବାର୍ଷିକୀ 'ସ୍ମୃତିରେ ଅମୃତମୟୀ ମା' ଇଚ୍ଛାବତୀ' ପବିତ୍ର ଓଡଣ ଷଷ୍ଠୀ ତିଥି, ଆସନ୍ତା ୨୬ତାରିଖ, ବୁଧବାର ଅନୁଷ୍ଠିତ ହେବ । 'ଧନେଶ୍ୱର ରଥ ଫାଉଣ୍ଡେସନ୍' ଓ 'ଡ୍ରିମ୍ସ ପରିବାର' ଆନୁକୂଲ୍ୟରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ବୈଦିକ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ବାଗ୍ମୀ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ପୁରୋଧା ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ବହୁ ବିଶିଷ୍ଟ ଶିକ୍ଷାବିତ୍, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଏହି ଅବସରରେ ଟାଙ୍ଗୀ (କଏରାପାରୀ) ବାସଭବନରେ ସଂକୀର୍ତ୍ତନ, ଗୀତା ପାରାୟଣ, ଶ୍ରାଦ୍ଧ ଅର୍ପଣ ହେବ ଏବଂ ଏଥିରେ ସନାତନ ଧର୍ମ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ବୋଲି ରଥ ପରିବାର ପକ୍ଷରୁ ସୂଚନା ଦିଆଯାଇଛି ।

# ଜୟଆଲୁକ୍କାସ୍ 'ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ'



ଭୁବନେଶ୍ୱର, (ସବ୍ୟୁ): ଜୟଆଲୁକ୍କାସ୍, ଭୁବନେଶ୍ୱରରେ ତାଙ୍କର ପ୍ରତୀକାତ୍ମକଭୁବନେଶ୍ୱରର ଶୋରୁମ୍ ରେ ୨୧ ନଭେମ୍ବରରୁ 'ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ' ଆରମ୍ଭ ହୋଇଛି । ଏହି ବହୁ ପ୍ରଦର୍ଶନୀ ଡାୟମଣ୍ଡ ଅଳଙ୍କାରର କାରୁକଳା, ଶୈଳୀ ଏବଂ ନୂତନତାର ଅବିସ୍ମରଣୀୟ ଉତ୍ସବ ପାଳନ କରିବାକୁ ପ୍ରତିବଦ୍ଧ। ବିବାହ ଶୃଙ୍ଗାର ସେଟ୍ ରୁ ଆଧୁନିକ ଦୈନନ୍ଦିନ ଚମକ ପର୍ଯ୍ୟନ୍ତ, ଏହି ପ୍ରଦର୍ଶନୀରେ ସେହି ସମସ୍ତ ପିସ୍ ଦର୍ଶାଇଯାଉଛି । ଜୟଆଲୁକ୍କାସ୍ ଗ୍ରୁପ୍ ର ଚେୟରମ୍ୟାନ, ଡଃ ଜୟ ଆଲୁକ୍କାସ୍‌କହିଛନ୍ତି: "ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ ହେଉଛି ଡାୟମଣ୍ଡର ଅଟୁଟ ସୌନ୍ଦର୍ଯ୍ୟ ପ୍ରତି ଆମର ସମ୍ମାନ ଏବଂ ଜୁଏଲରୀ ଡିଜାଇନରେ ଆମର ସଂପୂର୍ଣ୍ଣତା ପ୍ରତି ଆଗ୍ରହ। ଭୁବନେଶ୍ୱର ଆମର ଯାତ୍ରାରେ ଏକ ବିଶେଷ ସ୍ଥାନ ଧାରଣ କରିଛି, ଏବଂ ଉତ୍ସବ ଋତୁରେ ଏହି ପ୍ରଦର୍ଶନୀ ଗ୍ରାହକମାନେ ପାଇଁ ସୌନ୍ଦର୍ଯ୍ୟ, ବ୍ୟକ୍ତିତ୍ୱ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟର ସର୍ବୋତ୍ତମ ପ୍ରତିବିମ୍ବ ଦେଖିବାକୁ ଏକ ବିଶେଷ ସୁଯୋଗ ଦେବ। ଏହି ଅବସରକୁ ଚିହ୍ନିତ କରିବା ପାଇଁ, ପ୍ରଦର୍ଶନୀ ସମୟରେ ୧ ଲକ୍ଷ ଓ ତାହାଠାରୁ ଅଧିକ ମୂଲ୍ୟର ଡାୟମଣ୍ଡ ଅଳଙ୍କାର କ୍ରୟ କରିଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ସୁବର୍ଣ୍ଣ ମୁଦ୍ରା ଦିଆଯିବ ।

## ଗ୍ୟାଲାକ୍ସି ହେଲ୍‌ଥ ଇନ୍ସୁରାନ୍ସର ପୂର୍ବ ଭାରତରେ ବିସ୍ତାର

# ଭୁବନେଶ୍ୱରରେ ଖୋଲିବ ରିଜିଓନାଲ ଅଫିସ୍

ଭୁବନେଶ୍ୱର, (ସବ୍ୟୁ): ଟିଭିଏସ୍ ଗ୍ରୁପରୁ ୱେଣୁ ଶ୍ରୀନିବାସନ ଏବଂ ବୀମା ଜଗତର ଅନୁଭବୀ ନେତା ୱି. ଜଗନ୍ନାଥନଙ୍କ ପରିବାରଙ୍କ ନିବେଶରେ ଗଠିତ ଭାରତର ସବୁଠାରୁ ନବୀନ ସ୍ୱତନ୍ତ୍ର ହେଲ୍‌ଥ ଇନ୍ସୁରାନ୍ସ କମ୍ପାନୀ ଗ୍ୟାଲାକ୍ସି ହେଲ୍‌ଥ ଇନ୍ସୁରାନ୍ସ ଭୁବନେଶ୍ୱରରେ ତାହାର ରିଜିଓନାଲ୍ ଅଫିସ୍ ଆରମ୍ଭ କରିବାକୁ ଘୋଷଣା କରିଛି। ପୂର୍ବ ଭାରତରେ ନିଜ ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ସମସ୍ତଙ୍କର ପାଇଁ ସୁଲଭ ଏବଂ ସମାବେଶୀ ସ୍ୱାସ୍ଥ୍ୟ ବୀମା ସମାଧାନ ପାଇଁ ଉଦ୍ୟମ କରିବାରେ ଏହା ଗ୍ୟାଲାକ୍ସିର ଏକ ମହତ୍ତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟି। ଗ୍ୟାଲାକ୍ସି ହେଲ୍‌ଥ ଇନ୍ସୁରାନ୍ସ ଅନୌପଚାରିକ କ୍ଷେତ୍ରର କର୍ମୀ, ନିମ୍ନମଧ୍ୟବିତ୍ତ ବର୍ଗର ପରିବାର, ଏବଂ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁରକ୍ଷା ସୁଲଭ କରାଇବାକୁ ଉଦ୍ୟମ କରୁଛି। ପୂର୍ବ ଭାରତର ବିକାଶର ଅଂଶ ଭାବେ, ଗ୍ୟାଲାକ୍ସି ବିତ୍ତିୟ ବର୍ଷ ୨୬ ମଧ୍ୟରେ ଓଡିଶାରେ





୧୦୦୦ ରୁ ଅଧିକ ଏଜେଣ୍ଟ ସୃଷ୍ଟି କରିବାର ପ୍ରକଳ୍ପ ରଖିଛି। ଉପେକ୍ଷିତ ଅଞ୍ଚଳରେ ବୀମା ସଚେତନତା ଏବଂ ପ୍ରାପ୍ତି ବଢ଼ାଇବା ପାଇଁ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଡିଜିଟାଲ୍ ପ୍ଲାଟଫର୍ମକୁ ବ୍ୟବହାର କରିବାରେ କମ୍ପାନୀ ଗୁରୁତ୍ୱ ଦେବ । "ଓଡିଶା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବିକାଶ ମାର୍କେଟ୍, ଯେଉଁଠାରେ ଦୃଢ଼ ଉଦ୍ୟମୀ ମନୋଭାବ ଏବଂ ବିଶ୍ୱସନୀୟ ସ୍ୱାସ୍ଥ୍ୟ ବୀମା ପ୍ରତି ଚାହିଦା ଦିନକ୍ରମେ ବଢୁଥାଏ। ଭୁବନେଶ୍ୱରରେ ଆମର ଉପସ୍ଥିତି ସହ, ଆମେ ସ୍ୱାସ୍ଥ୍ୟ ସୁରକ୍ଷାକୁ ସହଜ, ସୁଲଭ ଏବଂ ସମାବେଶୀ କରିବାକୁ ଲକ୍ଷ୍ୟ କରୁଛୁ। ଗ୍ୟାଲାକ୍ସିରେ ଆମର ଲକ୍ଷ୍ୟ ହେଉଛି ଯେ, ଔପଚାରିକ ଆର୍ଥିକ ପ୍ରଣାଳୀ ଠାରୁ ବାହାରେ ଥିବା ପରିବାରମାନେ ମଧ୍ୟ ସମ୍ମାନଜନକ ସୁରକ୍ଷା ପାଇପାରନ୍ତୁ କହିଛନ୍ତି ଶ୍ରୀ ଜି. ଶ୍ରୀନିବାସନ ।

# ଫୁସ୍‌ଫୁସ୍‌କୁ ସୁସ୍ଥ ରଖିବା ନିମନ୍ତେ ଧୂମ୍ରପାନ ଓ ପ୍ରଦୂଷଣ ଠାରୁ ଦୂରେଇ ରୁହନ୍ତୁ : ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ): : ହୃଦରୋଗ ସମସ୍ୟା ଭଳି ଫୁସ୍‌ଫୁସ୍ ଜନିତ ସମସ୍ୟା ମଧ୍ୟ ମଣିଷ ଶରୀର ପାଇଁ ସମ ମାତ୍ରାରେ କ୍ଷତିକାରକ। ତେଣୁ ହୃଦ ସମସ୍ୟାର ଯତ୍ନ ନେବା ସହ ଫୁସ୍‌ଫୁସ୍ ପ୍ରତି ମଧ୍ୟ ସେତିକି ମାତ୍ରାରେ ଧ୍ୟାନ ଦେବା ଜରୁରୀ ବୋଲି କହିଛନ୍ତି ବିଶେଷଜ୍ଞ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ରେସ୍ପିରେଟୋରୀ ମେଡିସିନ୍ ବିଭାଗ ଓ ଓଡ଼ିଶା ଚେଷ୍ଟ ସୋସାଇଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ





'ଆଡଭାନ୍ସ ଇନ୍ ଲଙ୍ଗ ଫଙ୍କସନ୍ ଆସେସମେଣ୍ଟ' (ଆଲ୍‌ଫା) ଶୀର୍ଷକ ସିଏମଇ ପରିପ୍ରେକ୍ଷୀରେ ବିଭାଗୀୟ ମୁଖ୍ୟ ତଥା ଓଡ଼ିଶା ଚେଷ୍ଟ ସୋସାଇଟିର ସଭାନେତ୍ରୀ ପ୍ରଫେସର ଡାକ୍ତର ବନାନୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ କହିଛନ୍ତି ଯେ ଫୁସ୍‌ଫସ୍‌ର ଯତ୍ନ ନେବା ସହ ଏହାକୁ ସୁସ୍ଥ ରଖିବା ନିମନ୍ତେ ଧୂମ୍ରପାନ ଓ ପ୍ରଦୂଷଣ ଠାରୁ ଦୂରେଇ ରହିବା ଆବଶ୍ୟକ। ଏହି ସିଏମ୍‌ଇରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଓପିଡି ସମସ୍ୟାର ଚିକିତ୍ସା ଓ ସମାଧାନ ନେଇ ସମ୍ ହସ୍ପିଟାଲ୍ ପକ୍ଷରୁ ଅନେକ ପଦକ୍ଷେପ ହାତକୁ ନିଆଯାଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଅଶୋକ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ ଫୁସ୍‌ଫୁସ୍ ହିଁ ହୃଦୟକୁ ଅମ୍ଳଜାନ ଯୋଗାଇଥାଏ। ତେଣୁ ଏହାର ଯତ୍ନ ନେବା ସହ ଶାରୀରିକ ସୁସ୍ଥତା ନିମନ୍ତେ ଯୋଗ ଓ ପ୍ରାଣାୟମ ମଧ୍ୟ ସମାନ ମାତ୍ରାରେ ଆବଶ୍ୟକ ବୋଲି ପ୍ରଫେସର ମହାପାତ୍ର କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ପ୍ରଦୂଷଣ ଏବଂ ପୀଡ଼ିତ ଥିବା ବ୍ୟକ୍ତିମାନେ ଧୂଆଁ ଓ ଧୂଳି ଠାରୁ ଯଥା ସମ୍ଭବ ଦୂରେଇ ରହିବା ଆବଶ୍ୟକ ବୋଲି ମତ ଦେଇଥିଲେ।

ଏହି ସିଏମ୍‌ଇରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫିଜିଓଲୋଜି ବିଭାଗର ନିର୍ଦ୍ଦେଶକ ଓ ମୁଖ୍ୟ ତଥା ଭିପି ଚେଷ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର କା ର୍ଡି ଓ ପ ଲ୍ ମୋ ନା ରୀ ରିହାବିଲିଟେସନ୍‌ର ଇନ୍‌ଚାର୍ଜ ଡାକ୍ତର ବିଶାଳ ବଂସଲ, ଭୁବନେଶ୍ୱର ଏମ୍ସର ପ୍ରଫେସର (ଡାକ୍ତର) ମନୋଜ ପାଣିଗ୍ରାହୀ, ଏସ୍‌ସିବି ମେଡିକାଲ୍ କଲେଜ କଟକର ପଲମୋନାରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ମନୋରଞ୍ଜନ ଦାଶ, କିମ୍ସ ହସ୍ପିଟାଲ୍‌ର ଡାକ୍ତର ଦେବାଶିଷ ବେହେରା, ଅଶ୍ୱିନୀ ହସ୍ପିଟାଲ୍ କଟକର ଡାକ୍ତର ସମ୍ପତ ଦାଶ ଏବଂ ବାଗ୍‌ଚୀ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ ଭୁବନେଶ୍ୱରର ଡାକ୍ତର ଆରୁଷୀ ଚୋଖାନୀ ପ୍ରମୁଖ ବିଶେଷଜ୍ଞ ଭାବେ ଯୋଗ ଦେଇ ଫୁସ୍‌ଫୁସ ଜନିତ ସମସ୍ୟା, ଯତ୍ନ ଏବଂ ଚିକିତ୍ସା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

# ଆଇଇଏସଏ ଭାରତର ଚାରୋଟି ଶ୍ରମ ସଂହିତା କାର୍ଯ୍ୟକାରୀ କରିବାକୁ ପ୍ରଶଂସା କରିଛି

ଭୁବନେଶ୍ୱର, (ସବ୍ୟୁ): ଏକ ଶ୍ରମିକ-ସହଯୋଗୀ, ଶିଳ୍ପ-ସହଯୋଗୀ ଏବଂ ଅଭିବୃଦ୍ଧି-ସହଯୋଗୀ ଶ୍ରମ ଇକୋସିଷ୍ଟମ ଗଠନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଆଇଇଏସଏ ପ୍ରଶଂସା କରିଛି ଏବଂ ନିୟମ କାର୍ଯ୍ୟାନ୍ୱୟନ ଢାଂଚା କାର୍ଯ୍ୟକାରୀ ହେବା ସହିତ ନିରନ୍ତର ସହଯୋଗ ପାଇଁ ଅପେକ୍ଷା କରିଛି। ଚାରୋଟି ଶ୍ରମ ସଂହିତା ସଂସ୍କାର ଉତମ ମଜୁରୀ, ମହିଳାଙ୍କ ବ୍ୟାପକ ଅଂଶଗ୍ରହଣ, ରାସାୟନିକ/ଏସଏମଟି ପ୍ରକ୍ରିୟାରେ ଉନ୍ନତ ସୁରକ୍ଷା ସଂସ୍କୃତି, ସାମାଜିକ ସୁରକ୍ଷା ମାଧ୍ୟମରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ନୀଳ-କଲାର ଚାକିରିକୁ ସୁଦୃଢ଼ କରିବ। ଏକ ଅଧିକ ଆନୁଷ୍ଠାନିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି କାରଖାନାଗୁଡ଼ିକରେ ଅବନତି ହ୍ରାସ କରିବା ସହିତ ଉତ୍ପାଦକତାକୁ ବୃଦ୍ଧି କରିବ।


# ବାପ, ମା' ଛେଉଣ୍ଡ ପିଲାଙ୍କୁ ଆଶା ପକ୍ଷରୁ ଶୀତ ବସ୍ତ୍ର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଘୁଙ୍ଗି ଗାଁର ବାପ, ମା ' ଛେଉଣ୍ଡ ଚାରି ଭାଇ ଭଉଣୀଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ " ଆଶା" ତରଫରୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ଏଇ ନିକଟ ଅତୀତରେ " ଆଶା" ଦୃଷ୍ଟିକୁ ଆସିଥିଲା - ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡିପଶା ପଞ୍ଚାୟତ ଅଧୀନ ଘୁଙ୍ଗି ଗାଁର ଈଶ୍ୱର ଜୁଆଙ୍ଗଙ୍କ ଚାରି ଅନାଥ ପିଲାଙ୍କ କଥା। ଈଶ୍ୱରଙ୍କ ମୃତ୍ୟୁ ହୋଇଥିଲା ୨୦୨୨ ମସିହାରେ। ମା' ଯଶ୍ମୀନ୍ ମଧ୍ୟ ଆରପାରିକୁ ଚାଲିଗଲା ଚଳିତବର୍ଷ। ଚାରି ଭାଇ ଭଉଣୀ ଘରେ । ମୁରବି ବିହିନ। ଏକାଟିଆ। ବେସାହାରା। ପଡିଶା ଲୋକେ ଗଣ୍ଡେ ଖାଇବାକୁ ଦେଉଛନ୍ତି। ଆଉ କିଛି ନାହିଁ। ପୋଷାକ, ଔଷଧ, ତେଲ, ସାବୁନ୍ କଥା କେଉଁଠୁ ଆସିବ ? କିଏ ଦେବ? କେଉଁଠୁ ଆଣିବ? " ଆଶା"ର ସ୍ୱେଚ୍ଛାସେବୀମାନେ ନିଜ



ନିଜ ମଧ୍ୟରେ କିଛି ଅର୍ଥ ସଂଗ୍ରହ କରି ପିଲାଙ୍କ ପାଇଁ ଶୀତ ବସ୍ତ୍ର ଯଥା - ସ୍ୱେଟର, ଶାଲ୍ ଓ ଟୋପି କିଣି ଦେଇ ଆସିଛନ୍ତି। ପିଲାଙ୍କ ମୁହଁରେ ଟିକିଏ ଖୁସି ଦେଖିବାକୁ ମିଳିଥିଲା। ଏ ଶୀତ ବସ୍ତ୍ର ଯାହା ବି ହେଉ, ଯେତେ ଦରର ହେଉ ନା କାହିଁକି, ପିଲାଙ୍କ ମୁହଁ କହୁଥିଲା - ସେ ଛେଉଣ୍ଡ ହେଲେ ବି, ଆଉ କେହି ତାଙ୍କ ସହିତ ଅଛନ୍ତି। ପିଲାଙ୍କ ରହିବା ପାଇଁ ଏକ ପକ୍କା ଘର ଯୋଗାଇ ଦେବା, ପାଠ ପଢୁଥିବା ପିଲାଙ୍କୁ କୌଣସି ସରକାରୀ ଆବାସିକ ବିଦ୍ୟାଳୟରେ ଭର୍ତ୍ତି କରିବା, ଜୀବିକା ପାଇଁ ତତ୍ କ୍ଷଣାତ ଅର୍ଥ ବ୍ୟବସ୍ଥା କରିବା, ଆଗାମୀ ଦିନରେ ନିତିଦିନିଆ ଗୁଜୁରାଣ ମେଣ୍ଟାଇବା ପାଇଁ ଏକ ସ୍ଥାୟୀ ରୋଜଗାର ପନ୍ଥା ଯୋଗାଇ ଦେବାକୁ "ଆଶା" ତରଫରୁ ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ଆଶାର ପ୍ରତିଷ୍ଠାତା ଡମ୍ବରୁଧର ଘଣା କହିଛନ୍ତି।

# ‘ହିନ୍ଦୁ ବିନା ବିଶ୍ୱର ଅସ୍ତିତ୍ୱ ନାହିଁ’



**ଇମ୍ଫାଲ:** ହିନ୍ଦୁ ନରହିଲେ ବିଶ୍ୱର ଅସ୍ତିତ୍ୱ ରହିବ ନାହିଁ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ ଏବେ ୩ଦିନିଆ ମଣିପୁର ଗସ୍ତରେ ଥିବା ବେଳେ ଏଭଳି କହିଛନ୍ତି । ଇମ୍ଫାଲରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ସଭ୍ୟତା, ସମାଜ ଏବଂ ରାଷ୍ଟ୍ରର ଶକ୍ତି ବିଷୟରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, ଆମେ ଏକ ମୌଳିକ ସାମାଜିକ ନେଟୱାର୍କ ସୃଷ୍ଟି କରିଛୁ, ଯାହା ଯୋଗୁଁ ହିନ୍ଦୁ ସମାଜ ବଞ୍ଚି ରହିବ । ଯଦି ହିନ୍ଦୁ ବଞ୍ଚିବେ ନାହିଁ, ତେବେ ବିଶ୍ୱ ବଞ୍ଚିବ ନାହିଁ । ବିଶ୍ୱର ଅସ୍ତିତ୍ୱ ରହିବ ନାହିଁ ।

ଭାଗବତ ଆହୁରି କହିଥିଲେ ଯେ, ସମସ୍ତଙ୍କୁ ପରିସ୍ଥିତି ବିଷୟରେ ବିଚାର କରିବାକୁ ପଡେ । ପରିସ୍ଥିତି ଆସେ ଏବଂ ଯାଏ । ବିଶ୍ୱର ବିଭିନ୍ନ ଦେଶ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । କିଛି ଦେଶ ଶେଷ ମଧ ହୋଇଯାଇଛି । କିନ୍ତୁ ଭାରତର ଅସ୍ତିତ୍ୱ ଏବେ ବି ଅକ୍ଷୁର୍ଣ୍ଣ ରହିଛି । ଭାରତ ହେଉଛି ଏକ ଅମର ସମାଜର ଏବଂ ଅମର ସଭ୍ୟତାର ନାମ ।ଅନେକ ଆସିଲେ, ଚମକିଲେ ଏବଂ ଚାଲିଗଲେ । ଆମେ ସମସ୍ତଙ୍କର ଉତ୍ଥାନ ଏବଂ ପତନ ଦେଖିଛୁ । ଏତେ ବର୍ଷ ପରେ ବି ଆମର ଅସ୍ତିତ୍ୱ ଦିନକୁ ଦିନ ସୁଦୃଢ ହେବାରେ ଲାଗିଛି । ଆମର ଏବେ ବି ଅସ୍ତିତ୍ୱ ଅଛି ଏବଂ ଆଗକୁ ରହିବ କାରଣ ଆମେ ଆମ ସମାଜ ପାଇଁ ଏକ ମୌଳିକ ନେଟୱାର୍କ ନିର୍ମାଣ କରିଛୁ । ସେଥିପାଇଁ, ହିନ୍ଦୁ ସମାଜ ବଞ୍ଚି ରହିବ । ନକ୍ସଲବାଦର ଉଦାହରଣ ଦେଇ ଭାଗବତ କହିଥିଲେ ଯେ, ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ । ସମାଜ ଯେତେବେଳେ ନକ୍ସଲବାଦକୁ ଆଉ ସହ୍ୟ କରିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲା ସେତେବେଳେ ଏହା ଶେଷ ହୋଇଗଲା । ବ୍ରିଟିଶ ସାମ୍ରାଜ୍ୟର ସୂର୍ଯ୍ୟ କେବେ ଅସ୍ତ ହୋଇନଥିଲା । କିନ୍ତୁ ଭାରତରେ ସେମାନଙ୍କର ସୂର୍ଯ୍ୟାସ୍ତ ଆରମ୍ଭ ହୋଇଥିଲା । ଆମେ ଏଥିପାଇଁ ୯୦ବର୍ଷ ଧରି ପ୍ରୟାସ କରିଥିଲୁ । ୧୮୫୭ରୁ ୧୯୪୭ପର୍ଯ୍ୟନ୍ତ, ଆମେ ସମସ୍ତେ ସ୍ୱାଧୀନତା ପାଇଁ ଲଢ଼ିଥିଲୁ । ଆମେ କେବେ ବି ସେହି ସ୍ୱରକୁ ଦମନ ହେବାକୁ ଦେଇନାହୁଁ । କେତେବେଳେ ଏହା କମିଛି, କେତେବେଳେ ଏହା ବଢ଼ିଛି, କିନ୍ତୁ ଆମେ କେବେ ଏହାକୁ ଦମନ ହେବାକୁ ଦେଇନାହୁଁ ।



ଜୋହାନ୍ସବର୍ଗରେ ଆୟୋଜିତ ଗ୍ରୁପ୍-୨୦ ବୈଠକରେ ଯୋଗଦେବାକୁ ଯାଇଥିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେ ।

## ସୋମାଲିଆ ଲୋକଙ୍କ ପାଇଁ ଟ୍ରମ୍ପଙ୍କ ଦେଶାନ୍ତର ଯୋଜନା

**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଛନ୍ତି, ସେ ମିନେସୋଟାରେ ରହୁଥିବା ସୋମାଲିଆର ଲୋକମାନଙ୍କ ପାଇଁ ଅସ୍ଥାୟୀ ନିର୍ବାସନ ସୁରକ୍ଷା ତୁରନ୍ତ ସମାପ୍ତ କରୁଛନ୍ତି । ଗୃହଯୁଦ୍ଧ କିମ୍ବା ବିପର୍ଯ୍ୟୟ ଯୋଗୁ ନିଜ ଦେଶକୁ ଫେରିପାରି ନଥିବା ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ୩୪ ବର୍ଷ ତଳେ ୧୯୯୧ ମସିହାରେ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲୁ. ବୁଶଙ୍କ ସମୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଟ୍ରମ୍ପ୍ ବର୍ତ୍ତମାନ ବହିଷ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ଟ୍ରମ୍ପ ଶନିବାର ଦିନ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ସୋମାଲିଆ ଗ୍ୟାଙ୍ଗମାନେ ମିନେସୋଟାରେ ଭୟ ଏବଂ ଅପରାଧ ପ୍ରସାର କରୁଛନ୍ତି । କୋଟି କୋଟି ଡଲାର ଚୋରି ହୋଇଛି । ଟ୍ରମ୍ପ୍ ମିନେସୋଟାର ଡେମୋକ୍ରାଟିକ୍ ଗଭର୍ଣ୍ଣର ଟିମ୍ ୱାଲ୍ଜଙ୍କୁ ମଧ ସମାଲୋଚନା କରିଛନ୍ତି । ରାଜ୍ୟକୁ ଠକେଇ ଏବଂ ମନି ଲଣ୍ଡରିଂର ଏକ ଗନ୍ତାଘର ବୋଲି କହିଛନ୍ତି ।ଏହି ଅଭିଯୋଗଗୁଡ଼ିକ କିଛି ରିପବ୍ଲିକାନ୍ ସାଂସଦଙ୍କ ଦ୍ୱାରା ସେୟାର କରାଯାଇଥିବା ଅସମର୍ଥିତ ରିପୋର୍ଟକୁ ପ୍ରତିଫଳିତ କରୁଛି ଯେ, ଉଗ୍ରବାଦୀ ଗୋଷ୍ଠୀ ଅଲ୍-ଶବାବ୍ ରାଜ୍ୟରେ ଠକେଇ ସହିତ ଜଡ଼ିତ ରହିଛି । ଅନ୍ୟପକ୍ଷରେ ରାଜ୍ୟପାଳ ୱାଲଜ୍ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ୍ ଅନ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏକ ସମ୍ପୂର୍ଣ୍ଣ ସମ୍ପ୍ରଦାୟକୁ ଟାର୍ଗେଟ କରୁଛନ୍ତି । ସେ ଏହାକୁ ଏକ ରାଜନୈତିକ ପ୍ରେରଣାଦାୟକ ପଦକ୍ଷେପ ବୋଲି କହିଛନ୍ତି । କଂଗ୍ରେସନାଲ ରିସର୍ଚ୍ଚ ସର୍ଭିସର ଏକ ରିପୋର୍ଟ ଅନୁଯାୟୀ, ସମଗ୍ର ଯୁକ୍ତରାଷ୍ଟ୍ରରେ ବର୍ତ୍ତମାନ କେବଳ ୭୦୫ ସୋମାଲିଆ ଟିପିଏସ ମାନ୍ୟତା ପାଇଛନ୍ତି । ମିନେସୋଟାରେ ରହୁଥିବା ଅଧିକାଂଶ ସୋମାଲିଆ ଆମେରିକୀୟ ନାଗରିକ ।

## ଟ୍ରମ୍ପଙ୍କ ୟୁକ୍ରେନ ଶାନ୍ତି ଯୋଜନାର ଜବାବ ଦେଲେ ଜେଲେନସ୍କି

**କିଭ୍/ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୟୁକ୍ରେନକୁ ଏକ ଶାନ୍ତି ଯୋଜନା ଗ୍ରହଣ କରିବା ପାଇଁ ପାଞ୍ଚ ଦିନର ଅଲଟିମେଟମ୍ ଦେଇଛନ୍ତି । ସେ କହିଛନ୍ତି, ମୁଁ ଚାଲିଥିବା ରକ୍ତପାତ ବନ୍ଦ କରିବାକୁ ଚାହୁଁଛି । ତେଣୁ ୟୁକ୍ରେନ ତାଙ୍କୁ ନଭେମ୍ବର ୨୭ ସୁଦ୍ଧା କହିବା ଉଚିତ ଯେ ସେ ଶାନ୍ତି ଯୋଜନା ଗ୍ରହଣ କରନ୍ତି କି ନାହିଁ ।

ରାଷ୍ଟ୍ରପତି ଟ୍ରମ୍ପ୍ ଭୋଲଡିମେୟର ଜେଲେନସ୍କିଙ୍କୁ ସିଧାସଳଖ ଚେତାବନୀ ମଧ ଦେଇଛନ୍ତି, ଯଦି ଶାନ୍ତି ଯୋଜନା ଗ୍ରହଣ ନ କରାଯାଏ, ତେବେ ଆମେରିକା ୟୁକ୍ରେନଠାରୁ ନିଜର ସମର୍ଥନ ପ୍ରତ୍ୟାହାର କରିବ ଏବଂ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଓ ଗୁପ୍ତଚର ଯୋଗାଣ ଉପରେ ରୋକ ଲଗାଇବ ।

ଟ୍ରମ୍ପ୍ଙ୍କ ଚରମବାଣୀ ନେଇ ଜେଲେନସ୍କିଙ୍କ ପ୍ରତିକ୍ରିୟା ଆସିଛି ।ଯେଉଁଥିରେ ସେ ସ୍ପଷ୍ଟ କରିଛନ୍ତି, ସେ ଏକ ଦ୍ୱନ୍ଦ୍ୱରେ ଫସିଛନ୍ତି, କିନ୍ତୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ଶାନ୍ତି ଯୋଜନା ୟୁକ୍ରେନୀୟ ଲୋକଙ୍କ ସ୍ୱାର୍ଥରେ ନୁହେ । ତେଣୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ, ସେ ତାଙ୍କ ଦେଶ ସହିତ ବିଶ୍ୱାସଘାତକତା କରିପାରିବେ ନାହିଁ । ଯଦି ଆମକୁ ଆମର ସମ୍ମାନ ଏବଂ ସ୍ୱାଧୀନତା ହରାଇବା ତଥା ଆମେରିକୀୟ ସମର୍ଥନ ହରାଇବା ମଧ୍ୟରୁ ଗୋଟିଏ ବାଛିବାକୁ ପଡ଼େ, ତେବେ ଆମେ ସମ୍ମାନ ବାଛିବୁ । ମୁଁ ୟୁକ୍ରେନ ସହିତ ବିଶ୍ୱାସଘାତକତା କରିନାହିଁ କି ମୁଁ କେବେ ତାହା କରିବି ନାହିଁ ବୋଲି ସେ କହିଛନ୍ତି ।



ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ଅଲ୍ଟିମେଟମ୍ ପାଇବା ପରେ ଜେଲେନ୍ସକି ତାଙ୍କ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ୟୁରୋପୀୟ ନେତାମାନେ ମଧ ୟୁକ୍ରେନକୁ ସମର୍ଥନ କରିଛନ୍ତି ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ଶାନ୍ତି ଯୋଜନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ୟୁକ୍ରେନ ନିଃସନ୍ଦେହରେ ଏକ କଷ୍ଟକର ସ୍ଥିତିର ସମ୍ମୁଖୀନ ହେଉଛି । ଏହା ନିଜର ଗର୍ବ ଏବଂ ସ୍ୱାଧୀନତା ହରାଇବା କିମ୍ବା ଆମେରିକାର ସମର୍ଥନ ହରାଇବାର ସମ୍ମୁଖୀନ ହେଉଛ । ତଥାପି, ୟୁକ୍ରେନ ରୁଷିଆ ସହିତ ଯୁଦ୍ଧବିରତି ପାଇଁ ସର୍ତ୍ତାବଳୀ ଏବଂ ଶାନ୍ତି ଯୋଜନାକୁ ପ୍ରତ୍ୟାଖ୍ୟାନ କରୁଛି ବୋଲି ସେ କହିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ସ୍ୱତନ୍ତ୍ର ଆଲୋଚନାକାରୀ ଷ୍ଟିଭ୍ ୱିଟକଫଙ୍କ ସହିତ ଏକ ୟୁକ୍ରେନ ଶାନ୍ତି ଯୋଜନା ପ୍ରସ୍ତୁତ କରିଛନ୍ତି । ଯାହାକୁ ହ୍ୱାଇଟ୍ ହାଉସ୍ ସମର୍ଥନ କରିଛି । ଶାନ୍ତି ଯୋଜନାରେ ଉଲ୍ଲେଖ ଅଛି ଯେ, ୟୁକ୍ରେନକୁ ନାଟୋ ସଦସ୍ୟତା ପ୍ରଦାନ କରାଯିବ ନାହିଁ ।

ୟୁକ୍ରେନର ସାମରିକ ବାହିନୀ ଅଧା କରାଯିବ ଏବଂ ୟୁକ୍ରେନକୁ ନିଜର ସୀମାରେ କ୍ଷେପଣାସ୍ତ୍ର ମୁତୟନ କରିବାରୁ ବାରଣ କରାଯିବ । ୟୁକ୍ରେନକୁ ଏହାର ଡୋନବାସ ଏବଂ କ୍ରିମିଆ ଅଞ୍ଚଳକୁ ରୁଷିଆକୁ ହସ୍ତାନ୍ତର କରିବାକୁ ପଡିବ ଏବଂ ନିଜର ସୀମା ମଧ୍ୟରେ ରୁଷୀୟ ଭାଷାକୁ ସ୍ୱୀକୃତି ଦେବାକୁ ପଡ଼ିବ ।

## ଜେରା ବେଳେ ସତ ମାନିଲା ଆତଙ୍କୀ ଡାକ୍ତର

**ନୂଆଦିଲ୍ଲୀ:** ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଜଣେ ଆତଙ୍କୀ ଡାକ୍ତର ଦେଇଛି ସାଂଘାତିକ ତଥ୍ୟ । ଭାରତର ବିଭିନ୍ନ ସହରରେ ବିସ୍ଫୋରଣ ପାଇଁ ୨୦୨୩ରୁ ଯୋଜନା ଆରମ୍ଭ ହୋଇଥିଲା ବୋଲି ସେ ଜେରା ବେଳେ ସ୍ୱୀକାର କରିଛି । ୧୦/୧୧ ଦିଲ୍ଲୀ ବିସ୍ଫୋରଣ ପଛରେ ଥିବା ଷଡ଼ଯନ୍ତ୍ରକୁ ଜାଣିବା ପାଇଁ ଉଦ୍ୟମ ଚାଲିଥିବା ବେଳେ ସୁରକ୍ଷା ଏଜେନ୍ସିକୁ ଏପରି ତଥ୍ୟ ମିଳିଛି । ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ କାର ବୋମା ବିସ୍ଫୋରଣ ହୋଇଥିଲା । ଏଥିରେ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୩ରୁ ଅଧିକ ଆହତ ହୋଇଥିଲେ । ଦିଲ୍ଲୀ ବିସ୍ଫୋରଣ ତରବରିଆ ଭାବେ କରାଯାଇଥିବା ବେଳେ ବାସ୍ତବରେ ବଡ଼ଧରଣର ସିରିଜ ବୋମା ବିସ୍ଫୋରଣ ପାଇଁ ମସୁଧା ହୋଇଥିବା ସ୍ପଷ୍ଟ ହୋଇଛି ।



୧୦/୧୧ରେ କାର ବୋମା ବିସ୍ଫୋରଣ କରିଥିବା ଆତଙ୍କବାଦୀ ଉମର ମହମ୍ମଦର ଘନିଷ୍ଠ ସହଯୋଗୀ ହେଉଛି ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଡାକ୍ତର ମୁଜାମିଲ ଶକିଲ । ବିସ୍ଫୋରଣର କିଛି ଘଣ୍ଟା ପୂର୍ବରୁ ଶକିଲର ଭଡ଼ା ଘରୁ ୨୯୦୦ କେଜି ବିସ୍ଫୋରକ ଜବତ ହୋଇଥିଲା । ଜାତୀୟ ତଦନ୍ତକାରୀ ସଂସ୍ଥା ଏନଆଇଏ ପକ୍ଷରୁ ଶକିଲକୁ ଗିରଫ କରି ଜେରା କରାଯାଉଛି । ଏହି ସମୟରେ ଶକିଲ ଦାବି କରିଛି ଯେ ସିରିଜ ବିସ୍ଫୋରଣ ପାଇଁ ସେ ୨ ବର୍ଷ ହେଲା ପ୍ରସ୍ତୁତି ଚଳାଇଥିଲା । ଏହି ଦୁଇ ବର୍ଷ ମଧ୍ୟରେ ସେ ବିସ୍ଫୋରକ, ରିମୋଟ ଓ ବୋମା ତିଆରି ପାଇଁ ଆବଶ୍ୟକ ଜିନିଷ ସବୁ ସଂଗ୍ରହ କରିବାରେ ଲାଗିଥିଲା । ଶକିଲକୁ ୟୁରିଆ ଓ ଆମୋନିୟମ ନାଇଟ୍ରେଟ କିଣିବାକୁ କୁହାଯାଇଥିଲା ।

ମୁଜାମିଲ ଗୁରୁଗ୍ରାମ ଓ ନୁହରୁ ୩ ଲକ୍ଷ ଟଙ୍କା ଦେଇ ୨୬ କ୍ୱିଣ୍ଟାଲ ଏନପିକେ ସାର କିଣିଥିଲାଛ ନୁହରୁ ଅନ୍ୟ ବିସ୍ଫୋରକ ସାମଗ୍ରୀ ଆସିଥିବା ବେଳେ ବାକି ବୈଦ୍ୟୁତିକ ସାରଞ୍ଜାମ ଫରିଦାବାଦର ୨ଟି ଭିନ୍ନଭିନ୍ନ ମାର୍କେଟରୁ କିଣା ଯାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଆତଙ୍କୀ ଡାକ୍ତର ଜଣକ ଗୋଟିଏ ଡିପ୍ ଫ୍ରିଜର ମଧ କିଣିଥିଲା ।ଏହି ଫ୍ରିଜରେ ସେ କେମିକାଲଗୁଡ଼ିକୁ ଗୋଟିଏ ଉପଯୁକ୍ତ ପରିବେଶରେ ସୁରକ୍ଷିତ ଭାବେ ରଖିପାରିଥିଲା ।

ମୁଜାମିଲର ସହଯୋଗୀ ଉମରକୁ ସାରର ପ୍ରକ୍ରିୟାକରଣ ଦାୟିତ୍ୱ ଦିଆଯାଇଥିଲାଛ ସାରକୁ ଯେମିତି ବିସ୍ଫୋରକ ସହ ବ୍ୟବହାର କରାଯିବ, ସେ ଦାୟିତ୍ୱ ପାଇଥିଲା ଉମରଛ ଏଥିସହ ସେ କେମିକାଲ ଓ ଅନ୍ୟ ସାମଗ୍ରୀଗୁଡ଼ିକର ସଂଗ୍ରହ କରିଥିଲାଛ ୟୁରିୟାକୁ ଗ୍ରାଇଣ୍ଡ କରି କେମିକାଲ ତିଆରି କରିବା ପାଇଁ ବ୍ୟବହାର ହେଉଥିବା ଅଟା କଳକୁ ମଧ ମୁଜାମିଲର ଠିକଣାରୁ ଠାବ କରାଯାଇଛି । ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ର ପାଇଁ ଆବଶ୍ୟକ ପାଣ୍ଠିକୁ ନିଜେ ଆତଙ୍କୀ ଅଭିଯୁକ୍ତ ଯୋଗାଡ଼ କରିଥିଲେ । ଟେରର ମଡ୍ୟୁଲର ସଦସ୍ୟମାନେ ବିସ୍ଫୋରକ ସାମଗ୍ରୀ କିଣିବା ପାଇଁ ୨୬ ଲକ୍ଷ ଟଙ୍କା ଏକାଠି କରିଥିଲେ । ଏହି ଟଙ୍କାକୁ ଉମରକୁ ଦିଆଯାଇଥିଲା । ଏଥିରେ ଉମରର ଯୋଗଦାନ ୨ ଲକ୍ଷ ଟଙ୍କା ଥିଲା । ମୁଜାମିଲ ୫ ଲକ୍ଷ ଟଙ୍କା ଦେଇଥିବା ବେଳେ ଟେରର ମଡ୍ୟୁଲରେ ଥିବା ଆଦିଲ ରାଥେର ଓ ମୁଜାଫର ରାଥେର ଯଥାକ୍ରମେ ୮ ଲକ୍ଷ ଓ ୬ ଲକ୍ଷ ଦେଇଥିଲେ । ମହିଳା ଡାକ୍ତର ଶାହୀନ ସୟିଦ ୫ ଲକ୍ଷ ଟଙ୍କା ଆତଙ୍କୀ ହମଲା ପାଇଁ ଦାନ କରିଥିଲା । ତେବେ ଟଙ୍କାକୁ ନେଇ ଏକଦା ଉମର ଓ ମୁଜାମିଲ ମଧ୍ୟରେ ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ଝଗଡ଼ା ହୋଇଥିଲା । ଏହାପରେ ଉମର ରାଗରେ ତା’ର ନାଲି ରଙ୍ଗର ଇକୋସ୍ପୋର୍ଟ କାର ମୁଜାମିଲକୁ ଦେଇଥିଲା । ଏହି ଗାଡ଼ିକୁ ପରବର୍ତ୍ତୀ ଅବସ୍ଥାରେ ଫରିଦାବାଦର ଗୋଟିଏ ପରିତ୍ୟକ୍ତ ସ୍ଥାନରୁ ଜବତ କରାଯାଇଛି ।



ବାଂଲାଦେଶ ଭୂକମ୍ପରେ ଢ଼ାକାର ଏକ ବିରାଟ ଅଟାଳିକା ଭୁଷୁଡି ପଡ଼ିବା ଅବସ୍ଥାରେ ରହିଛି ।

## ପଞ୍ଜାବୀ ଗାୟକ ହରମନ ସିନ୍ଧୁଙ୍କ ମୃତ୍ୟୁ

**ନୂଆଦିଲ୍ଲୀ:** ପଞ୍ଜାବୀ ଚଳଚ୍ଚିତ୍ର ଶିଳ୍ପ ପାଇଁ ଏକ ଖରାପ ଖବର ଆସିଛି । ଲୋକପ୍ରିୟ ଗାୟକ ହରମନ ସିନ୍ଧୁଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ତାଙ୍କୁ ୩୭ ବର୍ଷ ବୟସ ହୋଇଥିଲା । ଏହି ଦୁର୍ଘଟଣା ମାନସା-ପାଟିଆଲା ରାଜପଥରେ ଘଟିଥିଲା । ସେ ମାନସା ନିକଟସ୍ଥ ତାଙ୍କ ଜନ୍ମସ୍ଥାନ ଖିଆଲାକୁ ଯାଉଥିବା ସମୟରେ ତାଙ୍କ କାର ଏକ ଟ୍ରକ୍ ସହିତ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା । ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ ଏହା କାରକୁ ଗୁରୁତର ଭାବରେ କ୍ଷତିଗ୍ରସ୍ତ କରିଥିଲା ଏବଂ ସିନ୍ଧୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ରିପୋର୍ଟ ଅନୁଯାୟୀ, ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା । ହରମନ ସିନ୍ଧୁ ମିସ୍ ପୂଜାଙ୍କ ସହ ଗାଇଥିବା ପେପର୍ ୟା ପ୍ୟାର୍ ଗୀତ ଦ୍ୱାରା ଲୋକପ୍ରିୟତା ହାସଲ କରିଥିଲେ । ହରମନ ପଞ୍ଜାବୀମାନଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ସେ ତାଙ୍କ ସଙ୍ଗୀତରେ ସୁନ୍ଦର ସ୍ୱର ସହିତ ମାଟିର କାହାଣୀକୁ ମିଶ୍ରଣ କରିଥିଲେ । ସେ ଏକ ଗାଁରୁ ବାହାରି ଆସି ପଞ୍ଜାବୀ ସଙ୍ଗୀତ ଶିଳ୍ପରେ ଏକ ଜଣାଶୁଣା ଗାୟକ ହୋଇଯାଇଥିଲେ । ଦେଶ ବିଦେଶ, ଏପରିକି ପାକିସ୍ତାନରେ ତାଙ୍କର ଲକ୍ଷ ଲକ୍ଷ ପ୍ରସଂଶକ ଅଛନ୍ତି । ହରମନ ସିନ୍ଧୁଙ୍କ ମୃତ୍ୟୁ ପଞ୍ଜାବୀ ସଙ୍ଗୀତ ଶିଳ୍ପକୁ ସ୍ତବ୍ଧ କରିଦେଇଛି ।

## ଜିଏସଆଇର ଭୂବୈଜ୍ଞାନିକ ଉତ୍କର୍ଷତା ସେମିନାର ଉଦଘାଟନ

**ଜୟପୁର(ରାଜସ୍ଥାନ),:** ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ପକ୍ଷରୁ ଏକ ଦୁଇ ଦିନିଆ ଆନ୍ତର୍ଜାତୀୟ ସେମିନାର ଆୟୋଜନ କରୁଛି । ଆଜି କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ ମୁଖ୍ୟ ଅତିଥି ଭାବରେ ବିଶ୍ୱ ଭୂବୈଜ୍ଞାନିକ ଆଲୋଚନା ସମ୍ବଳିତ ସେମିନାରକୁ ଉଦଘାଟନ କରିଥିଲେ । ସେମିନାରରେ ଖଣି ମନ୍ତ୍ରଣାଳୟର ସଚିବ ପୀୟୁଷ ଗୋୟଲ, ରାଜସ୍ଥାନ ସରକାରଙ୍କ ଖଣି ଏବଂ ପେଟ୍ରୋଲିୟମ ପ୍ରମୁଖ ସଚିବ ଟି. ରବିକାନ୍ତ, ଜିଏସଆଇର ମହାନିର୍ଦ୍ଦେଶକ ଅସିତ ସାହା, ଜିଏସଆଇର ଏଡିଜି ଏବଂ ଏଚ୍ଓଡି ବିଜୟ ଭି. ମୁଗଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବନ୍ଦେ ମାତରମର ଆତ୍ମାପୂର୍ଣ୍ଣ ପରିବେଷଣ ପରେ ଏକ ସୁନ୍ଦର ସରସ୍ୱତୀ ବନ୍ଦନା ଗାନ କରାଯାଇଥିଲା ଏହି ସେମିନାର ବ୍ରିଟିଶ ଭୂବୈଜ୍ଞାନିକ ସର୍ବେକ୍ଷଣ ଯୁକ୍ତରାଷ୍ଟ୍ର ଭୂବୈଜ୍ଞାନିକ ସର୍ବେକ୍ଷଣ ଏବଂ ଭୂବିଜ୍ଞାନ ଅଷ୍ଟ୍ରେଲିଆ ସମେତ ବିଶ୍ୱ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂଗଠନଗୁଡ଼ିକୁ ଏକତ୍ରିତ କରିଥିଲା, ଯେଉଁଥିରେ ଭାରତ ଏବଂ ବିଦେଶର ପ୍ରମୁଖ ଭୂବିଜ୍ଞାନ ପ୍ରତିଷ୍ଠାନର



ପ୍ରଖ୍ୟାତ ବିଶେଷଜ୍ଞ ଏବଂ ପ୍ରତିନିଧିମାନେ ବିବିଧ ବୈଷୟିକ ଅଧିବେଶନ ଏବଂ ଅତ୍ୟାଧୁନିକ ଅନ୍ତର୍ଦୃଷ୍ଟି ପ୍ରଦର୍ଶନ କରିଥିଲେ, ବୈଜ୍ଞାନିକ ଆଦାନପ୍ରଦାନକୁ ସମୃଦ୍ଧ କରିଥିଲେ ଏବଂ ପ୍ରଭାବଶାଳୀ, ଭବିଷ୍ୟତ ଦୃଷ୍ଟିରୁ ଭୂବୈଜ୍ଞାନିକ ଆଲୋଚନା ପାଇଁ ମୂଳଦୁଆ ସ୍ଥାପନ କରିଥିଲେ । ଖଣି ମନ୍ତ୍ରଣାଳୟର ସଚିବ ପୀୟୁଷ ଗୋୟଲ ତାଙ୍କ ଭାଷଣରେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ଏହାର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ, ଏକ ସ୍ଥାୟୀ, ଆତ୍ମନିର୍ଭରଶୀଳ, ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଖଣିଜ ଇକୋସିଷ୍ଟମ ନିର୍ମାଣ କରିବା ଅତ୍ୟନ୍ତ ଜରୁରୀ ।

## ପିଲା ଦିନେ ରୋଗରେ ପୀଡ଼ିତ ଥିଲି: ମିସ୍ ୟୁନିଭର୍ସ

**ନୂଆଦିଲ୍ଲୀ:** ମେକ୍ସିକୋର ଫାତିମା ବୋସ୍ ମିସ୍ ୟୁନିଭର୍ସ ୨୦୨୫ର ମୁକୁଟ ଜିତିଛନ୍ତି । ପ୍ରତିଯୋଗିତାର ଆରମ୍ଭରେ ଜଣେ ଜଜଙ୍କ ଟିପ୍ପଣୀ ଫାତିମାଙ୍କୁ ନିରାଶ କରି ଦେଇଥିଲା । ତେଣୁ ସେ ୱାକ୍ଆଉଟ୍ କରି ମଞ୍ଚରୁ ଓହ୍ଲାଇ ଯାଇଥିଲେ । ଶେଷରେ ପ୍ରତିଯୋଗିତା ଜିତିବା ପରେ ଫାତିମାଙ୍କୁ ଗତବର୍ଷର ବିଜେତା ଡେନମାର୍କର ଭିକ୍ଟୋରିଆ କେଜେର ଥିଲ୍ଭିଗ୍ ମୁକୁଟ ପିନ୍ଧାଇଥିଲେ । ମିସ୍ ୟୁନିଭର୍ସ ମୁକୁଟ ପିନ୍ଧିବା ପରେ ଭାବପ୍ରବଣ ହୋଇ ଫାତିମା ଆନନ୍ଦରେ କାନ୍ଦି ପକାଇଥିଲେ । ଫାତିମା ସମସ୍ତଙ୍କ ସମ୍ମୁଖରେ ଖୋଲାଖୋଲି ଭାବେ ନିଜର ରୋଗ ବିଷୟରେ ଆଲୋଚନା କରି କହିଥିଲେ, ‘ପିଲାଟି ଦିନରେ ମୁଁ ଡିସଲେକ୍ସିଆ ଓ ଏଡିଏଚଡି ରୋଗରେ



ପୀଡ଼ିତ ଥିଲି । ଏହି ରୋଗ ହେତୁ ମୋର ପାଠପଢ଼ିବା ପ୍ରତି ସମସ୍ୟା ରହୁଥିଲା । କେତେବେଳେ ଅକ୍ଷରର କ୍ରମ ଜାଣି ହେଉ ନଥିଲା ତ କେତେବେଳେ ଧ୍ୟାନ ଦେବା କଷ୍ଟକର ହେଉଥିଲା । ଏଥିପାଇଁ ମୁଁ ଅନେକ ସମୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଠାରୁ ଗାଳି ବି ଖାଇଛି । କିନ୍ତୁ କେବେ ହେଲେ ମୋର ଦୁର୍ବଳତା ଜଣାଇବାକୁ ଦେଇ ନଥିଲି । ରୋଗ ହେତୁ ମୁଁ ଅନ୍ୟ ପିଲାଙ୍କ ତୁଳନାରେ ଅଧିକ ପରିଶ୍ରମ କରୁଥିଲି ।

ଆଜି ପର୍ଯ୍ୟନ୍ତ ଜୀବନରେ ଯେତେବେଳେ ଯେଉଁ ଅସୁବିଧା ଆସିଛି ସାହାସର ସହ ସାମ୍ନା କରିଛି । ନିଜର ଉପରେ ରଖିଥିବା ଦୃଢ ଆତ୍ମବିଶ୍ୱାସ ପାଇଁ ମୋତେ ମିଳିଥିବା ସଫଳତା ଆଜି ଆପଣମାନଙ୍କ ସାମ୍ନାରେ ରହିଛି ।

# ଦୁଇ ଦିନରେ ଲଢ଼େଇ ଶେଷ

## ଆସେସ ଟେଷ୍ଟ



ପର୍ଥ,୨୨।୧୧(ଏଜେନ୍ସି): ଚଳିତ ଆସେସ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଟ୍ରେଭିସ ହେଡଙ୍କ ବିସ୍ଫୋରକ ଶତକ ଯୋଗୁଁ ଅଷ୍ଟ୍ରେଲିଆ ୮ ୱିକେଟରେ ବିଜୟ ହାସଲ କରିଛି । ତେଣୁ ୫ ଦିନିଆ ଟେଷ୍ଟ ୨ ଦିନରେ ଶେଷ ହୋଇଛି । ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୧୭୨ ରନ୍ କରିଥିଲା । ଜବାବରେ ଅଷ୍ଟ୍ରେଲିଆ ୧୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମ ଦିନ ୧୯ ୱିକେଟ୍ ପତନ ଘଟିଥିଲା । ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୬୪ ରନ କରି ଅଷ୍ଟ୍ରେଲିଆ ସମ୍ମୁଖରେ ୨୦୫ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ହେଡ ଓ ମାର୍ନୁସ ଲାବୁଶ୍ଚେନ ଚମତ୍କାର ବ୍ୟାଟିଂ କରି ଦଳକୁ ସହଜ ବିଜୟ ଦେଇଥିଲେ । ଅଷ୍ଟ୍ରେଲିଆ ୨୮.୨ ଓଭରରେ ୨ ୱିକେଟ ହରାଇ ମ୍ୟାଚକୁ ଜିତାଇ ନେଇଥିଲା । ହେଡ ୬୯ ବଲରେ ଶତକ ହାସଲ କରିଥିଲା । ସେ ମୋଟ୍ ଉପରେ ୮୩ ବଲରେ ୧୨୩ ରନ୍ ଓ ଲାବୁଶ୍ଚେନ ୪୯ ବଲରେ ୫୧ ରନ୍ କରିଥିଲେ । ୧୦ ୱିକେଟ୍ ଅକ୍ତିଆର କରିଥିବା ମିଚେଲ ଷ୍ଟାର୍କଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଆଗାମୀ ଡିସେମ୍ବର ୪ରୁ ବ୍ରିସବେନରେ ଦିବାରାତ୍ର ପିଙ୍କ୍ ବଲ ଟେଷ୍ଟ ଆରମ୍ଭ ହେବ ।

## ଗୌହାଟୀ ଟେଷ୍ଟ

# କୁଲଦୀପଙ୍କୁ ୩ ୱିକେଟ୍: ଦ.ଆଫ୍ରିକା ୨୪୭/୬




ଗୌହାଟୀ,୨୨।୧୧(ଏଜେନ୍ସି): ଭାରତ-ଦ.ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଆସାମ ଗୌହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମରେ ଆରମ୍ଭ ହୋଇଛି । ଭ୍ରମଣକାରୀ ଦ.ଆଫ୍ରିକା ପ୍ରଥମ ଦିନ ଷ୍ଟମ୍ପଅପସାରଣ ସୁଧା ୬ ୱିକେଟ୍ ହରାଇ ୨୪୭ ରନ୍ କରିଛି । ମୁଥୁ ସାମି ୨୫ ଓ କାଇଲଭେରେନ ୧ ରନ୍ କରି ଅପରାଜିତ ଅଛନ୍ତି । ଖରାପ ଆଲୋକ କାରଣରୁ ଆଗୁଆ ଖେଳକୁ ବନ୍ଦ କରାଯାଇଥିଲା । ପ୍ରଥମ ଦିନ ଭ୍ରମଣକାରୀ ଦଳ ପକ୍ଷରୁ କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରିପାରିନାହାନ୍ତି । ଟ୍ରିଷ୍ଟାନ ଷ୍ଟୁବସ ସର୍ବାଧିକ ୪୯ ରନ୍ କରିଥିବା ବେଳେ ଭାରତର କୁଳଦୀପ ଯାଦବଙ୍କୁ ସର୍ବାଧିକ ୩ ୱିକେଟ୍ ସଫଳତା ମିଳିଛି । ଟସ୍ ଜିତି ଦ.ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ପ୍ରଥମ ଦିନ ଦୁଇ ଦଳ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା । ପ୍ରଥମ କିଛି ଘଣ୍ଟା ଦ.ଆଫ୍ରିକା ଦବଦବା ଜାହିର କରିଥିଲା । ପରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଦ.ଆଫ୍ରିକାକୁ ଚାପରେ ରଖିବାକୁ ସଫଳ କରିଛି । ଶେଷ ଆଡକୁ ଭାରତୀୟ ବୋଲର କମାଲ କରିବା ସହ ୪ ୱିକେଟ୍ ଦଖଲ କରିଥିଲେ । ଟେଷ୍ଟ ଇତିହାସରେ ପ୍ରଥମଥର ପାଇଁ କୌଣସି ଦଳର ଆଗଧାଡିର ୪ ବ୍ୟାଟର ୩୫ କିମ୍ବା ତା'ଠୁ ଅଧିକ ରନ୍ କରିଥିଲେ ହେଁ ଅର୍ଦ୍ଧଶତକ ହାସଲ କରିପାରିନାହାନ୍ତି । ଦ.ଆଫ୍ରିକାର ଆଦିନ ମାର୍କ୍ରାମ ୩୮, ରିଆନ୍ ରିକେଲଟନ୍ ୩୫, ଟ୍ରିଷ୍ଟାନ ଷ୍ଟୁବସ ୪୯ ଓ ଅଧିନାୟକ ତେମ୍ବା ବଭୁମା ୪୧ ରନ୍ କରିଥିଲେ । ହେଲେ ଅର୍ଦ୍ଧଶତକ କରିବା ପୂର୍ବରୁ ପାଭିଲିୟନ୍ ଫେରିଯାଇଥିଲେ । ଦ.ଆଫ୍ରିକା ପ୍ରଥମ ଦିନ ୮୧.୫ ଓଭରରେ ୬ ୱିକେଟ୍ ହରାଇ ୨୪୭ ରନ୍ କରିନେଇଛି । ଭାରତର କୁଳଦୀପ ଯାଦବ ୩ଟି, ଦ୍ରୁତ ବୋଲର ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ରବିନ୍ଦ୍ର ଜାଡେଜା ଗୋଟିଏ କରି ସଫଳତା ହାସଲ କରିଛନ୍ତି । ଭାରତୀୟ ବୋଲର ୮୧.୫ ଓଭର ବୋଲିଂ କରିଛନ୍ତି । ଖରାପ ଆଲୁଅ ଯୋଗୁଁ ପ୍ରଥମ ଦିନ ଖେଳକୁ ଅମ୍ପାୟାର ଆଗୁଆ ଶେଷ କରିଥିଲେ ।

ଭାରତର ନିୟମିତ ଅଧିନାୟକ ଶୁଭମନ ଗିଲଙ୍କ ବିନା ଗୌହାଟୀରେ ଭାରତର ଦ୍ୱିତୀୟ ଟେଷ୍ଟ ଖେଳୁଛି । ଏହି ମ୍ୟାଚରେ ଦ.ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତିକୁ ସଠିକ ବୋଲି ପ୍ରମାଣିତ କରିଥିଲେ ଦ.ଆଫ୍ରିକାର ଦୁଇ ଓପନର ଆଦିନ ମାର୍କ୍ରାମ ଓ ରିଆନ୍ ରିକେଲଟନ୍ ମ୍ୟାଚର ୨୭ତମ ଓଭର ଯାଏ ଦଳୀୟ ସ୍କୋର ୮୨ ରନରେ ପହଞ୍ଚିଥିଲା କିନ୍ତୁ ୱିକେଟ୍ ଝଡିନଥିଲା । ଏହାପରେ ଯଶପ୍ରୀତ ବୁମରା ୩୮ ରନ କରି ଭଲ ଖେଳୁଥିବା ମାର୍କ୍ରାମଙ୍କୁ ଆଉଟ୍ କରି ଓପନିଂ ଯୋଡି ଭାଙ୍ଗି ଥିଲେ । ଉତ୍ତର-ପୂର୍ବ ଭାରତରେ ଆଗୁଆ ସୂର୍ଯ୍ୟୋଦୟ କାରଣରୁ ଏହି ଟେଷ୍ଟ ମ୍ୟାଚ ପାରମ୍ପରିକ ସମୟଠାରୁ ଶୀଘ୍ର ଆରମ୍ଭ ହୋଇଥିଲା । ପ୍ରତ୍ୟେକ ଦିନ ଖେଳ ଅଧଘଣ୍ଟା ଆଗରୁ ଆରମ୍ଭ ହେବ । ଅର୍ଥାତ୍ ସମୟ ୯ଟାରୁ ଖେଳ ଆରମ୍ଭ ହୋଇଥିଲା । ଦିନ ୧୧ଟାରେ ପ୍ରଥମ ଅଧିବେଶନ ଶେଷ ହୋଇଥିଲା । ମଧ୍ୟାହ୍ନ ଭୋଜନ ବିରତି ପରିବର୍ତ୍ତେ ପାଇଁ ଚା ପାନ ବିରତି ହୋଇଥିଲା । ଦ୍ୱିତୀୟ ଅଧିବେଶନ ଖେଳ ୧୧.୨୦ରୁ ୧.୨୦ ଯାଏ ଚାଲିଥିଲା । ୧.୨୦ରୁ ୨ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ବ୍ରେକ ହୋଇଥିଲା । ଚା ପାନ ବ୍ରେକ ପରେ କୁଳଦୀପ ଯାଦବ ୩୫ ରନ୍ କରିଥିବା ରିଆନ୍ ରିକେଲଟନକୁ ପାଭିଲିୟନ୍ ପଠାଇଥିଲେ । ଏତିକି ବେଳେ ଷ୍ଟୁବସ ଓ ବଭୁମା ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ । ଉଭୟ ଧିମା ଗତିରେ ରନ୍ ସଂଗ୍ରହ କରିଥିଲେ ହେଁ ୱିକେଟ୍ ଝଡିବାକୁ ଦେଇନଥିଲେ । ଉଭୟ ଦଳୀୟ ସ୍କୋରକୁ ୮୨ରୁ ୧୬୬ ରନରେ ପହଞ୍ଚାଇଥିଲେ । ଅଭିଜ୍ଞ ରବୀନ୍ଦ୍ର ଜାଡେଜା ଯୋଡି ଭାଙ୍ଗିବାକୁ ସଫଳ ହୋଇଥିଲେ । ୪୧ ରନ କରିଥିବା ବଭୁମାକୁ ଆଉଟ୍ କରିଥିଲେ । ଏହାପରେ କୁଳଦୀପ ଯାଦବ ପ୍ରଥମ ଷ୍ଟୁବସ ଓ ପରେ ୧୩ ରନ୍ କରିଥିବା ୱିଆନ୍ ମୁଲ୍ଡରଙ୍କୁ ଆଉଟ୍ କରି ଦ.ଆଫ୍ରିକାକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ । ଦ.ଆଫ୍ରିକା ୨୦୧ ରନରେ ୫ ୱିକେଟ୍ ହରାଇଥିଲା । ଷଷ୍ଠ ୱିକେଟ୍ ପାଇଁ ଟୋନି ଡି ଜୋରଜି ଏବଂ ସେନୁରନ୍ ମୁଥୁସ୍ୱାମୀଙ୍କ ମଧ୍ୟରେ ୪୫ ରନର ପାର୍ଟନରସିପ୍ ହୋଇଥିଲା । ଭାରତ ୮୦.୨ ଓଭରରେ ନୂଆ ବଲ ନେଇଥିଲା । ନୂଆବଲରେ କମାଲ କରିଥିଲେ ମହମ୍ମଦ ସିରାଜ । ବେଶ ସତର୍କତାର ସହ ଖେଳୁଥିବା ଜୋରଜିଙ୍କୁ ୮୨ତମ ଓଭରରେ ପାଭିଲିୟନ୍ ପଠାଇ ଦେଇଥିଲେ । ସେ ଆଉଟ୍ ହେବାର ଆଉ ୪ଟି ବଲ ପରେ ଦିନର ଖେଳକୁ ଖରାପ ଆଲୁଅ ପାଇଁ ଅମ୍ପାୟାର ବନ୍ଦ କରିଦେଇଥିଲେ । ତେବେ ଭଲ ଲୟରେ ଥିବା ଜୋରଜି ୨୮ ରନ୍ କରି ପାଭିଲିୟନ୍ ଫେରିଛନ୍ତି ।

# ୩୧ତମ ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ : ଏଜି ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୨୨।୧୧(ସବ୍ୟୁ): ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ସଂଘ ଆନୁକୂଲ୍ୟରେ କଟକ ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ହଲରେ ୩୧ତମ ଆନ୍ତଃ ଜିଲ୍ଲା ଏବଂ ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଜାରି ରହିଛି । ଏହି ପ୍ରତିଯୋଗିତାର ସିନିୟର ପୁରୁଷ ଦଳଗତରେ ଏଜି ଓଡ଼ିଶା ଚାମ୍ପିଅନ୍ ହୋଇଛି । ପ୍ରତିଯୋଗିତାର ଦ୍ୱିତୀୟ ଦିନ ସିନିୟର ପୁରୁଷ ଦଳଗତ ଚାମ୍ପିଅନସିପ ଫାଇନାଲରେ ଏଜି ଓଡ଼ିଶା ୩-୦ ବ୍ୟବଧାନରେ କଟକ ବିକୁ ପରାଜିତ କରିଥିଲା । ଏଜି ଓଡ଼ିଶାର ତୁଷାର ଚୌହାନ ୩-୦ ଗେମରେ ସୌମ୍ୟ ରଞ୍ଜନ ପତିଙ୍କୁ, ମେନକ ଦାସ ୨-୧ରେ ଫରାଜ ରାଜାଙ୍କୁ ଏବଂ ସମ୍ରାଟ ଚକ୍ରବର୍ତ୍ତୀ ୩-୦ ଗେମରେ ହାଞ୍ଜାଲା ରେହାନଙ୍କ ପରାଜିତ କରି ଦଳକୁ ଚାମ୍ପିଅନ କରାଇଥିଲେ ।

ୟୁଥ୍ ବାଳକ ଦଳଗତ ବର୍ଗର ପ୍ରଥମ ଫାଇନାଲ ସେମିଫାଇନାଲ ୩-୨ ଗେମରେ ଭୁବନେଶ୍ୱର ଟିଟିକୁ ପରାଜିତ କରିଥିଲା । ଦ୍ୱିତୀୟ ସେମିରେ ଖୋର୍ଦ୍ଧା ଟିଟି ୩-୦ ଗେମରେ କଟକ ବିକୁ ପରାଜିତ କରି ଫାଇନାଲରେ ପହଞ୍ଚିଥିଲା । ଫାଇନାଲରେ କଟକ ଏ' ୩-୧ ଗେମରେ ଖୋର୍ଦ୍ଧା ଟିଟି ଆସୋସିଏସନକୁ ପାଜିତ କରି ଚାମ୍ପିଅନ ହୋଇଛି ।

# ଜ୍ୟୋତିବନ୍ତ ସ୍ମାରକୀ ଫୁଟବଲ: ଫାଇନାଲ ରେ ଜାଗୁଲାଇପଡା

ରାଜକନିକା,୨୨।୧୧(ସବ୍ୟୁ): ରାଜକନିକା ବ୍ଲକ ଜାଗୁଲାଇପଡା ଗ୍ରାମର ଯୁବ କ୍ରୀଡ଼ାବିତ ଦିବଂଗତ ଜ୍ୟୋତି ବନ୍ତ ବିଶ୍ୱାଳ ଙ୍କ ସ୍ମୁତି ରେ ଜେ ଏସ ସି କ୍ଲବ, ଜାଗୁଲାଇପଡା ଆୟୋଜନା ରେ ସ୍ଥାନୀୟ ଖେଳ ପଡିଆ ରେ ୪ର୍ଥ ବାର୍ଷିକ ଜ୍ୟୋତିବନ୍ତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ର ଦ୍ୱିତୀୟ ଦିନରେ ୩ ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା , ପ୍ରଥମ ମ୍ୟାଚ ଏସ ଏନ କ୍ଲବ ବାଘବୁଦା ବନାମ ଏନ ଏ ସି ଚାନ୍ଦବାଲି ମଧ୍ୟରେ ହୋଇଥିଲା

ଏଥିରେ ବାଘବୁଦା ୩-୦ ଗୋଲରେ ବିଜୟ ଲାଭ କରି ୩ୟ ଦଳ ଭାବେ ସେମିଫାଇନାଲ ରେ ପ୍ରବେଶ କରିଥିଲା ,ଏହି ଖେଳରେ ମୁଖ୍ୟ ଅତିଥି ଭାବେ କନିକା ତହସିଲଦାର ଭାନୁମତୀ ମାଝୀ ଯୋଗ ଦେଇଥିଲେ, ଦ୍ୱିତୀୟ ମ୍ୟାଚ ଜେ ଏସ ସି ଜାଗୁଲାଇ ପଡା ବନାମ କିଷାନ କ୍ଲବ ଗୋଲାଡ଼ିଆ ମଧ୍ୟରେ ହୋଇଥିଲା ଏଥିରେ ଜାଗୁଲାଇ ପଡା ୩-୦ ଗୋଲ ରେ ବିଜୟ ଲାଭ କରି ଚତୁର୍ଥ ଦଳ ଭାବେ ସେମିଫାଇନାଲ ରେ ପ୍ରବେଶ କରିଥିଲା,ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଏସ ବି ଆଇ ରାଜକନିକା ର ଶାଖା ପରିଚାଳକ ସୂର୍ଯ୍ୟ ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ ଗୋଲକିହାରୀ ମଲ୍ଲିକ, ଅବସର ପ୍ରାପ୍ତ ସୈନିକ ଅକ୍ଷୟ କୁମାର ନାଥ ଯୋଗ ଦେଇଥିଲେ, ସେହିପରି ତୃତୀୟ ବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଏସ ଏନ କ୍ଲବ ବାଘବୁଦା ବନାମ ଜେ ଏସ ସି ଜାଗୁଲାଇପଡା ମଧ୍ୟରେ ହୋଇଥିଲା, ଏଥିରେ ଜାଗୁଲାଇପଡା ୫-୪ ଟାଇବ୍ରେକର ଗୋଲରେ ବିଜୟ ଲାଭ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ ରେ ପ୍ରବେଶ କରିଛି,ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଓଲା ଭର କଲେଜ ର ଅଧକ୍ଷ ପ୍ରଫେସର ହଳଧର ବେହେରା ଯୋଗଦେଇ ଥିଲେ, ଏହି ଅବସରରେ ଉପଦେଷ୍ଟା ଗଣନାଥ ପିହାରୀ, ପ୍ରେମାନନ୍ଦ ନାୟକ, ମହେଶର ଦାଶ ପ୍ରମୁଖ ଉପସ୍ଥିତ ଥିଲେ,ତମାମ ଖେଳକୁ

ସେକ ସଲିମ,ମାନସ ବିଶ୍ୱାଳ ,ପ୍ରଶାନ୍ତ ସେନାପତି, ଶରତ ଜେନା, ପରିଚାଳନା କରିଥିବା ବେଳେ ନିରଞ୍ଜନ ବିଶ୍ୱାଳ, ବିଶ୍ୱ ରଞ୍ଜନ ପଡ଼ିଆରୀ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ, ଅମିତ ମଲ୍ଲିକ, ଲଲାଟେନ୍ଦୁ ବେହେରା, ପୂର୍ଣ୍ଣ ଚନ୍ଦ୍ର ଦାଶ, ବିନୋଦ ପିହାରୀ, ବିବ୍ରତ ମଲ୍ଲିକ ଓ ଗ୍ରାମବାସୀ ଆଦି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ: ସୁଆଙ୍ଗ ଓ ମେଣ୍ଢାଶାଳବିଜୟୀ

ଖୋର୍ଦ୍ଧା,୨୨।୧୧(ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ସୁଆଙ୍ଗ ଦଳ କାଇପଦର କୁ ୯ ୱିକେଟରେ ପରାସ୍ତ କରିଛି । କାଇପଦର ଦଳ ପ୍ରଥମେ ବ୍ୟାଟିଂ କରି ବ୍ୟାଟିଂ ବିପର୍ଯ୍ୟୟ ର ସମ୍ମୁଖୀନ ହୋଇ ଦଳ ନିର୍ଦ୍ଧାରିତ ୧୫ ଓଭର ରେ ୬୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଆଙ୍ଗ ପକ୍ଷରୁ ନିର୍ମଳ ମାର୍ଥା ୩ ଟି ୱିକେଟ ହାସଲ କରିଥିଲେ।ଜବାବ ରେ ସୁଆଙ୍ଗ ଦଳ ୪ ଓଭର ରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।ଶ୍ରେଷ୍ଠ ଖେଳାଳି ନିର୍ମଳ ମାର୍ଥା ଙ୍କୁ ସମାଜସେବୀ ଅବନୀକାନ୍ତ ସାମନ୍ତରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ୍ ଆଧାର) ଟସ୍ ରେ ବିଜୟ ଲାଭ କରି ମେଣ୍ଢାଶାଳ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା ପ୍ରଥମେ ବ୍ୟାଟିଂ କରି ଭାଲିଆବାଡି ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୪ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସରୋଜ ପଟ୍ଟନାୟକ ୮୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୧୯ ଓଭର ରେ ୪ ୱିକେଟ ହରାଇ ୧୯୬ରନ କରି ୬ ୱିକେଟ ରେ ବିଜୟ ହାସଲ କରି ନେଇଥିଲେ।ଦଳ ପକ୍ଷରୁ ଆଇ ଏସ ଗିରି ୯୫ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ସରୋଜ ବରାଳ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ରିଆଜତ୍ ଅଲ୍ଲୀ। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାରସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ ।୨୩/୧୧/୨୫ ରବିବାର ପ୍ରଥମ ମ୍ୟାଚ୍ ବାଙ୍କୁଆଳ ବନାମ ଯାଆଁଳା ଏବଂ ଦ୍ୱିତୀୟ ମ୍ୟାଚ କଟକ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

# ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଭୁବନେଶ୍ୱର/ଖଣ୍ଡଗିରି,୨୨।୧୧(ସବ୍ୟୁ): ଖଣ୍ଡଗିରି ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏବଂ ଶନିବାର ଦୁଇ ଦିନ ଧରି ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ାରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶନିବାର ଏହି କାର୍ଯ୍ୟକ୍ରମ ଉଦଯାପିତ ହୋଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟ ଯୋଗ ବିଭାଗ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ରଥ ଏହି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ପରିଚଳନା କମିଟି ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ୨୭ଟି ପ୍ରତିଯୋଗିତାରେ ୪୨୫ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୧୧୨ ଜଣ କୃତକାର୍ଯ୍ୟ ହୋଇଥିଲେ। ଏଥିରୁ ୩୬ ଜଣ ସଙ୍କୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି।

ଉଦ୍ଯାପନୀ ଦିବସ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉଦ୍‌ଖ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ରଘୁନାଥ ପୁଷ୍ଟାଳକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା, କ୍ରୀଡ଼ା ପ୍ରମୁଖ ଆରତୀ ବୈଶାଖ, ପରିଚାଳନା ସମିତି ସଦସ୍ୟା ତପସ୍ୱିନୀ ମହନ୍ତ ମଞ୍ଚାସୀନ ଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ସେବକ, ସେବିକା ସହଯୋଗ କରିଥିଲେ।

# ହାଇଟେକରେ ରାଜ୍ୟ ଫିଜିଓ ଥେରାପି କ୍ରିକେଟ୍ ଲିଗ୍



ଭୁବନେଶ୍ୱର,୨୨।୧୧(ସବ୍ୟୁ): ହାଇଟେକ୍ ମେଡ଼ିକାଲ କଲେଜ ପରିସରରେ ଥିବା ଖେଳ ପଡିଆରେ ଓଡ଼ିଶା ରାଜ୍ୟ ଫିଜିଓଥେରାପି ଲିଗର ଇଣ୍ଟର କଲେଜ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ବିଏମସି ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପର ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଉଦଘାଟନ କରିଥିଲେ । ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଡ୍ରିମ୍ସ, ଇଷ୍ଟିଚ୍ୟୁଟ୍ ଅଫ୍ ହେଲଥ ସାଇନ୍ସ, ପ୍ରତୀଭା ଦେବୀ, କିମ୍ସ ଏବଂ ହାଇଟେକର ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଛନ୍ତି । ହାଇଟେକ କଲେଜର ଡିନ ପ୍ରଫେସର ଅମଲେନ୍ଦୁ ଚୌଧୁରୀ, ପ୍ରିନ୍ସିପାଲ ପ୍ରଫେସର ଦୀପକ ସାମନ୍ତରାୟ ଯୋଗଦାନ କରିଥିଲେ । ଓଡ଼ିଶା ରାଜ୍ୟ ଫିଜିଓଥେରାପିର କନଫେରନ୍ସ ଅର୍ଗାନାଇଜିଂ ସେକ୍ରେଟାରୀ ଡାକ୍ତର ସୌମେନ୍ଦ୍ର ପଣ୍ଡା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ଏମ୍-୧୫ ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର: ସିଦ୍ଧାନ୍ତ-ପ୍ରଜ୍ୱଳ ଡବଲ୍ସ ଚାମ୍ପିଅନ

ଭୁବନେଶ୍ୱର,୨୨।୧୧(ସବ୍ୟୁ): କଳିଙ୍ଗ ଷ୍ଟାଡିୟମର ଟେନିସ୍ କୋଟରେ ଏମ୍-୧୫ ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର ପ୍ରତିଯୋଗିତା ଜାରି ରହିଛି । ଶନିବାର ପୁରୁଷ ଡବଲ୍ସରେ ସିଦ୍ଧାନ୍ତ ବନ୍ଥିଆ ଓ ପ୍ରଜ୍ୱଳ ଦେବ ଚାମ୍ପିଅନ ହୋଇଛନ୍ତି । ଡବଲ୍ସ ଫାଇନାଲରେ ସିଦ୍ଧାନ୍ତ-ପ୍ରଜ୍ୱଳ ୭-୬, ୬-୨ ସିଧାସଳଖ ସେଟରେ ମାଧବିନ କାମତ-ରୋହନ ମେହେରାଙ୍କୁ ପରାଜିତ କରି ଟାଇଟଲ ହାତେଇଛନ୍ତି । ସିଙ୍ଗଲ୍ସ ସେମିଫାଇନାଲରେ ପ୍ରଜ୍ୱଳ ଦେବ ୭-୬, ୬-୦ ସେଟରେ ମନୀଷ ସୁରେଶ କୁମାରଙ୍କୁ ଏବଂ ଦିଗବିଜୟ ପ୍ରତାପ ସିଂ ୬-୩, ୬-୨ ସେଟରେ କବୀର ହନ୍ସଙ୍କୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ରବିବାର ପ୍ରଜ୍ୱଳ ଏବଂ ଦିଗବିଜୟଙ୍କ ମଧ୍ୟରେ ଟାଇଟଲ ଲଢ଼େଇ ହେବ । ଶନିବାର ଡବଲ୍ସ ଟାଇଟଲଧାରୀଙ୍କୁ ଅତିଥି ସମ୍ବିତ ପଟ୍ଟନାୟକ, (ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଓ ଯୁଗ୍ମ ସମ୍ପାଦକ) ଓ ଆଇଟିଏଫ୍ ରେଫରୀ ପ୍ରବୀଣ କୁମାର ନାୟକ ପୁରସ୍କୃତ କରିଥିଲେ ।

# କ୍ରୀଡା କ୍ଷେତ୍ରକୁ ପ୍ରୋତ୍ସାହନ ପାଇଁ ରିଲାଏନ୍ସ ଫାଉଣ୍ଡେସନ୍ ପୁରସ୍କୃତ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଫିକିର ୧୫ତମ ବିଶ୍ୱ କ୍ରୀଡ଼ା ସମ୍ମିଳନୀ (ଗ୍ଲୋବାଲ ସ୍ପୋର୍ଟ୍ସ ସମିଟ) 'ଟର୍ଫ ୨୦୨୫' (TURF 2025) ଏବଂ 'ଇଣ୍ଡିଆ ସ୍ପୋର୍ଟ୍ସ ଆୱାର୍ଡସ ୨୦୨୫'ରେ କ୍ରୀଡ଼ା କ୍ଷେତ୍ରରେ ବଶେଷ ଯୋଗଦାନ ପାଇଁ ରିଲାଏନ୍ସ ଫାଉଣ୍ଡେସନ୍କୁ ସମ୍ମାନିତ କରାଯାଇଛି । ନୀତା ଏମ୍. ଅମ୍ବାନୀଙ୍କ ନେତୃତ୍ୱରେ, ରିଲାଏନ୍ସ ଫାଉଣ୍ଡେସନ୍ ତୃଣମୂଳସ୍ତରରୁ ହାଇ-ପରଫରମାନ୍ସ ସ୍ତର ପର୍ଯ୍ୟନ୍ତ କ୍ରୀଡ଼ାକୁ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସ କରିଛି । କ୍ରୀଡ଼ା କ୍ଷେତ୍ରରେ ନୀତା ଅମ୍ବାନୀଙ୍କ ନେତୃତ୍ୱ ତାଙ୍କୁ ଦେଶର ଉଦୀୟମାନ 'ସ୍ପୋର୍ଟ୍ସ ଲିଡର ଅଫ ଇଣ୍ଡିଆ' ଭାବରେ ମଧ ଦେଖାଯାଉଛି ।

ରିଲାଏନ୍ସ ଫାଉଣ୍ଡେସନକୁ କ୍ରୀଡାକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ କର୍ପୋରେଟ - ହାଇ ପରଫର୍ମାନ୍ସ (ବେଷ୍ଟ କର୍ପୋରେଟ୍ ପ୍ରମୋଟିଂ ସ୍ପୋର୍ଟ୍ସ - ହାଇ ପରଫର୍ମାନ୍ସ) ବର୍ଗରେ ପୁରସ୍କାର ପ୍ରଦାନ କରି ଫିକି ପକ୍ଷରୁ କୁହାଯାଇଛି, "ଏହି ପୁରସ୍କାର ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ନୀତା ଏମ. ଅମ୍ବାନୀଙ୍କୁ ତାଙ୍କ ଦୃଷ୍ଟିକୋଣ ଏବଂ ନେତୃତ୍ୱ ପାଇଁ ପ୍ରଦାନ କରାଯାଇଛି । ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଦସ୍ୟ ହୋଇଥିବା ପ୍ରଥମ ଭାରତୀୟ ମହିଳା ଭାବରେ, ନୀତା ଅମ୍ବାନୀ ବିଶ୍ୱବ୍ୟାପୀ ଅଲିମ୍ପିକ୍ ଆନ୍ଦୋଳନକୁ ମଜବୁତ କରିବା ଏବଂ ଭାରତର କ୍ରୀଡ଼ା ଆକାଂକ୍ଷାକୁ ଉଚ୍ଚ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କ ନେତୃତ୍ୱରେ, ରିଲାଏନ୍ସ ଫାଉଣ୍ଡେସନ ତୃଣମୂଳସ୍ତରୀୟ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଏଲିଟ କ୍ରୀଡ଼ାବିତ ବିକାଶ ପର୍ଯ୍ୟନ୍ତ ଅନେକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛି ।"

ନୀତା ଅମ୍ବାନୀ ଏହି ପୁରସ୍କାରକୁ ରିଲାଏନ୍ସ ଫାଉଣ୍ଡେସନ ପରିବାର ଏବଂ ଦେଶର ଯୁବ କ୍ରୀଡ଼ାବିତମାନଙ୍କୁ ଉତ୍ସର୍ଗ କରିଛନ୍ତି । ଏହି ସମ୍ମାନ ଗ୍ରହଣ କରି ସେ କହିଛନ୍ତି, "ଆସନ୍ତା ଦଶନ୍ଧି ଭାରତୀୟ କ୍ରୀଡ଼ାର ସୁବର୍ଣ୍ଣ ଦଶନ୍ଧି ହେବ । ଭାରତକୁ ଏକ ବିଶ୍ୱସ୍ତରୀୟ ବହୁ-କ୍ରୀଡା (ମଲ୍ଟି-ସ୍ପୋର୍ଟ୍ସ) ପାୱାରହାଉସ କରିବାର ସମୟ ଆସିଯାଇଛି । ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ରହିଛି ଯେ ଭାରତ ୨୦୩୬ ଅଲିମ୍ପିକ୍ ଖେଳ ଆୟୋଜନ କରିବ, ଏବଂ ରିଲାଏନ୍ସ ଫାଉଣ୍ଡେସନ ଏହି ସ୍ୱପ୍ନ ପୂରଣ କରିବାକୁ ପ୍ରତିବଦ୍ଧ ରହିଛି ।"

ନୀତା ଅମ୍ବାନୀ କହିଛନ୍ତି ଯେ ରିଲାଏନ୍ସ ଫାଉଣ୍ଡେସନର କ୍ରୀଡ଼ା ପଦକ୍ଷେପଗୁଡ଼ିକ ଦେଶର ଦୁଇ କୋଟି ୩୦ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି । ସ୍କୁଲ ସ୍ତର ହେଉ, ତୃଣମୂଳ ସ୍ତର ହେଉ, କିମ୍ବା ହାଇ-ପରଫରମାନ୍ସ ତାଲିମ କେନ୍ଦ୍ର ହେଉ, ଯୁବପିଢ଼ିକୁ ସବୁଠି କ୍ରୀଡା ସହିତ ଯୋଡାଯାଇଛି । ଯେତେବେଳେ ଆମର ଯୁବପିଢ଼ି ଜିତିଥାନ୍ତି, ଦେଶ ଗର୍ବିତ ହୋଇଥାଏ ।

କ୍ରୀଡାରେ ମହିଳାମାନଙ୍କ ଲଗାତାର ସଫଳତା ବିଷୟରେ ନୀତା ଅମ୍ବାନୀ କହିଛନ୍ତି, "କ୍ରୀଡାରେ ଜୀବନକୁ ପରିବର୍ତ୍ତନ କରିବା, ସମାଜକୁ ଏକତ୍ର କରିବା ଏବଂ ଦେଶକୁ ସଶକ୍ତ କରିବାର ଅନନ୍ୟ ଶକ୍ତି ରହିଛି । ଗ୍ରାମ ଖେଳପଡିଆରୁ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପର୍ଯ୍ୟନ୍ତ ଭାରତର କ୍ରୀଡା ମନୋଭାବ ଜାଗ୍ରତ ହୋଇଛି । ଆମର ଝିଅମାନେ ନିରନ୍ତର ଭାବରେ ଭାରତୀୟ ଜାତୀୟ ପତାକାକୁ ଗୌରବାନ୍ୱିତ କରୁଛନ୍ତି । ଯେତେବେଳେ ଆମର ଝିଅମାନେ ଖେଳନ୍ତି, ସେବେ ପ୍ରତ୍ୟେକ ଝିଅ, ପ୍ରତ୍ୟେକ ମହିଳା ଜିତିଥାନ୍ତି ।"

ସମ୍ମିଳନୀ ଅବସରରେ ନୀତି ନିର୍ଦ୍ଧାରକ, ଉଦ୍ୟୋଗ ଜଗତର ନେତୃମଣ୍ଡଳୀ, କ୍ରୀଡ଼ାବିତ ଏବଂ କ୍ରୀଡା କ୍ଷେତ୍ରରେ ନବସୃଜନ ଆଣିଥିବା ବ୍ୟକ୍ତିବିଶେଷ ଭାରତର କ୍ରୀଡା ଭବିଷ୍ୟତ ଉପରେ ପ୍ରତିଫଳନ କରିବା ପାଇଁ ଏକାଠି ହୋଇଥିଲେ ।

# ଇନୋଭାରେ କପ୍: ସୋଆ, ଓଡ଼ିଶା ପୋଲିସ୍ ବିଜୟୀ




ଭୁବନେଶ୍ୱର,୨୨।୧୧(ଏଜେନ୍ସି): ମେଗା କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇନୋଭାରେପ କପରେ ଶନିବାର ଇଡକୋ, ସୋଆ ଏବଂ ରେଳବାଇ ଷ୍ଟାଡିୟମରେ ମ୍ୟାଚ ଖେଳାଯାଇଛି । ଏଥିର ସୋଆ, ଏସଥ୍ରୀସି, ଆରସିସି, ଓଡ଼ିଶା ପୋଲିସ୍, ରୟାଲ ଷ୍ଟ୍ରାଇକର୍ସ, ଟିସିଏସ ବିଜୟଲାଭ କରିଛନ୍ତି ।

ଇଡକୋ ଷ୍ଟାଡିୟମରେ ସୋଆ ୭୩ ରନ୍ ବ୍ୟବଧାନରେ ସାଫେରିକ୍ସ ଦଳକୁ ଧରାଶାୟୀ କରିଛି । ଦ୍ୱିତୀୟ ମ୍ୟାଚରେ ଏସଥ୍ରୀସି ୬୦ ରନ୍ ବ୍ୟବଧାନରେ ଲୟର୍ସ ଦଳକୁ ପରାଜିତ କରିଥିଲା । ସୋଆ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆରସିସି ୮ ୱିକେଟରେ କର୍ପୋରେଟ ଏକାଦଶକୁ ଏବଂ ଓଡ଼ିଶା ପୋଲିସ୍ ୭ ୱିକେଟରେ ଆକସେଣ୍ଟର ଦଳକୁ ଧରାଶାୟୀ କରି ଆଗକୁ ବଢ଼ିଛି । ରେଳବାଇ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ରୟାଲ ଷ୍ଟ୍ରାଇକର୍ସ ୪ ୱିକେଟରେ କିଟକୁ ଏବଂ ଟିସିଏସ୍ ୧୫ ରନ୍ ବ୍ୟବଧାନରେ ସିସିସିକୁ ପରାଜିତ କରି ଆଗକୁ ବଢ଼ିଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି